

ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-356 ♦BHUBANESWAR ♦TUESDAY ♦24 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୫୬ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୪ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଟେଷ୍ଟ ଶତକରେ ୱିକେଟକିପରଙ୍କ ରେକର୍ଡ

■ **ଲିଡ୍ସ, ୨୩।୬ (ଏଜେନ୍ସି):** ୱିକେଟ୍ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରି ଋଷଭ ପନ୍ତ୍ ଭାରତ କ୍ରିକେଟ୍ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ବିଶ୍ୱରେ ଜଣେମାତ୍ର ୱିକେଟରକ୍ଷକ ଭାବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାର ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏବେ ପନ୍ତ୍ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରି ଫ୍ଲାୱାରଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଇଂଲଣ୍ଡର ଲିଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ୍ ୧୩୪ ରନ୍ ଓ ଦ୍ୱିତୀୟ ଇନିଂସରେ

**ଫ୍ଲାୱାରଙ୍କ ସମକକ୍ଷ ହେଲେ ଋଷଭ ପନ୍ତ୍**

୧୧୮ ରନ୍ କରିଛନ୍ତି। ଏହା ଫଳରେ ସେ ପ୍ରଥମ ଭାରତୀୟ ୱିକେଟ ରକ୍ଷକ ଭାବେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଏବଂ ଇଂଲଣ୍ଡ



ମାଟିରେ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ୬ଜଣ ଭାରତୀୟ ଦେଶ ଓ ବିଦେଶରେ ଗୋଟିଏ ଟେଷ୍ଟରେ ୨ଟି ଶତକ

**ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ଶତକ**

ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୬୮ଟି ଟେଷ୍ଟ ଖେଳି ମଧ୍ୟ କେହି ଏପରି ସଫଳତା ପାଇ ନ ଥିଲେ।

ଏଠାରେ ଭାରତର ଦ୍ୱିତୀୟ ଇନିଂସରେ ମଧ୍ୟ ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ପନ୍ତ୍ ଓ ରାହୁଲ ଚତୁର୍ଥ ୱିକେଟ ଭାଗିଦାରୀରେ ୧୯୫ ରନ୍ ଉଠାଇ ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ଶତକ ହାସଲ କରିଥିଲେ। ଗୋଟିଏ ଟେଷ୍ଟରେ ୫ଜଣ ଖେଳାଳି ଶତକ ହାସଲ କରି ଭାରତର କ୍ରିକେଟ ଇତିହାସରେ ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି।

# ଘନଉଛି ବିଶ୍ୱଯୁଦ୍ଧ

## ସିରିଆରେ ଥିବା ଆମେରିକାର ସାମରିକ ଘାଟି ଧ୍ୱଂସକଲା ଇରାନ୍

■ **ତେହେରାନ, ୨୩।୬ (ଏଜେନ୍ସି):** ଇରାନ-ଇସ୍ରାଏଲ୍ ଯୁଦ୍ଧରେ ହସ୍ତକ୍ଷେପ ଓ ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଅଶାନ୍ତ କରିଛି। ଇରାନର ତିନି ପରମାଣୁ ଘାଟି ଫୋର୍ଡ଼ୋ, ନାଟାଞ୍ଜ ଓ ଇସଫାହାନ ଉପରେ ଆମେରିକା ବଙ୍କର ବଷ୍ଟର ବି-୨ ବୋମା ପ୍ରୟୋଗ କରି ଧ୍ୱଂସର ପ୍ରତିଶୋଧ ନେଇ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରି ସିରିଆରେ ଆମେରିକୀୟ ସାମରିକ ଘାଟିକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛି। ସୂଚନା ଅନୁସାରେ ସୋମବାର (ଜୁନ୍୨୩) ରେ ସିରିଆର ପଶ୍ଚିମ ପ୍ରାନ୍ତର ହାସାକା ପ୍ରଦେଶରେ ଅବସ୍ଥିତ ଆମେରିକୀୟ ଘାଟି ଉପରେ ଇରାନ୍ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନର ଏହି ଆକ୍ରମଣ ପରିସ୍ଥିତିକୁ ଅଧିକ ସଙ୍କଟଜନକ କରିଛି। ସେହିପରି ଇରାନ୍ ଆମେରିକାରେ ନିଜର ସ୍ଲିପର ସେଲ୍‌କୁ ସକ୍ରିୟ କରିଥିବା ସୂଚନା ମିଳିବା ପରେ ନ୍ୟୁୟର୍କ ସହରରେ ହାଇ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ ଉଭୟ ଇରାନ୍ ଓ ଇସ୍ରାଏଲ୍ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇରାନ୍‌ର ବିଭିନ୍ନ ବିମାନବନ୍ଦର ଓ ସାମରିକ ଘାଟି ଉପରେ ଆକ୍ରମଣ କରି ଇସ୍ରାଏଲ୍ ୧୫ ଲଢୁଆ ବିମାନ ଧ୍ୱଂସ କରିଛି।ଇସ୍ରାଏଲ୍ ଡ଼ିଫେନ୍ସ ଫୋର୍ସ (ଆଇଡ଼ିଏଫ୍) ଇରାନର ପଶ୍ଚିମ, ପୂର୍ବ ମଧ୍ୟଭାଗରେ ଥିବା ୬ଟି ସାମରିକ ବିମାନବନ୍ଦର ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ରନୱେ ଓ ଭୂତଳ ବଙ୍କରରେ ଥିବା ପ୍ରାୟ ୧୫ଟି ଏଫ୍-୧୪, ଏଫ୍-୫ ଓ ଏଏଚ୍-୧ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଏହା ସହିତ ବିମାନଗୁଡ଼ିକରେ ଆକାଶରେ ଇନ୍ଧନ ଭର୍ତ୍ତି କରୁଥିବା ଅନ୍ୟଏକ ସାମରିକ ବିମାନ ମଧ୍ୟ ଧ୍ୱଂସ ପାଇଛି। ଇରାନ୍ ଏହି ବିମାନଗୁଡ଼ିକୁ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ବ୍ୟବହାର କରୁଥିବା ସୂଚନା ପାଇ ଆଇଡ଼ିଏଫ୍ ସମ୍ପୃକ୍ତ ବିମାନକୁ ନିଶାଣ କରିଥିବା ସୂଚନା ଦେଇଛି। ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନର ଏହି ସାମରିକ ବିମାନବନ୍ଦରଗୁଡ଼ିକରୁ ▶ପୃଷ୍ଠା-୭

- **ଇସ୍ରାଏଲ୍ ଆକ୍ରମଣରେ ଇରାନର ୧୫ ଲଢୁଆ ବିମାନ ନଷ୍ଟ**
- **ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହଯୋଗ ଲୋଡ଼ିଲେ ଇରାନ୍ ରାଷ୍ଟ୍ରପତି**
- **ଇରାନୀ ସ୍ଲିପରସେଲ୍ ଆକ୍ରମଣ ଭୟରେ ନ୍ୟୁୟର୍କରେ ହାଇ ଆଲର୍ଟ**
- **ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ସହ ସବୁ ସମ୍ପର୍କ ଛିନ୍ନ: ଇରାନ**
- **ପ୍ରତି କ୍ଷେପଣାସ୍ତ୍ର ମାଡ଼ର ଗୋଟିଗୋଟି ହିସାବ ଦିଆଯିବ: ଇସ୍ରାଏଲ**



### ଯାଜପୁରରେ ହଟଚମଟ

## ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ

■ **ଦଶରଥପୁର, ୨୩।୬ (ସମିସ):** ଗାଁ ପରିବେଶ, ପରମ୍ପରା, ସଂସ୍କୃତି, ଚାଲିଚଳଣି ଜାଣିବା ପାଇଁ ସାଙ୍ଗ ସହ ସୁଦୂର ଦିଲ୍ଲୀରୁ ଛୁଟି ଆସିଥିଲେ। କିନ୍ତୁ ତାଙ୍କ ସହ ଏଠାରେ ଅସଦାଚରଣ ଭଳି ଅଘଟଣ ଯେ ଘଟିବ, ତାହା ସେ କେବେ କଳ୍ପନା କରିନଥିଲେ। ଦୁର୍ବୃତ୍ତଙ୍କ ଅସଦାଚରଣ ଯେତିକି କଷ୍ଟ ଦେଲା, ତା'ଠାରୁ ଅଧିକ କଷ୍ଟକର ଥିଲା ପୁଲିସ୍‌ର ବ୍ୟବହାର ଓ ନିଷ୍କ୍ରିୟତା। ବାନ୍ଧବୀଙ୍କ ସହ ଯାଜପୁର ଜିଲ୍ଲା ଦଶରଥପୁର ବୁଲି ଆସିଥିବା ଦିଲ୍ଲୀର ଉକ୍ତ ଯୁବତୀଜଣଙ୍କ ହେଲେ, ଲିଜା ଶର୍ମା (ଛଦ୍ମନାମ)। ଦଶରଥପୁର ଅଞ୍ଚଳର ସାଙ୍ଗ ସୁମିତ୍ରା ସାହୁ (ଛଦ୍ମନାମ)ଙ୍କ ସହ ସେ ଯାଜପୁର ବୁଲି ଆସିଥିବା ବେଳେ ତାଙ୍କ ସହ ଏହି ଆପରାଧିକ ଘଟଣା ଘଟିଛି। ଦୁଇ ଦୁର୍ବୃତ୍ତ ଉଭୟଙ୍କୁ ଅସଦାଚରଣ କରିବା ସହ ସୁମିତ୍ରାଙ୍କ ସଂପର୍କୀୟ ଭାଇଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଛନ୍ତି।

- **ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବତୀଙ୍କ ସମ୍ପର୍କୀୟ ଗୁରୁତର**
- **ସାଙ୍ଗ ସହ ଗାଁ ବୁଲି ଆସିଥିଲେ**
- **ଦୁର୍ବୃତ୍ତଙ୍କ ଅସଦାଚରଣଠାରୁ ବଳିଗଲା ପୁଲିସ୍‌ର ନିଷ୍କ୍ରିୟତା**

ଅପରପକ୍ଷେ, ମହିଳାଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କିଛି ଦିନ ତଳେ ନିଜ ନାଗରିକଙ୍କ ପାଇଁ ଆମେରିକା ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଏହି ଘଟଣା ସତ ପ୍ରମାଣିତ କରିଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାନୁଯାୟୀ, ଗତ ୨୧ ତାରିଖରେ ସୁମିତ୍ରାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ▶ପୃଷ୍ଠା-୭

### ସୂଚନା ଦେଲେ ପ୍ରେମ୍ ପଟ୍ଟନାୟକ

## ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ନବୀନ

■ **ଭୁବନେଶ୍ୱର, ୨୩।୬ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ସୋମବାର ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ୍ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରେମ୍ ପଟ୍ଟନାୟକ କହିଛନ୍ତି ଯେ ଅସ୍ତ୍ରୋପଚାର ପରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ ନିରୀକ୍ଷଣରେ ଅଛନ୍ତି। ବର୍ତ୍ତମାନ ସେ କିଛି କିଛି ଚଲାବୁଲା ମଧ୍ୟ କରୁଛନ୍ତି। ଏହି ଅବସରରେ ନବୀନଙ୍କ ପାଇଁ ଚିନ୍ତା ପ୍ରକଟ କରିଥିବା ଓ ପ୍ରାର୍ଥନା କରିଥିବା ରାଜ୍ୟବାସୀଙ୍କୁ ପ୍ରେମ୍ କୃତଜ୍ଞତା ଜଣାଇଛନ୍ତା। ଏହାସହିତ ରାଜ୍ୟବାସୀଙ୍କ ମଙ୍ଗଳକାମନା ଯୋଗୁଁ ନବୀନ ପଟ୍ଟନାୟକ ▶ପୃଷ୍ଠା-୭

**ପ୍ରାର୍ଥନା ପାଇଁ ରାଜ୍ୟବାସୀଙ୍କୁ ଜଣାଇଲେ କୃତଜ୍ଞତା**



### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## କ୍ରାଇମ୍‌ବ୍ରାଞ୍ଚ ହାତରେ ଡିଜିଟାଲ ପ୍ରମାଣ

■ **ଭୁବନେଶ୍ୱର, ୨୩।୬ (ସମିସ):** ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ତଦନ୍ତ ବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି ଡିଜିଟାଲ ପ୍ରମାଣ। ଯାହାକି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସହାୟକ ହେବ। ସିସିଟିଭି ଫୁଟେଜ ଓ ମୋବାଇଲରୁ ମିଳିଛି ବଳିଷ୍ଠ ପ୍ରମାଣ। କ୍ରାଇମ୍ ସିନ୍ ସିସିଟିଭିରେ କଏଦ ହୋଇଥିବା ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର। ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଯଥେଷ୍ଟ ପ୍ରମାଣ ରହିଛି। କଠୋରରୁ କଠୋର ଦଣ୍ଡ ପାଇଁ ସବୁ ପ୍ରୟାସ ହେବ। ଘଟଣାକୁ ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ। ଏହି ଘଟଣାରେ ପୋଲିସ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କର ▶ପୃଷ୍ଠା-୭

- **ମୋବାଇଲରେ ଭିଡିଓ କରିଥିଲେ ଅଭିଯୁକ୍ତ**
- **ଆଖପାଖର ସିସିଟିଭି ଫୁଟେଜ୍ ସଂଗ୍ରହ**

### ମାମଲା ରୁଜୁକଲେ ଏନ୍‌ଏଚ୍‌ଆର୍‌ସି

■ **ଭୁବନେଶ୍ୱର,୨୩।୬(ସମିସ):** ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣାର ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଏନ୍‌ଏଚ୍‌ଆର୍‌ସି ନିଜଆଡୁ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ଡିଜିଙ୍କୁ ଆୟୋଗ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ / ପରାମର୍ଶ ସମ୍ପର୍କରେ ସବିଶେଷ ସୂଚନା ରିପୋର୍ଟରେ ଉଲ୍ଲେଖ କରିବାକୁ କୁହାଯାଇଛି।

### ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ଘଟଣାରେ ୯ ଅଟକ

## ତାତିଲା ଦଳିତ ମହାସଭା


■ **ଧରାକୋଟ, ୨୩।୬ (ସମିସ):** ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଘଟଣାକୁ ନେଇ ଦଳିତ ମହାସଭା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଘଟିଥିବା ଏହି ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ମହାସଭାର ଜିଲ୍ଲା ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଆଜି ଦୁଇ ପୀଡ଼ିତଙ୍କ ଗାଁ ସିଙ୍ଗିପୁରରେ ମହାସଭା ପକ୍ଷରୁ ଏକ ଜରୁରୀ ବୈଠକ ▶ପୃଷ୍ଠା-୭




## ଉଦ୍‌ବେଗ ପ୍ରକାଶ କଲେ ରାହୁଲ ଗାନ୍ଧୀ

■ **ଭୁବନେଶ୍ୱର,୨୩।୬(ସମିସ):** ଗଞ୍ଜାମ ଧରାକୋଟ୍‌ରେ ଦୁଇ ଦଳିତ ଯୁବକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଓଡ଼ିଶାର ଦୁଇଜଣ ଦଳିତ ଯୁବକଙ୍କୁ ଆଣ୍ଠୁରେ ଚଲେଇବା, ଘାସ ଖାଇବା ସହ ନାଳ ପାଣି ପିଇବାକୁ ବାଧ ▶ପୃଷ୍ଠା-୭

**'ମନୁସ୍ମୃତି ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେଉ'**






## ମୋ ଜୀବନ ପ୍ରତି ବିପଦ: ତେଜପ୍ରତାପ

ପାଟନା, ୨୩।୬(ଏଜେନ୍ସି): ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନିଜ ଜୀବନ ପ୍ରତି ବିପଦ ଅଛି ବୋଲି ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଷଡ଼ଯନ୍ତ୍ର କରି ମୋତେ ପାର୍ଟି ଅର୍ଥାତ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ରୁ ବହିଷ୍କାର କରାଯାଇଛି। ମୋ ବ୍ୟକ୍ତିଗତ ଜୀବନକୁ ନେଇ ଲୋକେ ଆକ୍ଷେପ କରୁଛନ୍ତି। ଏହାକୁ କେହି ବରଦାସ୍ତ କରିବେ ନାହିଁ। ଯଦି ମୋ ଉପରେ



ଏଭଳି ଚାପ ପ୍ରୟୋଗ କରାଯାଏ, ତେବେ ଆଇନର ଆଶ୍ରୟ ନେବି ବୋଲି ସେ କହିଛନ୍ତି। ଆରଜେଡି ଓ ପରିବାରରୁ ବାହର କରିଦିଆଯିବା ପରେ ସେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଛନ୍ତି। ମୁଁ ଡରିବା ଲୋକ ନୁହଁ ଓ ମୁକାବିଲା କରିବାକୁ ପ୍ରସ୍ତୁତ। ମୋ ବରୋଧରେ ଷଡ଼ଯନ୍ତ୍ର କରିଥିବା ୪-୫ ଜଣ ଲୋକ ନାମ ପଦାକୁ ଆଣିବି। ମୋତେ ଅନ୍ୟାୟ ଭାବେ ପାର୍ଟି, ପରିବାର ଓ ସଂଗଠନରୁ ବାହର କରିଦିଆଯାଇଛି। କେବେ କାହାର ଅମଙ୍ଗଳ ଚିନ୍ତା କରିନାହିଁ। ସବୁବେଳେ ମାତାପିତାଙ୍କର ସମ୍ମାନ କରିଛି। ମୋ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବି। ସାନ ଭାଇ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମୋର ଆଶୀର୍ବାଦ ରହିଛ ବୋଲି ସେ କହିଛନ୍ତି।

## ପୁଣି ମୋଦୀଙ୍କୁ ପ୍ରଶଂସା କଲେ ଥରୁର୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଗୋଟେପଟେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ଅନ୍ୟପଟେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା



ଶଶି ଥରୁର ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଏକ ଇଂରାଜୀ ଖବରକାଗଜରେ ସ୍ତମ୍ଭ ଲେଖି ସେ ମୋଦିଙ୍କୁ ଦେଶର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି। ମୋଦୀଙ୍କ ଶକ୍ତି, ଗତିଶୀଳତା ଓ ଇଚ୍ଛାଶକ୍ତି ହିଁ ତାଙ୍କୁ ଦେଶର ଏକ ପ୍ରମୁଖ ସମ୍ପତ୍ତି ଭାବେ ଗଢ଼ି ତୋଳିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଜବାବରେ ଭାରତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ କରାଯାଇଥିବା ଅପରେସନ ସିନ୍ଦୂର ପରେ ବିଶ୍ୱରେ ବିଭିନ୍ନ ଦେଶକୁ ପଠାଯାଇଥିବା ଭାରତୀୟ ପ୍ରତିନିଧିମଣ୍ଡଳୀର ଅଭିଜ୍ଞତା ନେଇ ସେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା ଭାରତ କୂଟନୈତିକସ୍ତରରେ ମଧ୍ୟ ସାରା ବିଶ୍ୱରେ ନିଜର ବର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ଥରୁରଙ୍କ ନେତୃତ୍ୱରେ ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀ ଆମେରିକାର ସମେତ ଗୁଏନା, ପାନାମା, କଲମ୍ବିଆ, ବ୍ରାଜିଲ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଏହି ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛି ବୋଲି ସେ କହିଛନ୍ତି।

## ଜଗନମୋହନଙ୍କ ବିରୋଧରେ ଏଫ୍ଆଇଆର୍

ହାଇଦରାବାଦ୍, ୨୩।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପୂର୍ବତନ ମୁଖମନ୍ତ୍ରୀ ଜଗମୋହନ ରେଡ୍ଡୀଙ୍କ ବିରୋଧରେ ହିଟ୍ ଆଣ୍ଡ ରନ୍ ମାମଲାରେ ଏଫ୍ଆଇଆର ଦାଏର କରାଯାଇଛି। ଗୁଣ୍ଟୁର ଜିଲ୍ଲା ଏସ୍‌ପି ଏସ୍ ସତୀଶ କୁମାର ରବିବାର ରାତିରେ ଏକ ସାମ୍ବାଦିକ ସମ୍ମଳନୀରେ ଏନେଇ ସୂଚନା ଦେଇଛନ୍ତି। ଜଗମୋହନ କାର ୫ ଦିନ ତଳେ ଏକ ରୋଡ ଶୋ ଅବସରରେ ଜଣେ ୫୩ ବର୍ଷୀୟ ବ୍ୟକ୍ତିଙ୍କ



ଉପରେ ମାଡିଯାଇଥିଲା। ହସ୍ପିଟାଲ ନେବା ବେଳେ ତାଙ୍କୁ ମୃତ୍ୟୁ ହୋଇଥିଲା। ଏହି ମୃତ ବ୍ୟକ୍ତିଙ୍କ ନାମ ଚିଲି ସିଙ୍ଗିଆ ବୋଲି କୁହାଯାଇଛି। ସେ ଜଗନମୋନହଙ୍କ ପାଟି ୱାଇଆରଏସ୍‌ସିପିର କର୍ମୀ ଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଓ ଏହା ସାମ୍ନାକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଗତ ୧୮ ତାରିଖରେ ଏହି ଘଟଣା ଘଟିଥିଲା। ଜଗନ ପାଲନାଡୁ ଜିଲ୍ଲାରେ ରେଣ୍ଟାପଲ୍ଲା ଗାଁରେ ଜଣେ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଯାଉଥିଲେ। ଏହି କାର୍ଯ୍ୟକର୍ତ୍ତା ଗତ ବର୍ଷ ପୁଲିସ୍ ପ୍ରତାଡ଼ନାର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଜଗନ ତାଙ୍କ ସମର୍ଥନ ରୋଡ ଶୋ'ର ଆୟୋଜନ କରିଥିଲେ। ସିଙ୍ଗିଆ ଜଗନଙ୍କ ଗାଡି ଉପରେ ଫୁଲ ପକାଇଥିବା ବେଳେ ତଳେ ପଡ଼ିଯାଇଥିଲେ ଓ ଗାଡି ତାଙ୍କ ଉପରେ ଚଢିଯାଇଥିଲା। ଜଗନଙ୍କୁ ମାତ୍ର ୩ଟି ଗାଡ଼ି ନେବାର ଅନୁମତି ଦିଆଯାଇଥିଲା। କିନ୍ତୁ ତାଙ୍କ ରୋଡ ଶୋରେ ୩୦ଟି ଗାଡ଼ି ସାମିଲ ଥିଲା। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ପରେ ଜଗନଙ୍କ ବରୋଧରେ ମାମଲା ରୁଜୁ କରାଯାଇଛି ବୋଲି ସତୀଶ କହିଛନ୍ତି।

## ବିଧାନସଭା ଉପନିର୍ବାଚନ

# ଗୁଜରାଟ, ପଞ୍ଜାବରେ ଆପ୍‌ର ବାଜିମାତ୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ୪ଟି ରାଜ୍ୟରେ ଅନୁଷ୍ଠିତ ୫ଟି ବିଧାନସଭା ଉପନିର୍ବାଚନର ଫଳାଫଳ ହସ୍ତଗତ ହୋଇଛି। ଏଥିରେ ଆମ ଆଦମୀ ପାର୍ଟି (ଆପ୍) ସଫଳତା ନେଇ ସାରା ଚର୍ଚ୍ଚା ଆରମ୍ଭ ହୋଇଛି। ବିଜେପି ଶାସିତ ରାଜ୍ୟ ଗୁଜରାଟର ବିସାଭଦାର ଓ ପଞ୍ଜାବର ଲୁଧିଆନାରେ ଆପ୍ ବିଜୟ ହାସଲ କରିଛି। ଗୁଜରାଟର ଅନ୍ୟଏକ ସିଟ୍ କଡ଼ିରେ ବିଜେପି ବାଜି

**■ ବିଜେପି, ତୃଣମୂଳ, କଂଗ୍ରେସକୁ ଗୋଟିଏ ଲେଖାଏ ସିଟ୍**






ମାରିଥିବା ବେଳେ କେରଳରେ ନୀଲମ୍ବୁର ସିଟ୍‌ରେ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ ବିଜୟୀ ହୋଇଛି। ସେହିପରି ପଶ୍ଚିମବଙ୍ଗର କାଲିଗଞ୍ଜ ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ ବାଜି ମାରିଛି। ଆପ୍ ଦୁଇଟି, ବିଜେପି, ତୃଣମୂଳ କଂଗ୍ରେସ, କଂଗ୍ରେସ ଗୋଟିଏରେ ଲେଖାଏ ସିଟ୍‌ରେ ବାଜି ମାରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପରାଜୟ ପରେ ଏହି ବିଜୟ ଆମ ଆଦମୀ ପାର୍ଟି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

କଡ଼ି ବିଧାନସଭା (ଗୁଜରାଟ)ରେ ବିଜେପି: ଏହି ସିଟ୍‌ରେ ବିଜେପିର ରାଜେନ୍ଦ୍ର ଚାବଡା (୯୯୭୨୭) ୩୯, ୪୫୪ ଭୋଟ୍‌ରେ କଂଗ୍ରେସର ରାମଶ ଚାବଡ଼ା (୬୦୨୯୦)ଙ୍କୁ ପରାସ୍ତ କରିଛନ୍ତି। ଫଳରେ ୨୦୧୭ରୁ ବିଜେପି ଏହି ସିଟ୍‌କୁ ବଜାୟ ରଖିବାରେ ସଫଳ ହୋଇଛି। ୨୦୨୨ ନିର୍ବାଚନରେ କର୍ଶନ ସୋଲାଙ୍କି ବିଜୟୀ ହୋଇଥିଲେ। ସେ ମୃତ୍ୟୁ ବରଣ କରିଥିବା ବେଳେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ବିସାଭଦର (ଗୁଜରାଟ)ରେ ଆପ୍: ଏହି ସିଟ୍‌ରେ ଆପ୍‌ର ଗୋପାଳ ଇଟାଲିଆ ୧୭, ୫୫୪ ଭୋଟ୍‌ରେ ବିଜେପିର କିର୍ତ୍ତୀ ପଟେଲଙ୍କୁ ପରାସ୍ତ କରିଛନ୍ତି। ଗୋପାଳ ୭୫, ୯୪୨ ଓ କିର୍ତ୍ତୀ ୫୮, ୩୮୮ ଭୋଟ ପାଇଥିଲେ। ୨୦୨୨ରେ ଭୁପେନ୍ଦ୍ର ଭାୟାନୀ ବିଜୟୀ ହୋଇଥିଲେ। ସେ ଇସ୍ତାଫ ଦେଇ ବିଜେପିରେ ଯୋଗ ଦେଇଥିଲେ। ଫଳରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

ଲୁଧିଆନା (ପଞ୍ଜାବ)ରେ ଆପ୍: ପଞ୍ଜାବର ଏହି ନିର୍ବାଚନ ମଣ୍ଡଳୀରେ ଆପ ବିଜୟୀ ହେବା ସହ ସିଟ୍ ବଜାୟ ରଖିବାକୁ ସକ୍ଷମ ହୋଇଛି। ଆପ୍‌ର ସଞ୍ଜୀବ ଆରୋରା ୧୦, ୬୩୭ ଭୋଟ୍‌ରେ କଂଗ୍ରେସର ଭାରତ ଭୂଷଣ ଆଶୁଙ୍କୁ ପରାସ୍ତ କରିଛନ୍ତି। ସଞ୍ଜୀବ ୩୫, ୧୭୯ ଓ ଭାରତ ୨୪, ୫୪୨ ଭୋଟ୍ ହାସଲ କରିଥିଲେ। ଗତ ନିର୍ବାଚନରେ ବିଜୟୀ ହୋଇଥିବା ଆପ୍‌ର ଗୁରପ୍ରୀତ ଗୋଗି ମୃତ୍ୟୁବରଣ କରିଥିବାର ଉପ ନିର୍ବାଚନ ହୋଇଥିଲା।

ନିଲାମ୍ବୁର (କେରଳ)ରେ କଂଗ୍ରେସ: ଏହି ନିର୍ବାଚନ ମଣ୍ଡଳୀରେ ଆର୍ଯ୍ୟଦାନ ସୌକତ ୧୧, ୦୭୭ ଭୋଟ୍‌ରେ ସିପିଆଇଏମ୍‌ର ଏମ୍ ସ୍ୱରାଜଙ୍କୁ ପରାସ୍ତ କରିଛନ୍ତି। ଆର୍ଯ୍ୟଦାନ ୭୭, ୭୩୭ ଭୋଟ୍ ପାଇଥିବା ବେଳେ ସ୍ୱରାଜ ୬୬, ୬୬୦ ଭୋଟ ପାଇଛନ୍ତି। ସ୍ୱାଧିନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ପିଭି ଅନୱର ଇସ୍ତଫା ଦେବା ଫଳରେ ଉପନିର୍ବାଚନ ହୋଇଥିଲା। ଅନୱର ଏବେ କେରଳର ତୃଣମୂଳ କଂଗ୍ରେସର ମୁଖ ଭାବେ ଦାୟିତ୍ୱରେ ଅଛନ୍ତି।

କାଲିଗଞ୍ଜ (ପଶ୍ଚିମବଙ୍ଗ)ରେ ତୃଣମୂଳ: ଏହି ସିଟ୍‌ରେ ଶାସକ ଦଳ ତୃଣମୂଳ କଂଗ୍ରେସର ଅଲିଫା ଅହମ୍ମଦ ୫୦, ୦୪୯ ଭୋଟ୍‌ରେ ବିଜେପିର ଆଶିଷ ଘୋଷଙ୍କୁ ପରାସ୍ତ କରିଛନ୍ତି। ଅଲିଫା ୧୦, ୨୭୫୯ ଭୋଟ୍ ପାଇଥିବା ବେଳେ ଆଶିଷ ୫୨, ୭୧୦ ଭେଟ ପାଇଛନ୍ତି। ସିଟିଂ ଏମ୍‌ଏଲ୍‌ଏ ତୃଣମୂଳର ନାସିରୁଦ୍ଦିନ ଅହମ୍ମଦ ମୃତ୍ୟୁବରଣ କରିବା ପରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

## ସିରିଆର ଚର୍ଚ୍ଚରେ ଆତ୍ମଘାତୀ ବିସ୍ଫୋରଣ; ୨୨ ମୃତ



ଦାମାସକସ୍, ୨୩।୬(ଏଜେନ୍ସି): ସିରିଆ ରାଜଧାନୀ ଦାମାସକସ୍‌ରେ ଏକ ଚର୍ଚ୍ଚରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ରବିବାର ରାତି ହୋଇଥିବା ଏହି ଘଟଣାରେ ଅତିକମ୍‌ରେ ୨୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୬୩ ଜଣ ଆହତ ହୋଇଛନ୍ତି। ଗ୍ରୀକ ଆର୍ଥୋଡକ୍ସ ସେଣ୍ଟ ଏଲିଆସ ଚର୍ଚ୍ଚରେ ପ୍ରାର୍ଥନା ଅବସରରେ ଲୋକ ଯୋଗ ଦେବା ପରେ ଏହି ଘଟଣା ଘଟିଥିଲା। ଆଇଏସ୍‌ଆଇଏସ୍‌ର ଜଣେ ଆତଙ୍କବାଦୀ ଚର୍ଚ୍ଚରେ ଧସେଇ ପସିବା ପରେ ପ୍ରଥମେ ଫାୟାରିଂ କରିଥିଲେ ଓ ପରେ ବୋମା ଫୁଟାଇ ନିଜକୁ ଉଡାଇ ଦେଇଥିଲେ। ଏହି ଆକ୍ରମଣ ଭାରତୀୟ ସମୟ ଅନୁସାରେ ରାତିରେ ହୋଇଥିଲା। ଏହି ଆତଙ୍କବାଦୀ ସହ ଜଣେ ବନ୍ଧୁକଧାରୀ ମଧ୍ୟ ଥିଲା। ସେ ମଧ୍ୟ ଲୋକ ଉପରେ ଗୁଳି ବର୍ଷା କରିଥିଲା। କିନ୍ତୁ ବିସ୍ଫୋରଣ ଘଟାଇ ନଥିଲା। ସେତେବେଳେ ଚର୍ଚ୍ଚରେ ପାଖାପାଖି ୧୫୦ରୁ ୩୫୦ ଲୋକ ଥିଲେ। ସୁରକ୍ଷାକର୍ମୀ ଯାଞ୍ଚ ପ୍ରକ୍ରିୟାର ଆରମ୍ଭ କରିଥିବା ବେଳେ ଚର୍ଚ୍ଚକୁ ଘେରାଉ କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣକୁ ସିରିଆ ସରକାର ନନ୍ଦା କରିଛନ୍ତି।

## ବିଜେପି ବିଧାୟକଙ୍କୁ ବସିବାକୁ ନ ଦେବାରୁ ବ୍ୟକ୍ତିଙ୍କୁ ମାଡ଼

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ବନ୍ଦେ ଭାରତ ଟ୍ରେନ୍‌ରେ ଆଉ ଏକ ଘଟଣା ସମ୍ନାକୁ ଆସିଛି। ଦିଲ୍ଲୀ- ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ବିଜେପିର ଜଣେ ବିଧାୟକଙ୍କୁ ସିଟ୍‌ରେ ବସିବାକୁ ନ ଦେବା ଫଳରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଛି। ଗୁରୁବାର ଏହି ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ଝାନ୍‌ସିର ବିଜେପି ବିଧାୟକ ରାଜୀବ ସିଂ ପତ୍ନୀ ଓ ପୁଅ ସହ ନିଜ ନିର୍ବାଚନ ମଣ୍ଡଳୀ ଝାନସୀକୁ ଯାତ୍ରା କରୁଥିଲେ। ରାଜୀବଙ୍କୁ ଡବାରେ ପଛରେ ସିଟ୍ ମିଳିଥିବା ବେଳେ ତାଙ୍କ ପରବାର ସଦସ୍ୟଙ୍କୁ ଆଗରେ ସିଟ୍ ମିଳିଥିଲା। କିନ୍ତୁ ପତ୍ନୀ ଓ ପୁଅ। ପାଖ ସିଟ୍‌ରେ ବସିଥିବା ବ୍ୟକ୍ତି ରାଜୀବଙ୍କ ସହ ସିଟ୍ ଅଦଳ ବଦଳ କରିବାକୁ ରାଜି ହୋଇ ନଥିଲେ। ଏଥିରେ ରାଜୀବଙ୍କ କେତେକ ସମର୍ଥକ ଉତ୍‌କ୍ଷୀପ୍ତ ହୋଇ ବ୍ୟକ୍ତିଜଣଙ୍କୁ ମାଡ଼ ମାରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାଖାପାଖି ୧୨ ଜଣ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିଟ୍‌ରେ ବସିଥିବା ବେଳେ ମୁଥ ମାରିଥିଲେ। ଏପରି ବ୍ୟକ୍ତିଙ୍କୁ ସେମାନେ ଚପଲ୍‌ରେ ମଧ୍ୟ ବାଡେଇଥିଲେ ଓ ତାଙ୍କ ନାକରୁ ରକ୍ତ ବାହରିଥିବାର ଦେଖାଯାଇଥିଲା।

**ବନ୍ଦେ ଭାରତ ଟ୍ରେନ୍‌ରେ ଅଘଟଣ**

# ପହଲଗାମ୍ ଆତଙ୍କୀକୁ ଚିହ୍ନିଲେ ଗିରଫ ଅଭିଯୁକ୍ତ

ଶ୍ରୀନଗର, ୨୩।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ୩ ଜଣ ଆତଙ୍କୀଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଛି। ରବିବାର ନ୍ୟାସନାଲ ଇନଭେଷ୍ଟିଗେଟିଂ ଏଜେନ୍ସି (ଏନ୍‌ଆଇଏ) ଦ୍ୱାର ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ଏହି ଆତଙ୍କବାଦୀମାନଙ୍କ ମଧ୍ୟରୁ ଜଣକୁ ଚିହ୍ନି ପାରିଛନ୍ତି ଓ ଏହାର ନାମ ସୁଲେମାନ ଶାହା ବୋଲି କହିଛନ୍ତି। ତେବେ ବାକି ଦୁଇଜଣ ଆତଙ୍କବାଦୀଙ୍କ ପରିଚୟ ମଳିପାରି ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପରେ କେତେକ ଆତଙ୍କବାଦୀଙ୍କ ଚିତ୍ର ସାମ୍ନାକୁ ଆସିଥିଲା। ଏମାନେ ହେଲେ ହାସିମ ମୁଶା, ତହ୍ଲା ଭାଇ ଓ ଜୁନେଦ। ସୁଲେମାନ ଏହି ଆତଙ୍କବାଦୀ ନେଟୱର୍କର ଅଂଶବବିଶେଷ ବୋଲି କୁହାଯାଇଛି। ଅବଶ୍ୟ ଜୁନେଦ୍ ଗତବର୍ଷ ଏନକାଉଣ୍ଟରେ ମୃତ୍ୟୁବରଣ କରିଥିଲା। ଜୁନେଦର ମୋବାଇଲ ଫୋନ୍‌ରେ ବାକି ୩ ଆତଙ୍କୀଙ୍କ ଫଟୋ ମିଳିଥିଲା। ଏଥିରେ ସୁଲେମାନ ଶାହାର ଫଟୋ ମଧ୍ୟ ଥିଲା। ସୁଲେମାନଙ୍କୁ କେତେକ ପୀଡିତ ପରିବାର ଲୋକ ଚିହ୍ନିବାରେ ସଫଳ ହୋଇଛନ୍ତି। ରବିବାର ପହଲଗାମ ଆତଙ୍କବାଦୀ ଆକ୍ରମଣକାରୀଙ୍କୁ ଶରଣ ଦେଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଏନ୍‌ଆଇଏ ଗିରଫ୍ କରିଥିଲା। ଏହି ଦୁଇଜଣ ହେଲେ ପରଭେଜ ଅହମ୍ମଦ ଜୋଠାର ଓ ବସିର ଅହମ୍ମଦ ଜୋଠାର।

## ଜ୍ୟୋତିଙ୍କ ହାଜତ ଆଉ ୧୪ ଦିନ ବଢ଼ିଲା

ହିସାର, ୨୩।୬(ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟକରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାହ୍ଲୋତ୍ରାଙ୍କ ବିଚାର ବିଭାଗୀୟ ହାଜତକୁ ଆହୁରି ୧୪ ଦିନ ବୃଦ୍ଧି କରାଯାଇଛି। ସୋମବାର ହିସାର କୋର୍ଟରେ ଭିଡିଓ କନଫୋରେନ୍ସିଂ ଜରିଆରେ ହୋଇଥିବା ଶୁଣାଣିରେ ଜ୍ୟୋତିଙ୍କୁ ହାଜର କରାଯାଇଥିଲା।



ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୭ରେ ହେବ। ଉଲ୍ଲେଖଥାଉ କି, ମେ ୧୬ରେ ଜ୍ୟୋତିଙ୍କୁ ତାଙ୍କ ଘରେ ପୁଲିସ୍ ଗିରଫ କରିଥିଲା। ଗିରଫ ହେବା ପରେ ତାଙ୍କ ୯ ଦିନ ପୁଲିସ ରିମାଣ୍ଡରେ ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଜୁନ୍ ୨୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ କୋର୍ଟ ପଠାଇଥିଲେ। ଏହା ପୂର୍ବରୁ ଜ୍ୟୋତିଙ୍କ ଜାମିନ ଆବେଦନକୁ ତଳ କୋର୍ଟ ପ୍ରତ୍ୟାଖାନ କରିଥିଲେ। ପାକିସ୍ତାନ ଏଜେଣ୍ଟଙ୍କ ସମ୍ପର୍କରେ ଆସି ଜ୍ୟୋତି ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ଦେଉଥିବାର ଅଭିଯୋଗ ହୋଇଥିଲା। ଏବେ ସେ ସେସନ କୋର୍ଟରେ ଜାମିନ ଆବେଦନ କରିବେ ଓ ଏ ନେଇ ଆଇନଗତ ବିକଳ୍ପ ଉପରେ ବିଚାର କରିବେ ବୋଲି ଜ୍ୟୋତିଙ୍କ ଓକିଲ କୁମାର ମୁକେଶ କହିଛନ୍ତି। ଜ୍ୟୋତିଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ୟୁଟ୍ୟୁବ୍‌ରେ ଜ୍ୟୋତିଙ୍କ ୩.୭୭ ଲକ୍ଷ ଫଲୋଅର ଥିଲେ। କିନ୍ତୁ ସେ ଗିରଫ୍ ହେବାର ଅର୍ଥାତ ୧୮ ତାରିଖରେ ତାଙ୍କ ଫଲୋଅର ସଂଖ୍ୟାରେ ୪ ହଜାର ବୃଦ୍ଧି ହୋଇଥିଲା।

## ଇସ୍ରାଏଲ-ଇରାନ ଯୁଦ୍ଧ ରୋକିବାକୁ ପ୍ରଧାନମନ୍ତ୍ରୀ ପ୍ରୟାସ କରନ୍ତୁ: ଖଡ୍‌ଗେ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼ଗେ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ଆମ ପ୍ରଧାନମନ୍ତ୍ରୀ ନିଜକୁ ବିଶ୍ୱଗୁରୁ ବୋଲି ପରିଚୟ ଦେଉଥିବା ବେଳେ ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଏହି ଯୁଦ୍ଧକୁ ରୋକିବାକୁ ଆମେ ଦେଶ ତଥା ପ୍ରଧାନମନ୍ତ୍ରୀ ପ୍ରୟସା କରିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଆପଣ



ବିଶ୍ୱ ଗୁରୁ ହୁଅନ୍ତୁ କି ଘରର ଗୁରୁ ହୁଅନ୍ତୁ। ସେଥିରେ କିଛି ଯାଏ ଆସେ। ନାହିଁ। ଲୋକଙ୍କୁ ପେଟ୍ରୋଲ, ଡିଜେଲ, ଖାଦ୍ୟ, ପୋଷାକ ଓ ମୁଣ୍ଡ ଉପରେ ଛାତ ଆବଶ୍ୟକ। ପ୍ରଧାନମନ୍ତ୍ରୀ ଏହି ସବୁ ମୌଳିକ ଆବଶ୍ୟକତା ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଇରାନ ସବୁବେଳେ ଭାରତକୁ ବିଭିନ୍ନ ମାମଲାରେ ସମର୍ଥନ ଦେଇଆସିଛି। ପୁଣି ଇରାନ ମଧ୍ୟ ଭାରତ ଏକ ପୁରୁଣା ବନ୍ଧୁ ରାଷ୍ଟ୍ର ରୂପେ ବେଶ୍ ଜଣାଶୁଣା। ଭାରତ ୫୦ ପ୍ରତିଶତ ଇନ୍ଧନ ଇରାନଠାରୁ ପାଇଥାଏ। ତେଣୁ ଭାରତ ଏହି ଯୁଦ୍ଧରେ ଇରାନକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଉଚିତ ବୋଲି କର୍ଣ୍ଣାଟକ ରାୟଚୁରରେ ଏକ ଜନସଭାରେ ଭାଷଣ ଦେବା ଅବସରରେ ଖଡଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ସବୁବେଳେ ବିପକ୍ଷକୁ ଅପମାନିତ କରିବାକୁ ପ୍ରୟାସ କରିଆସିଛନ୍ତି ଓ ବିପକ୍ଷ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ସେନାବାହିନୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ପାକିସ୍ତାନକୁ କଡ଼ା ଜବାବ ଦେଇଛି। ତେବେ ମୋଦୀ ବ୍ୟକ୍ତିଗତ ଭାବେ ଏହାର ଶ୍ରେୟ ନେବାକୁ ଚେଷ୍ଟିତ ଥିଲେ ବୋଲି ଖଡଗେ କହିଛନ୍ତି।



## ବୈଷୟିକ ତ୍ରୁଟି କାରଣରୁ ୩ ବିମାନର ଉଡ଼ାଣ ବାତିଲ୍

ଇନ୍ଦୋର, ୨୩।୬(ଏଜେନ୍ସି): ଦେଶରେ ବୈଷୟିକ ତ୍ରୁଟି କାରଣରୁ ଏୟାରଲାଇନ୍ସର ବିମାନଗୁଡିକର ଉଡାଣ ବାତିଲ ହେବା ପ୍ରକ୍ରିୟା ଜାରି ରହିଛି। ସୋମବାର ଏକ ଏୟାର ଇଣ୍ଡିଆ ବିମାନ ଓ ଇଣ୍ଡିଗୋ ବିମାନରେ ସମସ୍ୟା ଦେଖାଦେଇଥିଲା। ସେହିପରି ରବିବାର ପକ୍ଷୀ ମାଡ ହେବା କାରଣରୁ ଏୟାର ଇଣ୍ଡିଆ ଏକ ବିମାନ ଉଡାଣା ବାତିଲ ହୋଇଥିଲା। ଜୟପୁର ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବମାନ ଜୟପୁରରୁ ଦୁବାଇ ଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଟେକ୍‌ଅଫ୍ କରିବାର ଠିକ୍ ପୂର୍ବରୁ କକ୍‌ପିଟ୍‌ରେ ବୈଷୟିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ରନୱେରୁ ବିମାନକୁ ପାଇଲଟ ଫେରାଇ ଆଣିଥିଲେ। ଏଥିରେ ୧୩୦ ଯାତ୍ରୀ ବସିଥିଲେ। ୫ ଘଣ୍ଟାର ପ୍ରୟାସ ପରେ ମଧ୍ୟ ବିମାନ ଠିକ୍ ହୋଇ ନଥିଲା। ଫଳରେ ବିମାନର ଉଡାଣକୁ ରଦ୍ଦ କରିବାକୁ ହୋଇଥିଲା।

ସେହିପରି ଇନ୍ଦୋରରୁ ଭୁବନେଶ୍ୱର ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ ୬୩୩୨ ଟେକନିକାଲ ପ୍ରୋବ୍ଲେମ ଯୋଗୁଁ ରନୱେରୁ ପଛକୁ ଫେରିଥିଲା। ଏହି ବିମାନରେ ୮୦ ଜଣ ଯାତ୍ରୀ ଥିଲେ। ବିମାନରେ ସାମାନ୍ୟ ବୈଷୟିକ ତ୍ରୁଟି ଥିଲା ବୋଲି ଏୟାରପୋର୍ଟ ଟର୍ମିନାଲ ମ୍ୟାନେଜର ସୂଚନା ଦେଇଛନ୍ତି। ଏହାକୁ ଠିକ୍ କରାଯିବା ପରେ ବିମାନ ଭୁବନେଶ୍ୱର ଯାଇଥିଲା। ବିମାନ ପାଖାପାଖି ଅଢେଇ ଘଣ୍ଟ ରନୱେ ଉପରେ ଛିଡ଼ା ହୋଇଥିଲା।

ସେହିପରି ତିରୁବନନ୍ତପୁରମରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନର ଉଡାଣକୁ ବାତିଲ କରାଯାଇଛି। ଏହି ବିମାନ ଲ୍ୟାଣ୍ଡି କରିବା ପରେ ସେଥିରେ ପକ୍ଷୀ ମାଡ ହୋଇଥିବାର ଆଶଙ୍କା କରାଯାଉଥିଲା। ଫଳରେ ବିମାନର ଯାଞ୍ଚ୍ କରାଯାଇଥିଲା। ଫଳରେ ଉଡାଣକୁ ରଦ୍ଦ କରାଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ପଇସା ରିଫଣ୍ଡ କିମ୍ବା ନୁଆ ବୁକିଂ ଦିଆଯାଉଛି। ରବିବାର ରାତିରେ ମଧ୍ୟ ଇନ୍ଦୋରୁ ଦିଲ୍ଲୀ ଯିବାକୁ ଥିବା ବିମାନର ଉଡାଣକୁ ମଧ୍ୟ ବାତିଲ କରାଯାଇଥିଲା।

# କନିଷ୍କ ବିମାନ ଦୁର୍ଘଟଣାକୁ ପୂରିଲା ୪୦ ବର୍ଷ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ଦୁଇସପ୍ତାହ ପୁରି ନଥିବା ବେଳେ କନିଷ୍କ ବିମାନ ଦୁର୍ଘଟଣାର ବିଭୀଷିକାକୁ ଏବେ ଲୋକ ମନେ ପକାଇଛନ୍ତି। ଆଜିକୁ ଠିକ୍ ୪୦ ବର୍ଷ ତଳେ ଭାରତ କନିଷ୍କ ବିମାନ ଏୟାର ଇଣ୍ଡିଆ ଫ୍ଲାଇଟ୍ ୧୮୨ର ଦୁର୍ଘଟଣା ହୋଇଥିଲା। ସେତେବେଳେ ଏହି ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ୧୯୮୫ ଜୁନ୍ ୨୩ ସକାଳେ ଏହ ବିମାନ କାନାଡର ମଣ୍ଟ୍ରିଲରୁ ବାହାର ଲଣ୍ଡନ ପରେ ଦିଲ୍ଲୀ ଓ ମୁମ୍ବାଇ ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ଆତଙ୍କବାଦୀଙ୍କ ବୋମ ବିସ୍ଫୋରଣ ଯୋଗୁଁ ଏହା ଆଟଲାଣ୍ଟିକ ମହାସାଗରରେ ଖଣ୍ଡଖଣ୍ଡ ହୋଇ ଖସି ପଡ଼ିଥିଲା। ଏହି ବିମାନ ଦୁର୍ଘଟଣା ପଛରେ କନାଡ଼ାରେ ରହୁଥିବା ଖଲିସ୍ତାନୀ ଆତଙ୍କବାଦୀଙ୍କ ହାତଥିଲା। ଅପରେସନ ବ୍ଲୁଷ୍ଟାର'ର ପ୍ରତିଶୋଧ ସ୍ୱରୂପ କାନାଡାରେ ଥିବା ଚରମପନ୍ଥୀ ସଂଗଠନ ବାବର ଖାଲସା ଏହି ଦୁର୍ଘଟଣା କରାଇଥିଲା। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହା ଆତଙ୍କବାଦୀ କାର୍ଯ୍ୟକଳାପର ସବୁଠାରୁ ଘୃଣ୍ୟ ନମୁନା ବୋଲି ସେ କହିଛନ୍ତି। କେନ୍ଦମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆତଙ୍କବାଦକୁ ବରଦାସ୍ତ ନ କରିବାକୁ ଜୟଶଙ୍କର କହିଛନ୍ତି।

ଏଥିରେ ୩୨୯ ଜଣ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟରେ ୩୦୭ ଜଣ ଯାତ୍ରୀ ଓ ୨୨ କ୍ରୁ ମେମ୍ବର ସାମିଲ ଥିଲେ। ଏହା ବୋଇଂ ୭୪୭ ବିମାନ ଥିଲା ଓ ଏହାକୁ ଏୟାର ଇଣ୍ଡିଆ ମହରାଜା କନିଷ୍କ ନାମ ଅନୁସାରେ ନାମକରଣ କରିଥିଲା। ସକାଳ ୭ଟାରେ ପାଇଲଟ୍ ନରେନ୍ଦ୍ର ସିଂହ ହଂସ ଆୟର୍ଲାଣ୍ଡ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଲଣ୍ଡନ ଆଉ ୪୫ ମିନିଟ ବାକିଥିଲା। କନିଷ୍କ ୩୧ ହଜାର ଫୁଟ ଉଚ୍ଚରେ ଉଡୁଥିବା ବେଳେ ବିମାନ କର୍ଗୋ ହୋଲ୍ଡରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ୧୪୧ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବିମାନର ଧ୍ୱଂସାବଶେଷ ସମୁଦ୍ରର ୬, ୭୦୦ ଫିଟ୍ ତଳକୁ ଖସିଥିଲା। ମୃତକଙ୍କ ମଧ୍ୟରେ ନବଜାତ ଶିଶୁ ମଧ୍ୟ ରହିଥିଲେ। ୧୯୭ ମୃତଦେହ ଗଭୀର ସମୁଦ୍ରରେ ହଜିଯାଇଥିଲା। ମୃତକଙ୍କ ମଧ୍ୟରେ କାନାଡାର ୨୬୮, ବ୍ରିଟେନର ୨୭, ଭାରତର ୨୨ କ୍ରୁ ମେମ୍ବର ଓ ଅନ୍ୟ ୧୨ ଜଣ ଲୋକଥିଲେ।

## କର୍କଟ ପୀଡ଼ିତା ମହିଳାଙ୍କୁ ଅଳିଆଗଦାରେ ଫୋପାଡ଼ିଲେ ନାତି

ମୁମ୍ବାଇ, ୨୩।୬(ଏଜେନ୍ସି): ମୁମ୍ବାଇରେ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କର୍କଟ ରୋଗରେ ପୀଡିତା ଜଣେ ୬୦ ବର୍ଷୀୟା ମହିଳାଙ୍କୁ ତାଙ୍କ ନାତି ଡଷ୍ଟବିନ୍‌ରେ ଫୋପାଡି ଚାଲିଯାଇଛନ୍ତି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ମହିଳାଙ୍କ ନାମ ଯଶୋଧା ଗାଏକ୍‌ୱାଡ। ଶନିବାର ସିଟି ଆରେ କଲୋନୀରେ ପୁଲିସ ଯଶୋଦାଙ୍କୁ ଅଳିଆ ଗଦାରେ ପାଇବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ନାତି ତାଙ୍କୁ ଅଳିଆ ଗଦାରେ ଛାଡି ଚାଲିଯାଇଛି ବୋଲି ଯଶୋଦା କହିଛନ୍ତି। ସକାଳେ ମହିଳାଙ୍କୁ ଠାବ କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୫.୩୦ରେ ପୁଲିସ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। କେତୋଟି ହସ୍ପିଟାଲ ତାଙ୍କୁ ଭର୍ତ୍ତି କରିବାକୁ ମନା କରିବା ପରେ ପୁଲିସ ତାଙ୍କୁ କୁପେର ହସ୍ପିଟାଲରେ ଭର୍ତ୍ତି କରିଥିଲା। ମହିଳା ଜଣା ଚର୍ମ କର୍କଟ ରୋଗରେ ପୀଡିତ ବୋଲି ଜଣାଯାଇଛି। ମହିଳା ଜଣକ ତାଙ୍କୁ ଦୁଇଟି ଠିକଣା ପୁଲିସକୁ ଦେଇଛନ୍ତି। ଗୋଟିଏ ମାଲଦାର ହୋଇଥିବା ବେଳେ ଅନ୍ୟଟି କାଣ୍ଡିଭାଲି ବୋଲି ଜଣାଯାଇଛି।

## ଏସ୍‌ସି/ଏସ୍‌ଟି ଆକ୍ଟ କେସ୍‌ରେ ଫସିଲେ ଇଣ୍ଡିଗୋର ୩ ଅଧିକାରୀ

ଗୁରଗାଓଁ, ୨୩।୬(ଏଜେନ୍ସି): ହରିୟାଣା ଗୁରଗାଓଁରେ ଇଣ୍ଡିଗୋ ଏୟାର ଲାଇନ୍ସର ଏକ ଟ୍ରେନି ପାଇଲଟ୍ ବିମାନର ଜଣେ କ୍ୟାପଟେନଙ୍କ ସମେତ ୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏସ୍/ଏସଟି ଆକ୍ଟ ଅନୁସାରେ ଏଫଆଇଆର ଦାଏର କରାଇଛନ୍ତି। ଏକ ବୈଠକରେ ଜାତିସୂଚକ ଶବ୍ଦ କହିବା ସହ ଅପମାନିତ କରାଯାଇଥିବାର ଅଭିଯୋଗ ଆଣିଛନ୍ତି ଟ୍ରେନି ପାଇଲଟ। ଜାତିଆଣା ଆକ୍ଷେପ କରିବା ସହ ତୁମେ ବିମାନ ଉଡାଇବାକୁ ଯୋଗ୍ୟ ନୁହଁ ଓ ଫେରିଯିବା ସହ ଚପଲ ସିଲାଇ କର ବୋଲି କ୍ୟାପ୍‌ଟେନ କହିଥିବା କଥା ଟ୍ରେନି ପାଇଲଟ ଜଣକ ଅଭିଯୋଗ ଆଣିଛନ୍ତି। ଗୁରଗାଓଁରେ ବୈଠକ ପରେ ଟ୍ରେନି ପାଇଲଟ ଜଣକ ବେଙ୍ଗାଲୁରୁରେ ପୁଲିସ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ଏହି ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏହି ଅଭିଯୋଗ ମିଛ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। କିନ୍ତୁ ଆଇନଗତ ପ୍ରକ୍ରିୟରେ ସହଯୋଗ କରିବାକୁ ଏୟାର ଲାଇନ୍ସ ପ୍ରତିଶ୍ରୁତି ଦେଇଛି। ସେପଟେ ଅଭିଯୁକ୍ତଙ୍କୁ ପଚାର ଉଚରା କରିବାକୁ ଆମେ ଡାକିବୁ ବୋଲି ଗୁରଗାଓଁ ପୁଲିସ କହିଛି।

# ବଢୁଛି ଦୁଷ୍କର୍ମ; ଓଡ଼ିଶା ଅସୁରକ୍ଷିତ

## ସରକାର ବେଫିକର; ମନ୍ତ୍ରୀ ବେପରୁଆ

■ ଦେଶର ଦ୍ରୁତ ବିକାଶକୁ ଆମେରିକାର ଭୟ ଥାଇପାରେ: ପ୍ରଭାତୀ
■ ଆମେରିକା ଅସୁରକ୍ଷିତ, ଆମେ ସେଠାକୁ ଯିବୁ ନାହିଁ: କୃଷ୍ଣଚନ୍ଦ୍ର
■ ଉପମୁଖ୍ୟମନ୍ତ୍ରୀଙ୍କ 'ଲଭର୍ସ ପଏଣ୍ଟ' ସଂଜ୍ଞାକୁ ନେଇ ବିରୋଧୀ ଖପ୍ପା

**ଭୁବନେଶ୍ୱର,୨୩।୬(ସମିସ):** ଆଇନ ଶୃଙ୍ଖଳା ଦୃଷ୍ଟିରୁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆସିବା ବେଳେ ସତର୍କତା ଅବଲମ୍ବନ କରିବାକୁ ନିଜ ନାଗରିକଙ୍କୁ ଆମେରିକା ପ୍ରଶାସନର ମାର୍ଗଦର୍ଶିକା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ମାତ୍ର ବର୍ଷଟିଏ ମଧ୍ୟରେ ଓଡ଼ିଶାର ଆଇନ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଏମିତି ଅନିୟନ୍ତ୍ରିତ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ସ୍ଥିତିରେ ରାଜ୍ୟ ସରକାର ନିଜ ଦାୟିତ୍ୱକୁ ତୁଲାଇବା ଓ ସୁସ୍ଥ ପରିବେଶ ପାଇଁ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ବେପରୁଆ ମନ୍ତବ୍ୟ ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସରକାରଙ୍କ ନିରବତା, ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କିମ୍ଭୁତକିମାକାର ଟିପ୍ପଣୀ ରାଜ୍ୟର ଛବିକୁ ଅଧିକ ମଳିନ କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଆମେରିକାର ମାର୍ଗଦର୍ଶିକା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଭାରତବର୍ଷର ଦ୍ରୁତଗତିରେ ହେଉଥିବା ବିକାଶକୁ ଆମେରିକା ହୁଏତ ଭୟ କରୁଛି। ସେଥିପାଇଁ ଆମେରିକା ପକ୍ଷରୁ ଏପରି ମନ୍ତବ୍ୟ ଦିଆଯାଇଛି । ଓଡ଼ିଶାକୁ ଆସୁଥିବା ଆମେରିକୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଅତି ନଗଣ୍ୟ। ଆମ ରାଜ୍ୟରେ ଆମେରିକା ଆଶଙ୍କା କରୁଥିବା ସ୍ଥିତି ନାହିଁ। ତାଙ୍କ ଦେଶକୁ ଚଳାଇବା ପାଇଁ ସେମାନେ ଯାହା କରିବେ, ତାହାକୁ ତାଙ୍କ ଦେଶର ଲୋକେ ମାନିବେ। ଆମ ରାଜ୍ୟ ପାଇଁ ଚିନ୍ତା ମୋହନ ସରକାର କରୁଛନ୍ତି। ସେହିପରି ଦେଶ ନରେନ୍ଦ୍ର ମୋଦୀଙ୍କ ହାତରେ ସୁରକ୍ଷିତ ଅଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହ ଓଡ଼ିଶା ସରକାର ରାଜ୍ୟର 'ଲଭର୍ସ ପଏଣ୍ଟ'ଗୁଡ଼ିକର ସୁରକ୍ଷାକୁ ସରକାର ଧ୍ୟାନ ଦିଆଯାଉଛି। ସେଠାରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଦିନକ ତଳେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ ଆମେରିକାର ମାର୍ଗଦର୍ଶିକାକୁ ନେଇ ବିଚିତ୍ର ଟିପ୍ପଣୀ ଦେଇଛନ୍ତି । ଆମେରିକା ଏବେ ଅସୁରକ୍ଷିତ, ସେମାନେ ଆମ ଦେଶ କଥା କ'ଣ କହୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଶ୍ରୀ ପାତ୍ର ଆମେରିକା ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ପାତ୍ର ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ମନ୍ତବ୍ୟକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ନଜରରେ ଲଭର୍ସ ପଏଣ୍ଟର ସଂଜ୍ଞା କଣ, ରାଜ୍ୟରେ କେତୋଟି ଲଭର୍ସ ପଏଣ୍ଟ ଅଛି ସେ ନେଇ ଉପମୁଖ୍ୟମନ୍ତ୍ରୀ ତଥ୍ୟ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ଏମିତି ମନ୍ତବ୍ୟ ଦେଇ ଉପମୁଖ୍ୟମନ୍ତ୍ରୀ କେବଳ ନିଜ ଏବଂ ସରକାରଙ୍କ ଦାୟିତ୍ୱରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ବିରୋଧୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଟେ। ସରକାର ନିଜ ଉତ୍ତରଦାୟିତ୍ୱକୁ ବହନ କରିବାର ଆବଶ୍ୟକତା ରହିଛି ଏବଂ ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାର ଆବଶ୍ୟକତା ରହିଛି। ମାତ୍ର ଏପରି ନକରି ଆମେରିକାକୁ ଦୋଷ ଦେବା କିମ୍ବା ଲଭର୍ସ ପଏଣ୍ଟ ପରି ଶସ୍ତା ମନ୍ତବ୍ୟ ଦେବା ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷେ ଆଦୌ ଗ୍ରହଣୀୟ କିମ୍ବା ସମିଚୀନ ନୁହେଁ ବୋଲି ବିରୋଧୀ କହିଛନ୍ତି।

## ଘଣା ଲାଗିହେଲେ ମହାପ୍ରଭୁ

**ପୁରୀ,୨୩।୬ (ସମିସ):** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କୁ ଖଳିଲାଗି ହୋଇଛି। ରବିବାର ପତିମହାପାତ୍ର ଏବଂ ଦଇତାପତି ସେବାୟତ ମହାପ୍ରଭୁଙ୍କ ସୁସ୍ଥ ହେବାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ସହ ଶୃଙ୍ଖଳିତ ରଥଯାତ୍ରା ନେଇ ଆଲୋଚନା କରିଥିଲେ। ତ୍ରୟୋଦଶୀରେ ଘଣାଲାଗି ଲାଗି କରାଯାଇଛି। ପାଟରା ସେବକଙ୍କଠାରୁ

### ଆଜି ବନକଲାଗି

ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ)ରେ ଲାଗି କରାଯାଇ ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢ଼ିବା ପରେ ଅଣସର ଶୁଦ୍ଧସୁଆରଙ୍କ ଘରୁ ଘଣ୍ଟ, ଛତା, କାହାଳୀ ସହ ଖଳି ହାଣ୍ଡି ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଅଣାଯାଇ ଲାଗି କରାଯାଇଥିଲା। ପତିମହାପାତ୍ର ସଂସ୍କାର କରିବା ପରେ ଦତ୍ତମହାପାତ୍ର ସେବକମାନେ ଖଡ଼ିଲାଗି କରିଥିଲେ। ଏହାପରେ ଅଣସର ଦ୍ୱାର ବନ୍ଦ କରାଯାଇ ଦଶାବତାର ଠାକୁରଙ୍କ ଆଳତି, ଅବକାଶ ଓ ଭୋଗମଣ୍ଡପ ବଢ଼ିଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ମହାପ୍ରଭୁଙ୍କ ବନକଲାଗି କରାଯିବ।

■ କବିସୂର୍ଯ୍ୟଙ୍କ ମାଟିରେ ମୁଖ୍ୟମନ୍ତ୍ରୀଙ୍କ କାବ୍ୟିକ ସମ୍ବୋଧନ

## ଭାଷଣ ଲେଖକଙ୍କ ଅଜ୍ଞାନତା; ମୁଖ୍ୟମନ୍ତ୍ରୀ ଲଜ୍ଜିତ

**ବ୍ରହ୍ମପୁର,୨୩।୬(ସମିସ):** ମଙ୍ଗଳବାର ଗଞ୍ଜାମ ଜିଲ୍ଲାରେ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାବ୍ୟିକ ସମ୍ବୋଧନକୁ ନେଇ ରୋଚକ ଚର୍ଚ୍ଚା ଜୋର୍ ଧରିଛି। 'ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ...' ପଂକ୍ତିକୁ ଗଞ୍ଜାମର ବରପୁତ୍ର କବିସୂର୍ଯ୍ୟ ବଳଦେବ ରଥ ରଚନା କରିଥିବା ନେଇ ନିଜ ବକ୍ତବ୍ୟରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରକୃତରେ ଏହି ପଂକ୍ତିଟି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ କାବ୍ୟର। କେବଳ ସେତିକି ନୁହେଁ; ମଞ୍ଚରେ ଥିବା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ସମେତ ଜିଲ୍ଲାର ଦୁଇ ମନ୍ତ୍ରୀ, ଦୁଇ ସାଂସଦ ଓ ଶୀର୍ଷସ୍ଥାନୀୟ ନେତୃତ୍ୱ ଉପସ୍ଥିତ ଥିଲେ ମଧ୍ୟ କେହି ହେଲେ ମୁଖ୍ୟମନ୍ତ୍ରୀଙ୍କ ଏହି ତ୍ରୁଟିକୁ ସଂଶୋଧନ କରିବା ପରିବର୍ତ୍ତେ ନିରବ ରହିବାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମମାଟିରେ ତାଙ୍କ ରଚନାକୁ ନେଇ ଭ୍ରମ ସୃଷ୍ଟି କରିବା ଗଞ୍ଜାମ ଜିଲ୍ଲା ପ୍ରତି ଉପହାସ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅତୀତରେ ସତ୍ୟଭାମାପୁରରେ ଭାଷଣ ଦେବାବେଳେ ମଧୁସୂଦନ ଦାସଙ୍କୁ 'ଉତ୍କଳମଣି' ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ଭାଷଣ ଲେଖୁଥିବା ବ୍ୟକ୍ତିଙ୍କ ଅଜ୍ଞାନତା ଯୋଗୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଲଜ୍ଜିତ ହେଉଥିବା ଦେଖାଯାଉଛି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ସଭାସମିତିରେ ବରପୁତ୍ର ଓ ସାହିତ୍ୟିକମାନଙ୍କ ସଂପର୍କରେ ଟିପ୍ପଣୀ ରଖିବାବେଳେ ତରବର ନ ହୋଇ ସଠିକ୍ ତଥ୍ୟ ରଖିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।

# ରାଜକନିକାରେ ବେଲଗାମ୍ ଝାଡ଼ାବାନ୍ତି

**ରାଜକନିକା, ୨୩।୬(ସମିସ):** ଯାହା ଅନୁମାନ କରାଯାଉଥିଲା, ଶେଷରେ ସେୟା ହିଁ ହେଲା। ରାଜକନିକା ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ନା ରହିଲା ଆଗୁଆ ସତର୍କତା, ନା ଆକ୍ରାନ୍ତ ପାଉଛନ୍ତି ସଠିକ୍ ଚିକିତ୍ସା ସେବା। ରାଜ୍ୟରେ ସୃଷ୍ଟି ହୋଇଥିବା ଡାଇରିଆ ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଚେତାବନୀ ପରେ ବି ରାଜକନିକାରେ ଏହାର କୌଣସି ସତର୍କତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିବାରୁ ଆଜି ୨୦ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ପହଞ୍ଚିଛନ୍ତି। ଏକାବେଳକେ ଏତେସଂଖ୍ୟକ ରୋଗୀ ଭର୍ତ୍ତି ହେବାରୁ ଶଯ୍ୟା ଅଭାବ ପଡ଼ିଛି। ଫଳରେ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବରୁ ଗତ ୨୦ ତାରିଖ ଦିନ ଓଳାଭର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଭାନୁମତୀ ସାହୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କଥାକୁ ସ୍ୱାସ୍ଥ୍ୟ ବିଭାଗ ଶ୍ୱାସଜନିତ ମୃତ୍ୟୁ କହି ଟାଳିଦେବା ପରେ ଆଜି ସ୍ଥିତି ବିଗିଡ଼ିଛି।




ଆଜି ରାଜକନିକା ବ୍ଲକ୍‌ର ବିଭିନ୍ନ ଗାଁରୁ ୨୦ରୁ ଅଧିକ ଝାଡ଼ାବାନ୍ତି ରୋଗୀ ମେଡିକାଲରେ ପହଞ୍ଚିବା ପରେ ବି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘଟଣାକୁ ହାଲୁକା ଭାବେ ନେଇଛି। ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇନାହିଁ। ତେବେ ରାଜକନିକା ମେଡିକାଲରେ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯିବା ପରେ ବି ଶଯ୍ୟା ସଂଖ୍ୟା ୧୬ରେ ସୀମିତ ରହିଛି। ୧୬ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ଶଯ୍ୟା ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ବଳକା ୯ ଶଯ୍ୟାକୁ ସାଧାରଣ ଶଯ୍ୟା ଭାବେ ବ୍ୟବହାର କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ଡାଇରିଆର ପ୍ରାଦୁର୍ଭାବ ବଢୁଥିବା ବେଳେ ଏହି ପ୍ରତିକୂଳ ପରିସ୍ଥିତିରେ ରାଜକନିକା ବ୍ଲକ୍ ମୁଖ୍ୟାଳୟ ଚିକିତ୍ସା କେନ୍ଦ୍ରରେ ରୋଗୀ ଶଯ୍ୟା ବିନା ତଳେ ପଡ଼ି ରହିବା ଆମ ବିକଶିତ ସ୍ୱାସ୍ଥ୍ୟସେବାକୁ ପ୍ରମାଣ କରୁଛି। ଏଠାରେ ସବୁ ସମୟରେ ଡାକ୍ତର ରହୁ ନଥିବା ବେଳେ କର୍ମଚାରୀଙ୍କ ମଧ୍ୟରେ ରହୁନି ସେବା ମନୋଭାବ। ଏମିତି ସ୍ଥିତିରେ କେବଳ କାଗଜକଲମରେ ଚାଲୁଥିବା ସ୍ୱାସ୍ଥ୍ୟ ସେବାକୁ ତାଚ୍ଛଲ୍ୟ କରିଛନ୍ତି ନୂଆଗାଁ ରୋଗୀଙ୍କ ସମ୍ପର୍କୀୟ ଚମ୍ପା ମଲିକ। ବ୍ଲକ୍ ମୁଖ୍ୟାଳୟର ଏଭଳି ଅବସ୍ଥା ଥିବା ବେଳେ ଗ୍ରାମାଞ୍ଚଳରେ ଥିବା ଓଳାଭର, କଣ୍ଡିଆ, କୋଇଲିପୁର ଓ କାଟଣା ପିଏଚସି କଥା ପଚାରେ କିଏ? ବଦଳିଆ ଡାକ୍ତର ଓ କର୍ମଚାରୀରେ ଦଶନ୍ଧି ଧରି ଚାଲିଆସୁଥିବା ଏଭଳି ସମସ୍ୟାର ସୁଧାର ଆଣି ଡାଇରିଆ ସ୍ଥିତିରେ ଅଧିକ ସମ୍ବେଦନ ହେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସିଡିଏମଓ ଓ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସାଇବର ଅପରାଧ: ରାଜ୍ୟପାଳଙ୍କ ଉଦ୍‌ବେଗ

**ଭୁବନେଶ୍ୱର,୨୩।୬(ସମିସ):** ଦିନକୁ ଦିନ ରାଜ୍ୟରେ ସାଇବର ଠକେଇ ମାମଲା ବଢୁଛି । ୨୦୨୪ରେ ସାଇବର ଠକେଇ ପୂର୍ବବର୍ଷ ଅପେକ୍ଷା ୧୪୦ ପ୍ରତିଶତ ବୃଦ୍ଧି ପାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରଖିଥିବା ତଥ୍ୟ ଅନୁସାରେ ୨୦୨୪ରେ ୪୧୫.୯୦ କୋଟି ଟଙ୍କା ସାଇବର ଅପରାଧୀ ରାଜ୍ୟରୁ ଲୁଟିଛନ୍ତି। ପୂର୍ବବର୍ଷ ଏହି ପରିମାଣ ମାତ୍ର ୭୯.୪୪ କୋଟି ରହିଥିଲା। ୨୦୨୩ ତୁଳନାରେ ୨୦୨୪ରେ ୪୦୦ ପ୍ରତିଶତ ଠକେଇ ବଢିଛି। ୨୦୨୪ରେ ସାଇବର ଠକେଇ ସଂକ୍ରାନ୍ତ ୧ହଜାର ୫୫୩ଟି ମାମଲା ପୁଲିସ ରୁଜୁ କରିଥିବାବେଳେ ୯୧ଜଣଙ୍କୁ ଗିରଫ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସାଇବର ଠକେଇ ମାମଲା ବୃଦ୍ଧିକୁ ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି ।



ରାଜଭବନ ପରିସରରେ ସାଇବର ଠକେଇ ସଂକ୍ରାନ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଛନ୍ତି ଯେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଣ୍ଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡ଼ିକ ମଧ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଂ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟ୍‌ୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଆଇଜି ବିନୟତୋଷ ମିଶ୍ର, ସିବି-ସିଆଇଡିର ବରିଷ୍ଠ ଅଧିକାରୀ ରୀତେଶ ମହାପାତ୍ର , ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ବଜ୍ରାଘାତରେ ଭାଙ୍ଗିଲା ମହିମାଗାଦି ମୁଖଶାଳା ଦଧିନଉତି

**ଯୋରନ୍ଦା,୨୩।୬(ସମିସ):** ବଜ୍ରାଘାତରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ଗାଦିମନ୍ଦିର ପୂର୍ବ ମୁଖଶାଳାର ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧ଟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଗାଦି ମନ୍ଦିର ପୂର୍ବପାର୍ଶ୍ୱ ମୁଖଶାଳା ଦଧିନଉତି ବଜ୍ରପାତରେ ଭାଙ୍ଗିଯାଇଥିବା ସୋମବାର ସକାଳେ ଜଣାପଡ଼ିଥିଲା। ଆର୍ଥ ନ ଥିବାରୁ ବଜ୍ରପାତରେ ବାରମ୍ବାର ମନ୍ଦିର କ୍ଷତିଗ୍ରସ୍ତ ହେଉଛି। ଗତ ୧୫ ବର୍ଷ ମଧ୍ୟରେ ଗାଦି ମନ୍ଦିରରେ ୩ ଥର ବଜ୍ରାଘାତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ଗାଦି ମନ୍ଦିର ୨ୟ ବେଢ଼ା ଚତୁଃପାର୍ଶ୍ୱରେ ୪ଟି ମୁଖଶାଳା ଓ ସୁଉଚ୍ଚ ପଥର ପ୍ରାଚୀର କାର୍ଯ୍ୟ ୧୯୨୨ରୁ ୧୯୨୬ ମସିହା ମଧ୍ୟରେ ଶେଷ ହୋଇଥିଲା। ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ କୌଣସି କ୍ଷତି ହୋଇ ନ ଥିଲା। କିନ୍ତୁ ୨୦୧୫ରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିଲା।



ବଲ୍କଳଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥ କରାଯାଇଥିଲା। ପୁନଶ୍ଚ ୨ବର୍ଷ ପରେ ମନ୍ଦିରର ପଶ୍ଚିମ ମୁଖ୍ୟଦ୍ୱାର ମୁଖଶାଳାର ଦଧିନଉତି ବଜ୍ରପାତରେ ଆଂଶିକ କ୍ଷତି ହୋଇଥିଲା। ରବିବାର ରାତିରେ ପୁଣି ବଜ୍ରପାତ ଘଟି ପୂର୍ବ ମୁଖଶାଳାର ଦଧିନଉତି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତର ପ୍ରକୋପ ଏତେ ଅଧିକ ଥିଲା ଯେ ଗାଦି ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ରାମ ଦାସଙ୍କ ଗୋଟିଏ

### ୧୫ ବର୍ଷ ମଧ୍ୟରେ ୩ ଥର

କାନକୁ ଠିକ୍‌ରେ ଶୁଭୁନାହିଁ। ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳାଗୁଡ଼ିକରେ ସରକାରଙ୍କ ପକ୍ଷରୁ ଆର୍ଥ ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ଏ ସମ୍ପର୍କରେ ବଲ୍କଳଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଗାଦି ମନ୍ଦିରରେ ଦୀର୍ଘ ୧୫ ବର୍ଷ ହେଲା ଆର୍ଥ ହୋଇଥିଲା। ଆଜି ଘଟଣା ପରେ ଇଞ୍ଜିନିୟରଙ୍କୁ ଡକାଯାଇ ମରାମତି କରାଯିବ ବୋଲି କହିଛନ୍ତି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଅନୁଗୋଳ, ୨୩।୬ (ସମିସ):** ଅନୁଗୋଳ ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଆଡହକ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କିଶୋରନଗର ଥାନା ତୁରୁଡ଼ା ଗ୍ରାମର ପ୍ରଜାରଞ୍ଜନ ରାଉଳ ଓରଫ୍ ରାଜା।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଘରେ ଏକାକୀ ଥିବା ବେଳେ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲା। ଯିବାବେଳେ ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଏବଂ ଘରେ ଥିବା ୨ଲକ୍ଷ ଟଙ୍କା ନେଇଯାଇଥିଲା। ଏସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

## ୨୫ରେ ଲଘୁଚାପ; ବଢ଼ିବ ବର୍ଷା

**ଭୁବନେଶ୍ୱର,୨୩।୬(ସମିସ):** ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୌସୁମୀ ଜନିତ ନିମ୍ନ ଚାପରେଖା ଯୋଗୁଁ ଉତ୍ତର ଓଡ଼ିଶାରେ ବର୍ଷା ପାଇଁ ପାଗ ଅନୁକୂଳ କରାଇଛି। ଏଥିପାଇଁ ମଙ୍ଗଳବାର ସୁଦ୍ଧା ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ ଜିଲ୍ଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଏହାସହିତ ଗଞ୍ଜାମ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟର କିଛି ଜାଗାରେ ପ୍ରବଳ ବର୍ଷା ହୋଇପାରେ। ଆଗାମୀ ୩-୪ଦିନ ଓଡ଼ିଶାରେ ବିଭିନ୍ନ ଜିଲ୍ଲା ମାନଙ୍କରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ସମ୍ଭାବନା ଥିବା ବେଳେ ୨୫-୨୬ ବେଳକୁ ଏକ ଲଘୁଚାପ ପ୍ରଭାବରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା ରହିଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବାଧିକ ୬୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିର ୪୫, କୋରାପୁଟ ୨୩, ଗୋପାଳପୁର ୨୧, ଢେଙ୍କାନାଳ ୧୪ ଓ ନବରଙ୍ଗପୁରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି।



# ବିଜେପି ଶାସନରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ: ବିଜେଡି

■ ଆମେରିକାର ମାର୍ଗଦର୍ଶିକା ଓଡ଼ିଶାକୁ ବିଶ୍ୱରେ ନିନ୍ଦିତ କରିଛି
■ ବିଜେପି ସରକାର ମୁହଁରେ କାଳି ବୋଳି ଦେଲା ଆମେରିକା

**ଭୁବନେଶ୍ୱର,୨୩।୬(ସମିସ):** ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ଏହି ସମୟରେ ଆମେରିକାର 'ଅସୁରକ୍ଷିତ ଓଡ଼ିଶା' ମାର୍ଗଦର୍ଶିକା ରାଜ୍ୟକୁ ସାରା ବିଶ୍ୱରେ ନିନ୍ଦିତ କରିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାରଙ୍କ ମୁହଁରେ ଏହା କାଳି ବୋଳି ଦେଇଛି । ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରୁ ବିଜୁ ମହିଳା ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଘୋଷଣା କରିଛି।


ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଓବିସି ସେଲ୍‌ର ଆବାହକ ଡ଼ ଅରୁଣ କୁମାର ସାହୁ , ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ମହିଳା ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଡ଼ ସାହୁ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ । ଆମେରିକାର ପକ୍ଷରୁ ନିକଟରେ ଜାରି କରାଯାଇଥିବା ମାର୍ଗଦର୍ଶିକାରେ ଓଡ଼ିଶାକୁ ଅସୁରକ୍ଷିତ ବୋଲି କୁହାଯାଇଛି। ଏହି ରାଜ୍ୟଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଆମ ରାଜ୍ୟ ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ରାଜ୍ୟରେ ଏକ ଦୁର୍ବଳ ସରକାର ଥିବାରୁ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଉଛନ୍ତି। ଏ ସମ୍ପର୍କରେ ବିଜେଡି ବାରମ୍ବାର ସରକାରଙ୍କୁ ଚେତାଇଛି, ମାତ୍ର ସରକାର କେବଳ ଉତ୍ସବରେ ମାତିଛନ୍ତି।



ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଓ ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ଭାବେ ସ୍ଥାନ ପାଇବା ଓଡ଼ିଶା ପାଇଁ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସା ସାଉଁଟି ଥିବାବେଳେ ଏବେ ବିଜେପି ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛନ୍ତି। ବିଧାନସଭାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ଅନୁଯାୟୀ ୨୦୨୪ରେ ୩୦୫୪ ଦୁଷ୍କର୍ମ ହୋଇଛି; ଯାହା ପୂର୍ବ ବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ। ସେହିପରି ଆଜି ନିଜେ ଓଡ଼ିଶାର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।ରାଜ୍ୟର ୯୫ ପ୍ରତିଶତ ଲୋକ ସରକାରୀ ଯୋଜନା ବିଷୟରେ ଅବଗତ ନାହାନ୍ତି ବୋଲି ରାଜ୍ୟପାଳଙ୍କ ମନ୍ତବ୍ୟ ସରକାରଙ୍କ ଅପରାଗପଣିଆକୁ ପଦାରେ ପକାଇଛି। ବୋଲି ଶ୍ରୀ ଦାସବର୍ମା କହିଛନ୍ତି।ଅନୁରୂପ ଭାବରେ ଟୁକୁନି ସାହୁ କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ମହିଳା ମାନଙ୍କ ସମ୍ମାନ ବୃଦ୍ଧି ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମରେ ବିଦେଶ ଭ୍ରମଣ କାର୍ଯ୍ୟକ୍ରମ କରାଯାଉଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବିଜୁ ମହିଳା ଜନତା ଦଳ ପକ୍ଷରୁ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି ।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"



✓ ଧରମ୍ ସିଂ ଜୀ
ଧରାସ୍ପର୍ଶ: ୨୨.୧୨.୧୯୩୫, ସର୍ଗବାସ: ୧୩.୦୬.୨୦୨୫
ଚରମ୍ପା, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଆପଣଙ୍କ ସ୍ନେହର :-
ଅଶୋକ କୁମାର, ମଦନ ମୋହନ ଗୁପ୍ତା, ବିଜୟ କୁମାର ଗୁପ୍ତା
ରତନ ଲାଲ ଗୁପ୍ତା, ଗୀତା ଗୁପ୍ତା, ବନ୍ଧୁ ଓ ଗୁପ୍ତା ପରିବାରବର୍ଗ

■ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ଡାକ୍ତରଖାନା କାର୍ଯ୍ୟକ୍ଷମ ନେଇ ଆଶା ବଢ଼ିଲା

# ଜାତୀୟ ମେଡିକାଲ କମିଶନ ପ୍ରତିନିଧିଙ୍କ ପରିଦର୍ଶନ

ଅନୁଗୋଳ,୨୩।୬(ସମିସ)

ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ଡାକ୍ତରଖାନା କାର୍ଯ୍ୟକ୍ଷମ ନେଇ ଆଶା ଉଜ୍ଜୀବିତ ହୋଇଛି। ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସୋମବାର କଲେଜ ଓ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ସେମାନେ ଭିତ୍ତିଭୂମି ପରଖିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ଟିମର ରିପୋର୍ଟ ଉପରେ ମେଡିକାଲ କଲେଜର ଭାଗ୍ୟ ନିର୍ଭର କରୁଥିଲା ବେଳେ ସେମାନେ ଏଠାକାର ବ୍ୟବସ୍ଥା ଦେଖି ସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଯାହା କିଛି ଅଭାବ ରହିଛି ତାହାକୁ ପୂରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ ଏଠାରେ ଚଳିତ ବର୍ଷରୁ ନାମଲେଖା ହେବା ସମ୍ଭାବନା ବଢ଼ିଛି।

ତାଳଚେରରେ ନବନିର୍ମିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ଚଳିତ ବର୍ଷରୁ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ବର୍ଷ ୧୦୦ ଏମବିବିଏସ୍ ଆସନରେ ଏଠାରେ ପାଠପଢ଼ା ହେବ। ଏଥିପାଇଁ ଜାତୀୟ ମେଡିକାଲ କମିଶନ୍ ଅନୁମତି ଲୋଡ଼ାଯାଇଥିଲା। ଅନୁମତି ଦେବା ପୂର୍ବରୁ କମିସନଙ୍କ ଏକ ୩ ଜଣିଆ ଟିମ୍ ଏଠାରେ ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ସେମାନେ ପ୍ରଥମେ ନିର୍ମାଣ କରାଯାଇଥିବା ମେଡିକାଲ କଲେଜ କୋଠା ପରିଦର୍ଶନ କରିଥିଲେ। ଏଠାରେ ପାଠପଢ଼ା ପାଇଁ ଆବଶ୍ୟକ ସୁବିଧା ସୁଯୋଗ ରହିଛି କି ନାହିଁ ଦେଖିଥିଲେ। ସେହିପରି ମେଡିକାଲ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ, ପାଠାଗାର, କ୍ୟାଣ୍ଟିନ ଓ ଅନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏହି ଡାକ୍ତରଖାନାକୁ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ୍ ଭାବେ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଏଠାରେ କ'ଣ ବ୍ୟବସ୍ଥା ରହିଛି ତା'ର ତଦାରଖ କରିଥିଲେ। ବିଶେଷକରି ବିଭିନ୍ନ ବିଭାଗ ଖୋଲିଛି କି ନାହିଁ, ଆବଶ୍ୟକ ରୋଗୀ ଆସୁଛନ୍ତି କି ନାହିଁ, ଶଯ୍ୟା ଭର୍ତ୍ତି ହେଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଡାକ୍ତରଖାନାର ଟ୍ରମା କେୟାର୍ ଓ ଏମ୍‌ସିଏଚ୍ କୋଠାକୁ ଯାଇ ରୋଗୀସେବା ଦେଖିଥିଲେ। ଏହା ସହ ତାଳଚେର ଗୋଡ଼ିବନ୍ଧ ଡାକ୍ତରଖାନା ଯାଇ ସ୍ଥିତି ପରଖିଥିଲେ ଏନ୍‌ଏମ୍‌ସି ଟିମ୍।



ଟିମର ଏହି ଗସ୍ତ ସମୟରେ ସେମାନେ ମେଡିକାଲ କଲେଜ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଠାକାର ସୁବିଧା ସୁଯୋଗ ସମ୍ପର୍କରେ ସେମାନେ ଟିମ୍‌କୁ ଅବଗତ କରାଇଥିଲେ। ଏହାସହ ମେଡିକାଲ କଲେଜ ଓ ଡାକ୍ତରଖାନାର ବିଭିନ୍ନ କାଗଜପତ୍ର ଦେଇଥିଲେ। ରୋଗୀଙ୍କୁ କେମିତି ଚିକିତ୍ସା ସୁବିଧା ମିଳୁଛି ତାହାର ରେକର୍ଡ ବି ଦେଖିଥିଲେ। ଏନ୍‌ଏମ୍‌ସି ଟିମ୍ ଗସ୍ତ ପରେ ମେଡିକାଲ କଲେଜ ଡିନ୍ କହିଛନ୍ତି ଯେ ସେମାନେ ବିଭିନ୍ନ ବିଭାଗ ଦେଖିବା ସହ ପାଠପଢ଼ା ନେଇ ଭିତ୍ତିଭୂମି ଅଛି କି ନାହିଁ ଯାଞ୍ଚ କରିଥିଲେ। ଏଠାକାର ବ୍ୟବସ୍ଥା ଦେଖି ସେମାନେ ସନ୍ତୋଷ ପ୍ରକାଶ କରିଥିବାରୁ ମେଡିକାଲ କଲେଜ ପାଇଁ ଅନୁମତି ମିଳିବ ବୋଲି ଆଶାବାଦୀ ଅଛୁ ବୋଲି ଡିନ୍ କହିଛନ୍ତି। ସେହିପରି ଅନୁଗୋଳ ସିଡିଏମ୍‌ଓ ଡା. ଗୌରୀଶଙ୍କର ବଳ କହିଛନ୍ତି, ଏନ୍‌ଏମ୍‌ସି ଟିମ୍ ଭିତ୍ତିଭୂମି ଓ ପରିଚ୍ଛନ୍ନତା ଦେଖି ସନ୍ତୋଷ ପ୍ରକାଶ କରିଛନ୍ତି। ଆଉ କିଛି ଅଭାବ ଥିଲେ ସେମାନେ ଜଣାଇବେ। କିନ୍ତୁ ସେମାନେ କିଛି କହିନାହାନ୍ତି। ତେଣୁ କଲେଜରେ ଚଳିତବର୍ଷରୁ ପାଠପଢ଼ା ପାଇଁ ଅନୁମତି ମିଳିପାରେ ବୋଲି ସିଡିଏମ୍‌ଓ କହିଛନ୍ତି।

## ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡ ଦାବିରେ ବିକ୍ଷୋଭ




ଅନୁଗୋଳ,୨୩।୬(ସମିସ): ଗୋପାଳପୁର ସମେତ ରାଜ୍ୟରେ ସମ୍ପ୍ରତି ଘଟିଥିବା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ, ମଦ, ଅଶ୍ଳୀଳତାର ପ୍ରଚାର ପ୍ରସାର ବନ୍ଦ, ମହିଳାଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦାବିରେ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ସାରା ଓଡ଼ିଶାରେ ସୋମବାର ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ଡିଏସ୍‌ଓ, ଡିୱାଇଓ, ଏମ୍‌ଏସ୍‌ଏସ୍ ଉଦ୍ୟୋଗରେ ଅନୁଗୋଳ ସହରର ରାଜାଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସଂଗଠନର ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ଯୁବନେତା କେଦାରନାଥ ସାହୁ, ମାନସ ପାଳ, କୈଳାସ ସାହୁ, ଛାତ୍ରୀନେତ୍ରୀ ସରୋଜିନୀ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଡବଲ ଇଞ୍ଜିନ ସରକାରରେ ରାଜ୍ୟର ମହିଳାମାନେ କେତେ ସୁରକ୍ଷିତ ତାହା ବିଗତ କିଛିଦିନର ଘଟଣାଗୁଡ଼ିକରୁ ସ୍ପଷ୍ଟ ଜଣାପଡୁଥିବା କହିଥିଲେ। ଏଣୁ ସମାଜର ସବୁବର୍ଗର ଜନସାଧାରଣ ଏଭଳି ଘଟଣା ବିରୋଧରେ ବ୍ୟାପକ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିବାଳା ନାୟକ, ବିନତୀ ସାହୁଙ୍କ ସମେତ ଚୈତନ୍ୟ ମହାରଣା, ଅକ୍ଷୟ ପଣ୍ଡା, ନିରଞ୍ଜନ ନାୟକ, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ନବୀନଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ପୂଜାର୍ଚ୍ଚନା







କଣିହାଁ,୨୩।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ସୁସ୍ଥତା ଓ ନିରାମୟ ଜୀବନ କାମନା କରି କଣିହାଁ ବିଜେଡି ତରଫରୁ ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ସ୍ଥାନୀୟ ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଦୀପଦାନ କରିଥିଲେ। ବରିଷ୍ଠ ନେତା ସୁଧାକର ପ୍ରଧାନ, କାଳନ୍ଦୀ ପ୍ରଧାନ, ଦିଲୁ ସାହୁ, ବିଧୁ ପ୍ରସାଦ ସାହୁ, ବିରଞ୍ଚି ନାରାୟଣ ସାହୁ, ଧୀରେନ ସାହୁ, ଦୁଃଶାସନ ସାହୁ ପ୍ରମୁଖ ବହୁ ଶୁଭେଚ୍ଛୁ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ତାଳଚେରସଦର:** ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଏଥିରେ ତାଳଚେର ଓ କଣିହାଁ ବ୍ଲକ ସମେତ ତାଳଚେତ ପୌର ପରିଷଦର ଶତାଧିକ ବିଜେଡି କର୍ମୀ ଯୋଗାଦେଇଥିଲେ।

**ଅନୁଗୋଳ:** ସୋମବାର ସନ୍ଧ୍ୟା ୬ଟାରେ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ନବୀନଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ପୌରପାଳିକା ବିଜେଡି ପକ୍ଷରୁ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ଅରୁଣାଭ ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ସମସ୍ତ ବିଜେଡି କାଉନସିଲର, ପୌରପାଳିକା ନଗର ବିଜେଡି ସଭାପତି ଏବଂ ବିଭିନ୍ନ ୱାର୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ଅନୁଗୋଳ ପୌରାଞ୍ଚଳ ୱାର୍ଡ ନଂ ୧୫ ମା' ମଙ୍ଗଳା ଏବଂ ମା' ତ୍ରିଶକ୍ତି ମନ୍ଦିରରେ ଅରୁଣାଭ ସିଂହ, ସୁଜିତ୍ ଦ୍ୱିବେଦଙ୍କ ଉପସ୍ଥିତିରେ ଦୀପଦାନ ଏବଂ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି।



**ବଣ୍ଟରପାଳ:** ସୋମବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ନେତୃତ୍ୱରେ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ଏଥିରେ ସମାଜସେବୀ ଗଙ୍ଗାଧର ସାମଲ, ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଗଡ଼ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତସ୍ତରୀୟ କର୍ମୀ ଉପସ୍ଥିତ ଥିଲେ।

## ୭ ଲକ୍ଷ ଟଙ୍କାର ଗହଣା ଲୁଟ୍

ଛେଣ୍ଡିପଦା,୨୩।୬(ସମିସ): ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ। ପରିବାର ଲୋକକେ ଶୋଇଥିବା ବେଳେ ଲୁଟିନେଲେ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା। ଅନୁଗୋଳ ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଗାଁରେ ଶନିବାର ରାତିରେ ଏହି ଘଟଣା ଘଟିଛି।



ଗାଁ ମଝିରେ ଥିବା ରଞ୍ଜନ କୁମାର ଗଡ଼ନାୟକଙ୍କ ଘର ପଛ ଗ୍ରିଲ ଖୋଲି ଦୁର୍ବୃତ୍ତମାନେ ଘରେ ପଶିଥିଲେ। ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ରଞ୍ଜନଙ୍କ ପୁଅବୋହୂଙ୍କ ଶୋଇବା ଘର ଷ୍ଟିଲ୍ ଆଲମିରା ଖୋଲି ସେଥିରେ ଥିବା ପ୍ରାୟ ୭ ଲକ୍ଷ ଟଙ୍କାର ସୁନାଗହଣା ଓ ଲାପଟପ ଲୁଟି ନେଇଥିଲେ। ଯିବା ସମୟରେ ରଞ୍ଜନଙ୍କ ସ୍ତ୍ରୀ ପିନ୍ଧିଥିବା କାନଫୁଲ ନେବାପାଇଁ ଉଦ୍ୟମ କରିଥିବା ବେଳେ ପରିବାର ଲୋକେ ଉଠି ପଡ଼ିବାରୁ ଦୁର୍ବୃତ୍ତମାନେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ପରିବାର ଲୋକେ ୧୧୨କୁ ଫୋନ୍ କରିବା ପରେ ପୁଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି।

## ଆଇପିଏଲ୍ ପକ୍ଷରୁ ଯୋଗ ଦିବସ ପାଳିତ

ଢେଙ୍କାନାଳ,୨୩।୬(ସମିସ): ସହର ଉପକଣ୍ଠ କୋରିଆଁ ବାଇପାସ୍ ନିକଟରେ ଥିବା ଇଣ୍ଡିଆନ୍ ପଟାସ୍ ଲମିଟେଡ୍ (ଆଇପିଏଲ୍)ରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କମ୍ପାନୀର ପ୍ରକଳ୍ପ ମୁଖ୍ୟ ଦୁର୍ଗାପ୍ରସାଦ ଦ୍ୱିବେଦୀ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିବା ସହ ଯୋଗର ଆବଶ୍ୟକତା ଓ ଉପକାରିତା ବିଷୟରେ ଆଲୋଚନା କରିଥିଲେ। କମ୍ପାନୀର ୟୁନିଟ୍ ମୁଖ୍ୟ ସନ୍ତୋଷ କୁମାର ଦାସ, ଜଏଣ୍ଟ ଜେନେରାଲ୍ ମ୍ୟାନେଜର ବିକାଶ କୁମାର ଚୌଧୁରୀ ଏବଂ ସମସ୍ତ ବିଭାଗର ଅଧିକାରୀ, କର୍ମକର୍ତ୍ତା ସେମାନଙ୍କ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆର୍ଟ ଅଫ୍ ଲିଭିଂର ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ।

## ଖବର ପ୍ରକାଶ ପରେ ଗଣେଶ ପୂଜା ପୁରସ୍କାର ବିତରଣ

ତାଳଚେରସଦର,୨୩।୬(ସମିସ): ରାଜ୍ୟରେ ପ୍ରସିଦ୍ଧ ଲାଭ କରିଥିବା ତାଳଚେରର ଏତିହାସିକ ଗଣପର୍ବ ଗଣେଶ ପୂଜାକୁ ଆଉ ଦୁଇ ମାସ ବାକିଥିବା ବେଳେ ପୂର୍ବ ବର୍ଷ ପୁରସ୍କାର ଓ ଆୟବ୍ୟୟ ହିସାବ ଏପର୍ଯ୍ୟନ୍ତ ଦିଆଯାଇ ନ ଥିବାରୁ ପୂଜା କମିଟି ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଗତ ୧୯ ତାରିଖ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହାକୁ ନେଇ କେନ୍ଦ୍ରୀୟ ଗଣେଶ ପୂଜା କମିଟି ତରଫରୁ ୨୧ ତାରିଖ ପୁରସ୍କାର ବିତରଣ ଉତ୍ସବ ପାଇଁ ପତ୍ର ମଧ୍ୟରେ ଅବଗତ କରାଯାଇଥିଲା। ଦେଉଳବେଡ଼ା କୋଲିୟରୀସ୍ଥିତ ଡିସିଆଇ ହଲ୍‌ରେ ସୋମବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲ୍ଲାପାଳ ସମିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ। ଗଣେଶ ପୂଜାରେ ମୂର୍ତ୍ତି, ସାଜସଜ୍ଜା, ଭସାଣି, ଶୃଙ୍ଖଳା, ସ୍ୱଚ୍ଛତା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କମିଟିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ମୂର୍ତ୍ତି କ ବିଭାଗରେ ଚିତ୍ରକୂଟ ବଜାର ପ୍ରଥମ, ସିଦ୍ଧିବିନାୟକ ପୂଜା କମିଟି ଦ୍ୱିତୀୟ ଓ କାରିଗରପଡ଼ା ପୂଜା କମିଟି ତୃତୀୟ, ଖ ବିଭାଗରେ ସିଂହସାହି ତ୍ରିନାଥ ଗଣେଶ ପୂଜା କମିଟି ଓ ହାଟତୋଟା ରୋଡ୍ ନୀଳାଚଳ ପୂଜା କମିଟି ଯୁଗ୍ମ ପ୍ରଥମ, ବାପୁଜୀ ନଗର ପୂଜା କମିଟି ଦ୍ୱିତୀୟ ଓ ମହାଲକ୍ଷ୍ମୀ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସାଜସଜ୍ଜା କ ବିଭାଗରେ ବଉଳଛକ ରାସପାର୍ଟି ପୂଜା କମିଟି ପ୍ରଥମ, ରାମଚନ୍ଦ୍ର ବଜାର ଦ୍ୱିତୀୟ ଓ ହନୁମାନପଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲା ଖ ବିଭାଗରେ ଶର୍ମାଛକ ବଣିକ ସଂଘ ପୂଜା କମିଟି ପ୍ରଥମ, ହାଣ୍ଡିଧୁଆ ଗଣେଶ ପୂଜା କମିଟି ଦ୍ୱିତୀୟ ଓ ତ୍ରିନାଥ ଗଣେଶ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛି। ସ୍ୱଚ୍ଛତା କ ବିଭାଗରେ ବିନାୟକ ଗଣେଶ ପୂଜା କମିଟି ହାଣ୍ଡିଧୁଆ ପ୍ରଥମ, ହନୁମାନପଡ଼ା ପୂଜା କମିଟି ଦ୍ୱିତୀୟ ଓ ରାମଚନ୍ଦ୍ର ବଜାର ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସ୍ୱଚ୍ଛତା ଖ ବିଭାଗରେ ହରଗୌରୀ ପୂଜା କମିଟି ପ୍ରଥମ, ହାଣ୍ଡିଧୁଆ ପୂଜା କମିଟି ଦ୍ୱିତୀୟ, ବଡ଼ଦାଣ୍ଡସାହି ମହାବଳପଡ଼ା ପୂଜା କମିଟି ଓ ଅରାସାହି ଆମରିସଂସ୍ଥା ପୂଜା କମିଟି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି।



ଭସାଣି ପ୍ରତିଯୋଗିତା କ ବିଭାଗରେ ବଉଳଛକ ରାସପାର୍ଟି ପୂଜା କମିଟି ପ୍ରଥମ ହାଟତୋଟା ରୋଡ୍ କଳିଙ୍ଗ ମାର୍କେଟ୍ ଓ କାରିଗରପଡ଼ା ପୂଜା କମିଟି ଯୁଗ୍ମ ଦ୍ୱିତୀୟ ଓ କୁମ୍ଭାରସାହି ଜୟହିନ୍ଦ କ୍ଲବ୍ ତୃତୀୟ ସ୍ଥାନ ହାସଲ କରିଛି। ଭସାଣି ଖ ବିଭାଗରେ ପାଟଣାସାହି ପୂଜା କମିଟି ଓ ତ୍ରିନାଥ ପୂଜା କମିଟି ଯୁଗ୍ମ ପ୍ରଥମ, ମ୍ୟୁନିସିପାଲିଟି ବଜାର ଦ୍ୱିତୀୟ, ମା' ସେବକ ପୂଜା କମିଟି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶାନ୍ତିଶୃଙ୍ଖଳାରେ ମାସୁନାକାଳୀ ପୂଜା କମିଟି ପ୍ରଥମ, ମା' କନକଦୁର୍ଗା ପୂଜା କମିଟି ଦ୍ୱିତୀୟ, ତ୍ରିନାଥ ଗଣେଶ ପୂଜା କମିଟି ତୃତୀୟ, ଚିତ୍ରକୂଟ ବଜାର ଚତୁର୍ଥ ଓ କାରିଗରପଡ଼ା ପୂଜା କମିଟି ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ କମିଟିକୁ ଯଥାକ୍ରମେ ୧୧ ହଜାର, ୮ ହଜାର, ୭ ହଜାର, ୬ ହଜାର ଓ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି।

ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି ବିବରଣୀ ପାଠ, ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା ଓ କୋଷାଧ୍ୟକ୍ଷ ରଣଜିତ ମହାପାତ୍ର ପୁରସ୍କାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ, ସୌଭାଗ୍ୟ ମହାରଣା, ନିରୋଜ କୁମାର ଦାସ, ଅଡିଟର ଅଶୋକ ଶତପଥୀ, ମିଡିଆ ସଂଯୋଜକ ତପନ କୁମାର ମହାରଣା, ଉପଦେଷ୍ଟା ଦେବୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, କେଶବ ଭୂତିଆ ଓ ଇଂ ରମେଶ ବେହେରାଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସହ ସମ୍ପାଦକ ମାନସ ରଞ୍ଜନ ବାଇ ଧନ୍ୟବାଦ ଅର୍ପଣ କରିଥିଲେ।

**ପିଏଚ୍‌ଡି ଲାଭ**



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Pani ଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଣାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

**Ph.D Degree**

ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



ପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀମତୀ ପ୍ରଣିତା ପଣ୍ଡା ,ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ରସାୟନବିଜ୍ଞାନରେ କୃତିତ୍ୱ ସହ ଡକ୍ଟରେଟ (Ph.D ) ଉପାଧି ଲାଭ କରିଛନ୍ତି | ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର Dr.Smruti Prava Das ଙ୍କ ତତ୍ତ୍ୱାବଧାନରେ " Novel Technological Applications for a Green and sustainable Environment Using non-thermal plasmas " ଉପରେ ଗବେଷଣା କରିଥିବା ତାଙ୍କ ସନ୍ଦର୍ଭଟି Prof . V .L .Matha(Professor, Sabitribai Phule , Pune University, Pune) ଏବଂ Prof. K.Ramachandran (UGC Professor, Bharathiar University, Tamilnadu ) ଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂଶିତ ହୋଇଅଛି। ଡ଼.ପ୍ରଣିତା ପଣ୍ଡା ବାଲେଶ୍ୱର ଜିଲ୍ଲା ଭୋଇସାହି ଗ୍ରାମ ନିବାସୀ ଶ୍ରୀଯୁକ୍ତ ବିଜୟ ପ୍ରକାଶ ପଣ୍ଡା (Retd. Army) ଓ ଶ୍ରୀମତୀ ହରିପ୍ରିୟା ପଣ୍ଡାଙ୍କର କନିଷ୍ଠା କନ୍ୟା ଓ ରେମୁଣା ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଗୁଣନିଧି ସେନାପତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ରମାମଣି ମହାପାତ୍ର ଙ୍କର କନିଷ୍ଠ ପୁତ୍ରବଧୂ ଓ ଶ୍ରୀଯୁକ୍ତ ଶୁଭବ୍ରତ ସେନାପତିଙ୍କ ସହଧର୍ମିଣୀ ଅଟନ୍ତି। ଗବେଷଣାରେ ତାଙ୍କର ଏହି ଅପାର ସଫଳତା ପାଇଁ Dr.Panda ନିଜର ଗାଇଡ଼ ପ୍ରଫେସର Dr.Smruti Prava Das , ରେଭେନ୍ସା ବିଶ୍ୱବିଦ୍ୟାଳୟ , ନିଜର ପରିବାର ବର୍ଗ ଓ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମହିଳାଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ମାମଲା ଅହେତୁକ ବୃଦ୍ଧି

## ୨୫ରେ ଯୁବଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ

ଅନୁଗୋଳ,୨୩।୬(ସମିସ): ରାଜ୍ୟରେ ମହିଳା ବିଶେଷକରି ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଡାକରା ଦେଇଛି ବିଜେଡିର ଯୁବଛାତ୍ର ସଂଗଠନ।




ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି ରାଜ୍ୟର ୧୧ ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳନରେ ବ୍ୟସ୍ତ ରହୁଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇ ଦବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନକୁ ଅନୁଗୋଳ ଜିଲ୍ଲାରେ ମଧ୍ୟ ଜୋରଦାର କରାଯିବ ବୋଲି ଯୁବ ବିଜେଡି ନେତା ଅରୁଣାଭ ସିଂହ ଏବଂ ଛାତ୍ରନେତା ରାଜୀବ ଲୋଚନ ଦାସ ସୋମବାର ସାମ୍ବାଦିକ ସମିଳନୀରେ ସୂଚନା ଦେଇଛନ୍ତି। ଜୁନ୍ ୨୫ ତାରିଖ ଏହି ଛାତ୍ର ଆନ୍ଦୋଳନରେ ଶ୍ରେଣୀ ବର୍ଜନ, କଳାବ୍ୟାଜ୍ ପରିଧାନ, ପିକେଟିଂ, କୁଶପୁତ୍ତଳିକା ଦାହ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି।

● ରାଜ୍ୟରେ ପ୍ରତିଦିନ ୧୫ ଯୁବତୀ ଦୁଷ୍କର୍ମର ଶିକାର
● ଶ୍ରେଣୀ ବର୍ଜନ କରି କଳାବ୍ୟାଜ୍ ପିନ୍ଧିବେ ଛାତ୍ରଛାତ୍ରୀ

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀରେ ଜଣେ ଯୁବତୀଙ୍କ ପୁରୁଷବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏପରି ଘଟଣା ଘଟିଥିଲା। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଯୁବତୀ, ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ତେବେ ଏଭଳି

## ମାଙ୍କଡ଼ାବନ୍ଧ ପ୍ରକଳ୍ପ ବିରୋଧରେ ୪ ପଞ୍ଚାୟତବାସୀଙ୍କ ମେଳି

ପାଲଲହଡ଼ା,୨୩।୬(ସମିସ): ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗ ପକ୍ଷରୁ କରାଯାଉଥିବା ମାଙ୍କଡ଼ାବନ୍ଧ ପ୍ରକଳ୍ପ ସର୍ଭେ ବିରୋଧରେ ଗଠିତ ମାଙ୍କଡ଼ାବନ୍ଧ ଅଭିଯାନ ସଂଗଠନ ପକ୍ଷରୁ ସୋମବାର ପାଲଲହଡ଼ା ଉପଖଣ୍ଡର ତିନି ଏବଂ କେନ୍ଦୁଝର ଜିଲ୍ଲାର ଗୋଟିଏ ପଞ୍ଚାୟତ ଯଥା ପେଚାମୁଣ୍ଡି, ସଇଡ଼ା, ଶିଗଡ଼ ଏବଂ ବିଞ୍ଜବହାଳର ୧୧ ଗ୍ରାମର ଅଧିବାସୀମାନେ ମହାମେଳି କରିଛନ୍ତି। ସଇଡ଼ା ପଞ୍ଚାୟତ ଡାଲୋ ଗ୍ରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ବୈଠକରେ ୪ ପଞ୍ଚାୟତର ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ଅନେକ ସ୍ଥାନୀୟ ନାଗରିକ ଯୋଗଦେଇ ମାଙ୍କଡ଼ା ନଦୀ ଉପରେ ପ୍ରସ୍ତାବିତ ବନ୍ଧ ପ୍ରକଳ୍ପ ବିରୋଧରେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର କୃଷି, ଜୀବିକା ଓ ପରିବେଶ ଉପରେ ଗଭୀର ପ୍ରଭାବ ପଡ଼ିବା ସହ ବହୁ ଲୋକ ବିସ୍ଥାପିତ ହେବେ। ପୂର୍ବରୁ ରେଙ୍ଗାଳି ନଦୀବନ୍ଧ ଯୋଜନାରେ ଅନେକ ପରିବାର ବିସ୍ଥାପିତ ହୋଇ ବର୍ତ୍ତମାନ ପ୍ରସ୍ତାବିତ ମାଙ୍କଡ଼ା ବନ୍ଧ ଅଞ୍ଚଳରେ ବାସ କରୁଛନ୍ତି। ତେବେ ଏହି ବନ୍ଧ ହେଲେ ପୁନର୍ବାର ସେଥିମଧ୍ୟରୁ ଅନେକ ପରିବାର ବିସ୍ଥାପିତ ହେବେ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଯଦି ସରକାର ତୁରନ୍ତ ଏହି ପ୍ରକଳ୍ପ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ବିଶାଳ ଜନଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଲୋକଙ୍କ ମତ ଓ ଭାବନାକୁ ଗମ୍ଭୀରତାର ସହିତ ଗ୍ରହଣ କରି ପ୍ରକୃତ ପରିସ୍ଥିତି ଅନୁଯାୟୀ ସଠିକ ନିଷ୍ପତ୍ତି ନେବାକୁ ସଂଗଠନ ପକ୍ଷରୁ ସରକାରଙ୍କୁ ଆହ୍ୱାନ ଦିଆଯାଇଛି। ଅନ୍ୟପଟେ ଏକ ପ୍ରତିନିଧି ଦଳ ଆସନ୍ତା ସୋମବାର ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବେ ବୋଲି ଉପଦେଷ୍ଟା ମଣ୍ଡଳୀ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



# ସାତକୋଶିଆ ଗଣ୍ଡରେ ମଗର-ଘଡ଼ିଆଳ ସଂଘର୍ଷ

## ଛୁଆକୁ ଖାଇ ଅଣ୍ଡିରା ଘଡ଼ିଆଳ ଥଣ୍ଟ ଛିଣ୍ଡାଇଲା ମଗର

ଅନୁଗୋଳ,୨୩।୬(ସମିସ)



ମହାନଦୀର ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡରେ ବଡ଼ ଅଘଟଣ। ଦୁଇ ପ୍ରଜାତିର କୁମ୍ଭୀରଙ୍କ ମଧ୍ୟରେ ଭୀଷଣ ଲଢ଼େଇ ହୋଇଛି। ବିସ୍ତୀର୍ଣ୍ଣ ଗଣ୍ଡରେ ଆଧିପତ୍ୟ ବିସ୍ତାର କରି ରାଜତ୍ୱ କରିବା ପାଇଁ ଦୁଇ ବିରଳ ପ୍ରଜାତିର କୁମ୍ଭୀରଙ୍କ ମଧ୍ୟରେ ଏହି ଲଢ଼େଇ ହୋଇଛି। ଶନିବାର ରାତିରେ ଏକ ପ୍ରାପ୍ତ ବୟସ୍କ "ମଗର' ଏବଂ ଅଣ୍ଡିରା ଘଡ଼ିଆଳ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିବା ବେଳେ ଘଡ଼ିଆଳର ଥଣ୍ଟ ଛିଣ୍ଡିଯାଇଛି।

ସାତକୋଶିଆ ଗଣ୍ଡରେ ପ୍ରାକୃତିକ ଭାବେ "ମଗର' ଏବଂ 'ଘଡ଼ିଆଳ' କୁମ୍ଭୀର ଦେଖାଯାଆନ୍ତି। ଗତ ୫ ବର୍ଷ ହେବ ଗଣ୍ଡରେ ପ୍ରାକୃତିକ ଭାବେ ଅଣ୍ଡା ଦେଇ ଛୁଆ କରୁଛନ୍ତି ଘଡ଼ିଆଳ। ଗଣ୍ଡ ଉପରମୁଣ୍ଡରେ ଥିବା ବଳଦମଡ଼ାଠାରେ ଏକ ଘଡ଼ିଆଳ ଯୋଡ଼ି ବସା ବାନ୍ଧି କ୍ରମାଗତ ଭାବେ ଅଣ୍ଡାଦାନ କରି ଛୁଆ ଫୁଟାଇଥାନ୍ତି। ଗତ ମେ ୧୯ରେ ଗଣ୍ଡରେ ମା' ଘଡ଼ିଆଳ ସହ ୨୯ଟି ଶାବକ ଖେଳୁଥିବା ବନବିଭାଗ ଦେଖିବାକୁ ପାଇଥିଲା। ୫ ବର୍ଷ ମଧ୍ୟରେ ଘଡ଼ିଆଳ କୁମ୍ଭୀରଙ୍କ ବଂଶ ବିସ୍ତାର ଘଟଣା ମଗର ପ୍ରଜାତିର କୁମ୍ଭୀରଙ୍କ ମଧ୍ୟରେ ଏକପ୍ରକାର ଅସହିଷ୍ଣୁତା ସୃଷ୍ଟି କରିଛି। କାରଣ ୫୦ ବର୍ଷ ଧରି ସାତକୋଶିଆ ଗଣ୍ଡରେ ମୁଖ୍ୟତଃ "ମଗର' ପ୍ରଜାତିର କୁମ୍ଭୀର ରାଜତ୍ୱ କରି ଆସୁଥିଲେ। ବର୍ତ୍ତମାନ ଗୋଟିଏ ସ୍ଥାନରେ ଦୁଇଟି ପ୍ରଜାତିର କୁମ୍ଭୀରଙ୍କ ବଂଶବୃଦ୍ଧି ସେମାନଙ୍କ ମଧ୍ୟରେ ଲଢ଼େଇ ପରିସ୍ଥିତି ସୃଷ୍ଟି କରିଛି। ଦୁଇଦିନ ତଳେ ଏକ ବୟସ୍କ "ମଗର' ଆସି ବଳଦମଡ଼ା ପାଖରେ ନବଜନ୍ମିତ ଘଡ଼ିଆଳ ଶାବକଙ୍କୁ ଆକ୍ରମଣ କରିଥିଲା। ଏପରିକି ଏହି ଶାବକଙ୍କ ମଧ୍ୟରୁ ୨ରୁ ୩ଟି ଶାବକଙ୍କୁ ମାରି ଖାଇଥିବା ଜଣାପଡ଼ିଛି। ପୁନର୍ବାର ଶନିବାର ରାତିରେ ଏହି ମଗର ଘଡ଼ିଆଳ ବସା ପାଖକୁ ଯାଉଥିବା ବେଳେ ନିଜ ଛୁଆଙ୍କୁ ସୁରକ୍ଷା ଦେଉଥିବା ଅଣ୍ଡିରା ଘଡ଼ିଆଳ ସହ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ନଦୀ ଜଳରେ ଦୁଇ କୁମ୍ଭୀରଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା। ମଗର କୁମ୍ଭୀର ଅଧିକ ଆକ୍ରମଣାତ୍ମକ ହୋଇଥିବା ବେଳେ ଘଡ଼ିଆଳ ଏକ ପ୍ରକାର ନିରୀହ ପ୍ରାଣୀ। ଲଢ଼େଇରେ "ମଗର' ଅଣ୍ଡିରା ଘଡ଼ିଆଳ କୁମ୍ଭୀରର ଥଣ୍ଟ ଛିଣ୍ଡାଇ ଦେଇଛି।

# ଅସହାୟ ମହିଳାଙ୍କୁ ହିଙ୍ଗୁଳା ପାଠାଗାରର ସହାୟତା



ତାଳଚେର,୨୩।୬(ସମିସ): ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଏକ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ତାଳଚେର ପୌରାଞ୍ଚଳ ୧୦ନଂ ୱାର୍ଡରେ ରହୁଥିବା ଅସହାୟ ବିଧବା ମହିଳା ବବି ବେହେରାଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ପାଖରେ ସମ୍ବଳ ନ ଥିଲା। ପରଘରେ ବାସନ ମାଜି ସେ ନିଜ ଦୁଇ ନାବାଳକ ପୁଅଝିଅଙ୍କୁ ଗୁଜୁରାଣ ମେଣ୍ଟାଉଥିଲେ। ଏପରି ସ୍ଥଳେ ମାଆଙ୍କ ଶୁଦ୍ଧିକ୍ରିୟା ପାଇଁ ସେ ଅସମର୍ଥ ଥିବା ଖବର ପାଇ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ସନ୍ଦୀପ କୁମାର ସାହୁ ଓ ସ୍ୱେଚ୍ଛାସେବୀ ବାପି ମହାନ୍ତି ପ୍ରମୁଖ ବବିଙ୍କ ପରିବାରକୁ ସମବେଦନା ଜଣାଇବା ସହ ଚାଉଳ, ଡାଲି, ତେଲ ପ୍ରଭୃତି ଖାଦ୍ୟ ସାମଗ୍ରୀ ସହ ଲୁଗା, ଶାଢ଼ି, ଲୁଙ୍ଗି, ଗାମୁଛା ଆଦି ପ୍ରଦାନ କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ଅନୁଗୋଳ,୨୩।୬(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୪୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

● ନବୋଦୟ ସାହିତ୍ୟର ପରିଭାଷା ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର

# ଶ୍ରୀଜଗନ୍ନାଥ ହେଉଛନ୍ତି ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ପ୍ରତୀକ

ତାଳଚେର,୨୩।୬(ସମିସ): ତାଳଚେରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ ନବୋଦୟ ସାହିତ୍ୟର ପରିଭାଷା ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ. ଧରଣୀଧର ନାଥ ଓ ମୁଖ୍ୟବକ୍ତା ଭାବେ କବୟିତ୍ରୀ ଗୋଲାପ ନନ୍ଦ ଯୋଗଦେଇ "ରଥ ପଥେ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କବୟିତ୍ରୀ ଲତିକା ମହାପାତ୍ର ଜଗନ୍ନାଥ ଭଜନ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଦୀପ୍ତିରାଣୀ ସିଂହ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ନାଥ ନିଜ ଅଭିଭାଷଣରେ କହିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ପ୍ରତୀକ। ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସଂସ୍କୃତି। ଘୋଷଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ବିଶ୍ୱ ଐତିହ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଛି ଶ୍ରୀଜଗନ୍ନାଥଙ୍କ ଏହି ଅନନ୍ୟ ରଥଯାତ୍ରା ବୋଲି କହିଥିଲେ। ମୁଖ୍ୟବକ୍ତା କବୟିତ୍ରୀ ନନ୍ଦ ରଥର ମହିମା ଉପରେ ଆଲୋକପାତ କରିଥିଲେ। ପରେ ସାହିତ୍ୟିକ ରମେଶ ପଶାୟତ ଏବଂ କବୟିତ୍ରୀ ହରପ୍ରିୟା ସାମଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନଟବର ପ୍ରଧାନ, ଅନୁପମା ପ୍ରଧାନ, ଗଗନ ବିହାରୀ ଦାଶ, ରମେଶ ଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ ପଣ୍ଡା, ରାଖାଲ ଚନ୍ଦ୍ର ସ୍ୱାଇଁ, ସୁଜିତ ମିଶ୍ର, ରାଜେନ୍ଦ୍ର ବିଶୋଇ, ବସନ୍ତ ମିଶ୍ର, ଅମୂଲ୍ୟ ନାୟକ, ନଳିନୀ ମଞ୍ଜରୀ, ଧ୍ରୁବଚରଣ ବେହେରା, ଲତିକା ମହାପାତ୍ର, ଜ୍ୟୋତ୍ସ୍ନାମଞ୍ଜରୀ ସାମନ୍ତ, ଶୋଭାଗିନୀ ଦେବୀ, ଅନିତା ପାଣି, ବିଭୂତି ଭୂଷଣ ସ୍ୱାଇଁ, ଜଗଦୀଶ ସାହୁ, ମିଥୁନ ନାଏକ ପ୍ରମୁଖ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ଡ. ରଥ କବିତାଗୁଡ଼ିକର ସମୀକ୍ଷା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ସମ୍ମିଳନୀ

ବଅଁରପାଳ,୨୩।୬(ସମିସ): ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଙ୍ଘ ଅନୁଗୋଳ ଜିଲ୍ଲା ଶାଖାର ଦଶମ ତ୍ରୟୋବାର୍ଷିକ ସମ୍ମିଳନୀ ନାଲକୋନଗରସ୍ଥିତ ଆଲୁମିନିୟମ ମଜଦୁର ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସଂଘର



ପୂର୍ବତନ ସଭାପତି ଉପେନ୍ଦ୍ରନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ରାଜ୍ୟ ସଙ୍ଘ ସଂଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଦୀପକ ରାଉତ ଓ ଜିଲ୍ଲା ସଙ୍ଘ ସଭାପତି ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଣୀ ସହାୟତା କେନ୍ଦ୍ରରେ ଆଟେଣ୍ଡାଣ୍ଟ ନିଯୁକ୍ତି, ଦରମା ବୃଦ୍ଧି, ଗସ୍ତ ଭତ୍ତା ବୃଦ୍ଧି ଓ ମାସର ଦରମା ସହ ସାଇକଲ ବଦଳରେ ମୋଟର ସାଇକଲ ଭତ୍ତା ପ୍ରଦାନ, ଏଲଆଇମାନଙ୍କୁ ଏଏଚଏଲ କେସରେ ନ ପଠାଇବା, ସାପ୍ତାହିକ ଛୁଟି ପ୍ରଦାନ, ସମସ୍ତ ଚିକିତ୍ସାକେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ପଦ ପୂରଣ, ଶିଳ୍ପସଂସ୍ଥା ଜନିତ କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକରେ ଶିଳ୍ପସଂସ୍ଥା ଅନୁଦାନରେ ପଶୁ ଚିକିତ୍ସା ଶିବିର ଆୟୋଜନ, ଅନ୍ୟ ରାଜ୍ୟ ତୁଳନାରେ ଦରମାରେ ଅସଙ୍ଗତି ଦୂର, ପ୍ରଶିକ୍ଷଣ ନିୟମରେ ସଂଶୋଧନ, ବୃତ୍ତିକୁ ଆଇନ ଅନୁମୋଦନ, ସେବାକୁ ଜରୁରୀକାଳୀନ ସେବା ଘୋଷଣା, କ୍ୟାଡର ପୁନର୍ଗଠନ, ବୀମା ପିଛା ୩୦ ଟଙ୍କା ପ୍ରଦାନ ଓ ସରକାର ନିଜେ କମ୍ବାଇନ ଟିକା ପ୍ରସ୍ତୁତ କରି ଯୋଗାଇବା ଆଦି ଦାବି ନେଇ କର୍ମକର୍ତ୍ତାମାନେ ମତ ରଖିଥିଲେ। ମଞ୍ଚାସୀନ ଉଭୟ ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ ସରକାର ସଦାସର୍ବଦା ଆପଣମାନଙ୍କ ପଛରେ ଅଛନ୍ତି। ସମସ୍ତ ଦାବିକୁ ତର୍ଜମା କରି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଜିଲ୍ଲା ସଙ୍ଘ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ଭେଟନାରୀ ଟେକ୍ନିସିଆନ ବସନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା।

# ବିପର୍ଯ୍ୟୟ ମୁକାବିଲା ପାଇଁ ଟେବୁଲ ଟପ୍ ଅଭ୍ୟାସ



ଅନୁଗୋଳ,୨୩।୬(ସମିସ): ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସୋମବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହାୟତାରେ ଜିଲ୍ଲା କାର୍ଯ୍ୟାଳୟରେ ଏକ ଟେବୁଲ୍ ଟପ୍ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ବନ୍ୟା, ବାତ୍ୟା, ବଜ୍ରପାତ ଆଦି ପ୍ରକୃତିକ ବିପର୍ଯ୍ୟୟର ସୂଚନା ଆସିଲେ ସରକାରୀ ଅଧିକାରୀମାନେ କିଭଳି ପଦକ୍ଷେପ ନେବେ ତା'ର ପୂର୍ବାଭିନୟ କରାଯାଇଥିଲା। ସମସ୍ତ ସମ୍ପୃକ୍ତ ଅଧିକାରୀ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପୂର୍ବ, ପର ଏବଂ ସେହି ସମୟରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ରହିଛି ସେ ନେଇ ଆଲୋଚନା ହୋଇଥିଲା। ଏହି ଅଭ୍ୟାସରେ ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତି କିପରି ପରିଚାଳନା କରାଯିବ ତାହା ପ୍ରଦର୍ଶନ କରିଥିଲେ। ଲୋକଙ୍କୁ ବିପର୍ଯ୍ୟୟରୁ ଯେପରି ପୂର୍ଣ୍ଣ ସୁରକ୍ଷା ଦିଆଯାଇପାରିବ ସେଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି, ବିଭିନ୍ନ ସରକାରୀ ବିଭାଗ ନିଜ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ ଅନୁପାଳନକୁ ସୁନିଶ୍ଚିତ କରିବା, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ଆଶ୍ରୟସ୍ଥଳୀ ପରିଚାଳନା, ପ୍ରାଥମିକ ଚିକିତ୍ସା ଇତ୍ୟାଦି ବିଷୟରେ ସୁପରିଚିତ କରାଇବା ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ବିରଞ୍ଚି ନାରାୟଣ ବାଗ, ଏନ୍‌ଡିଆରଏଫର ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର, ଜିଲ୍ଲା ଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସୁପ୍ରଭା ସେଠୀ, ଅତିରିକ୍ତ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତାପ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

● ୧୪୯ ନଂ ଜାତୀୟ ରାଜପଥ

# ବାଙ୍କଧରା ଛକ ରାସ୍ତା ପାଲଟିଛି ମରଣଯନ୍ତା

ତାଳଚେରସଦର,୨୩।୬(ସମିସ): ୧୪୯ନଂ ଜାତୀୟ ରାଜପଥର ଏଏମ୍‌ସିଏଲ ଲିଙ୍ଗରାଜ କୋଇଲା ଖଣି ନିକଟ କୋଲ୍ କରିଡର ବାଙ୍କଧରା ଛକଠାରୁ ବି ଇଞ୍ଜିନିୟର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି।

ଏହି ରାସ୍ତାରେ ପ୍ରତେକ ଦିନ ହଜାର ହାଜର ସଂଖ୍ୟକ କୋଇଲା ଓ ପାଉଁଶ ପରିବହନ କରୁଥିବା ଭାରୀଯାନ ସାଙ୍ଗକୁ ଛୋଟ ବଡ଼ ଗାଡ଼ି ଚଳାଚଳ କରିଥାନ୍ତି। ତେବେ ବର୍ଷା ହେଲେ ବାଙ୍କାଧରା ଛକ ନିକଟ ରାସ୍ତାରେ ସର୍ବଦା ପାଣି ଜମିରହୁଛି। ସେଠାରେ କଂକ୍ରିଟ ରାସ୍ତା ନଷ୍ଟ ହୋଇଯାଇଥିବାରୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ କାର, ବାଇକ ଆରୋହୀ ଓ ପଥଚାରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଜାତୀୟ ରାଜପଥରେ ଏନଟିପିସି ରେଳଫାଟକ ବାରମ୍ବାର ବନ୍ଦ ରହୁଥିବାରୁ ଉକ୍ତ ରାସ୍ତା ସଦାସର୍ବଦା ଜାମ୍ ରହିଥାଏ। ଏବେ ଲଘୁଚାପ ବର୍ଷା ଯୋଗୁ ଏହି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ବାଇକ ଆରୋହୀଠାରୁ ଯାନବାହାନ ଏଠାରେ ଫସି ରହୁଛନ୍ତି। ପଥଚାରୀମାନେ ରାତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଳଚେର ଉପଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବା ସହ ବାଙ୍କଧରାଠାରୁ ବି ଇଞ୍ଜିନିୟରିଂ ପର୍ଯ୍ୟନ୍ତ ରାଜପଥ ତୁରନ୍ତ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଖମାର,୨୩।୬(ସମିସ): ପାଲଲହଡ଼ା ବ୍ଲକ୍ ପରାଛାଟ ପଞ୍ଚାୟତ କାଣ୍ଡିଆପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାପୀଠରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଧୋବେଇ ବେହେରା, ସୌଦାମିନୀ ସାମଲ, ଅଯୋଧ୍ୟା ବେହେରା, ରୀନା ମହାନ୍ତି, ରାମନାଥ ରାଉଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ନୀଳକଣ୍ଠ ବେହେରା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ।


# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



କିଶୋରନଗର,୨୩।୬(ସମିସ): କିଶୋରନଗର ସାଧୁପାଳ ଶିବ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ସୋମବାର ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ବିଜେପି ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ବଶିଷ୍ଠ ନାୟକ ଯୋଗଦେଇ ଡ. ମୁଖାର୍ଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ କିଶୋରନଗର ବିଜେପି ମଣ୍ଡଳର ରତ୍ନାକର ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ରତନ ସାହୁ, ସୁଧାସାଗର ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରହ୍ଲାଦ ସାହୁ, ବସନ୍ତ ପ୍ରଧାନ, ରାଜେଶ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ହଣ୍ଡପା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୨୩।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୨୩ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ରଶ୍ମିତା ପ୍ରଧାନ, ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, ବିଏସଏସଓ ଝସକେତନ ସାହୁ, ବିଏଲସି (ଓଏଲଏମ୍) ସୁଜିତ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବ୍ଲକ କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



କେବେ ସରିବ ତାଳଚେର-ବିମଳାଗଡ଼ ରେଳ ଲାଇନ

# ୧୪୭ କିମିରୁ ମାତ୍ର ୩୫ କିମି କାର୍ଯ୍ୟ ସମ୍ପୂର୍ଣ୍ଣ

ଖମାର,୨୩।୬(ସମିସ)

ତାଳଚେର-ବିମଳାଗଡ଼ ରେଳ ଲାଇନ କାମ ସରିବାର ନାଁ ନେଉନାହିଁ। ୧୯୬୮ରୁ ଏହି ରେଳପଥ ନିର୍ମାଣ ପାଇଁ ଅନେକ ଦାବି ଓ ଆନ୍ଦୋଳନ ହେବା ପରେ ୨୦୦୩-୦୪ରେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ବର୍ଷ ବଢ଼ିବା ସହ ଏହି ଲାଇନ ପାଇଁ ଅର୍ଥ ବ୍ୟୟ ବଢ଼ିଛି। ମାତ୍ର କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଗୋଟିଏ ପଟେ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଏହି ଲାଇନ କାମ ଧିମେଇ ଚାଲିଛି। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ୧୪୭ କିଲୋମିଟର ଦୀର୍ଘ ଏହି ରେଳପଥର ପରାବିଲ ପର୍ଯ୍ୟନ୍ତ ମାତ୍ର ୩୫ କିଲୋମିଟର କାମ ସମ୍ପୂର୍ଣ୍ଣ ହୋଇଛି। ୨୦୨୦ ଜାନୁଆରୀରେ ଏହି ରେଳପଥର ସୁନାଖଣି ଓ ୨୦୨୪ ମାର୍ଚ୍ଚରେ ସମଲ ଷ୍ଟେସନରେ ରେଳ ସୁରକ୍ଷା ଯାଞ୍ଚ ଶେଷ ହୋଇଥିଲେ ମଧ୍ୟ ପାସେଞ୍ଜର ଟ୍ରେନ ଗଡୁନାହିଁ। ପରାବିଲ ଷ୍ଟେସନର ସମସ୍ତ କାର୍ଯ୍ୟ ଏକ ବର୍ଷ ତଳୁ ଶେଷ ହୋଇଥିଲେ ମଧ୍ୟ ତାହାର ସୁରକ୍ଷା ଯାଞ୍ଚ କରାଯାଇନାହିଁ। ଅନ୍ୟପଟେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ଯେଉଁ ଷ୍ଟେସନ କିଛିମାସ ତଳେ ସୁରକ୍ଷା ଯାଞ୍ଚ ହୋଇଥିଲା ସେଠାରୁ ରଥଯାତ୍ରା ପୂର୍ବରୁ ଟ୍ରେନ ଗଡ଼ିଲା। ମାତ୍ର ଏହି ଲାଇନରେ ବର୍ଷ ବର୍ଷ ଧରି ପଡ଼ିରହିଥିବା ଷ୍ଟେସନରୁ ପାସେଞ୍ଜର ଟ୍ରେନ କେବେ ଗଡ଼ିବ ଓ କାହିଁକି ରେଳ ବିଭାଗ ଓ ଡବଲ ଇଞ୍ଜିନ ସରକାର ଏହି ଲାଇନ ପ୍ରତି ଉଦାସୀନତା ଦେଖାଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବର୍ଷ ରଥଯାତ୍ରା ପୂର୍ବରୁ ଏହି ଲାଇନରେ ପାସେଞ୍ଜର ଟ୍ରେନ ଗଡ଼ିବ ବୋଲି ସ୍ଥାନୀୟ ଜନସାଧାରଣ ଆଶା କରୁଥିଲେ। ମାତ୍ର ସେ ଆଶା ଆଶାରେ ରହିଯାଇଛି। ଏହି ଲାଇନରେ ପରାବିଲ ଷ୍ଟେସନରୁ ପାସେଞ୍ଜର ଟ୍ରେନ ଗଡ଼ିଲେ ଅନୁଗୋଳ ଜିଲ୍ଲାର ତାଳଚେର, କଣିହାଁ, ପାଲଲହଡ଼ା, ଦେବଗଡ଼ ଜିଲ୍ଲାର ରିଆମାଳ, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକବାସୀ ଉପକୃତ ହେବେ। ଖମାର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ଶେଷ ହୋଇଛି ଓ ଲାରା କୋର୍ଟରେ ଥିବା ୭ଟି ମାମଲା ଗତ ଏପ୍ରିଲ ମାସରୁ ସମାଧାନ ହୋଇଛି। ଯେଉଁ ସ୍ଥାନରେ ମାମଲା ଥିଲା ସେଠାରେ ଗୋଟିଏ ଅଣ୍ଡରପାସ ଓ ଗୋଟିଏ ସାଇଫନ କାର୍ଯ୍ୟ ବାକି ଥିଲା। ତାହା ୨ ମାସ ହେଲା ଆରମ୍ଭ ହେଲାଣି କିନ୍ତୁ ତା'ର ଫାଉଣ୍ଡେସନ ବ୍ୟତୀତ ଆଉ କିଛି ଆଗକୁ ବଢ଼ିପାରି ନାହିଁ। ଖମାର ପର୍ଯ୍ୟନ୍ତ ଟ୍ରାକ, ବିଦ୍ୟୁତୀକରଣ, ଷ୍ଟେସନ କାର୍ଯ୍ୟ, ଷ୍ଟେସନ କ୍ୱାର୍ଟର୍ସ ଇତ୍ୟାଦି ଅନେକ କାର୍ଯ୍ୟ କିଛି ମାତ୍ରାରେ ବାକି ରହିଛି। ସେହିପରି ଖମାରଠାରୁ ଶିବରାମପୁର ପର୍ଯ୍ୟନ୍ତ ଟ୍ରାକ କାମ କିଛିଦିନ ତଳେ ଆରମ୍ଭ ହୋଇଛି। ମାତ୍ର ଏହି ଷ୍ଟେସନ ମଧ୍ୟରେ ଅନେକ ମାମଲା କୋର୍ଟରେ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ଶିବରାମପୁର ଓ ପାଲଲହଡ଼ା ମଧ୍ୟରେ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲୁଥିଲେ ମଧ୍ୟ ପ୍ରଶାସନ ଆବଶ୍ୟକ ଜମି ଯୋଗାଇ ଦେଇପାରୁନାହିଁ। ବିମଳାଗଡ଼ ପଟରୁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଦେଖିବାକୁ ଗଲେ ପ୍ରଶାସନ ଓ ରେଳ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନାହିଁ। ଯେଉଁଥିପାଇଁ ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଛି। ୧୪୭ କିମି ରେଳ ଲାଇନରୁ ମାତ୍ର ୩୫ କିମି କାର୍ଯ୍ୟ ଶେଷ ହୋଇଥିବା ବେଳେ ଅବଶିଷ୍ଟ ୧୧୨ କିମି କାର୍ଯ୍ୟ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।




● ଖମାର ପର୍ଯ୍ୟନ୍ତ ଜାଗା ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇଛି
● କଚ୍ଛପ ଗତିରେ ଚାଲିଛି କାମ

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।

- ଇମାନୁଏଲ୍ କାଣ୍ଟ

ସକାଳ THE SAKALA

## ଶକ୍ତି ଓ ଶାନ୍ତି

ଅଣୁଅସ୍ତ୍ର ପ୍ରସାରଣ ନିରୋଧ ଚୁକ୍ତିରେ ସ୍ୱାକ୍ଷର କରିଥିବା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ନେଇ କ୍ରମାଗତ ଭାବେ ଆପତ୍ତି ଦର୍ଶାଇ ଆସିଛନ୍ତି ଆମେରିକା, ଇସ୍ରାଏଲ୍ ଓ ସେମାନଙ୍କ ସହଯୋଗୀ ୟୁରୋପୀୟ ରାଷ୍ଟ୍ର ସମୂହ। ଅପରପକ୍ଷରେ ସେମାନଙ୍କ ଅଭିଯୋଗ ସପକ୍ଷରେ କୌଣସି ପ୍ରମାଣ ନଥିବା ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ପ୍ରାଧାନ୍ୟ ଓ ପତିଆରା ସୁନିଶ୍ଚିତ କରିବା ଏବଂ ଇରାନ୍‌ର ତୈଳଭଣ୍ଡାର ଓ ପ୍ରାକୃତିକ ବାଷ୍ପ ଉପରେ ଏକଚାଟିଆ ଅଧିକାର ଜାହିର କରିବା ସକାଶେ ଆମେରିକାର କ୍ରମାଗତ ଉଦ୍ୟମର ପ୍ରତିଫଳନ ଘଟିଛି ସାମ୍ପ୍ରତିକ ଘଟଣାକ୍ରମରେ। ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ତାହାର ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣାଧୀନ କରିବାର ଅଭିପ୍ରାୟ ଏହି ବିବାଦର ମୂଳ ମଞ୍ଜି। ଜୁନ୍ ୧୩ ତାରିଖରେ ଇସ୍ରାଏଲ୍‌ର ଅତର୍କିତ ଆକ୍ରମଣରେ ଇରାନ୍ ସେନାବାହିନୀର କେତେଜଣ ପ୍ରମୁଖ ଅଧିକାରୀ ଓ ଆଣବିକ ବୈଜ୍ଞାନିକ ନିହତ ହେବା ସହ ଇରାନ୍‌ର ଆଣବିକ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପରବର୍ତ୍ତୀ ପ୍ରତିଶୋଧାତ୍ମକ ଆକ୍ରମଣରେ ଇରାନ୍‌ର ବାଲାଷ୍ଟିକ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍‌ରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିଦ ହଜାଇ ଦେଇଛି। ଇସ୍ରାଏଲ୍‌ବାସୀ ବଙ୍କରରେ ଆଶ୍ରୟ ନେବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଏହି ଅସହାୟ ପରିସ୍ଥିତିରେ ସାହାଯ୍ୟ କରିବା ସକାଶେ ଆମେରିକା ରବିବାର ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଯେଉଁ ପାତାଳଭେଦୀ ବୋମା ମାଡ଼ କରିଛି ତାହାର ପରିଣାମର ଭୟାବହତା ସମ୍ପର୍କରେ ଚିନ୍ତା କଲେ ମନେ ହେଉଛି ମଧ୍ୟପ୍ରାଚ୍ୟ ହିଁ ତୃତୀୟ ବିଶ୍ୱଯୁଦ୍ଧର କେନ୍ଦ୍ରସ୍ଥଳ ପାଲଟିବ।

ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଜେନେଭାରେ ଇଂଲଣ୍ଡ, ଫ୍ରାନ୍ସ ଓ ଜର୍ମାନୀ ସହ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗ୍ଚି ଆଲୋଚନା କରିଥିବା ବେଳେ ଆମେରିକା ଏହି ଅତର୍କିତ ଆକ୍ରମଣ କରିଛି। ଅପ୍ୟପକ୍ଷରେ ଜି୭ ବୈଠକରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦର୍ଶାଇ ଆମେରିକା ଫେରି ଆସିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁରକ୍ଷା ଅଧିକାରୀଙ୍କ ସହ ଇରାନ୍ ପ୍ରସଙ୍ଗରେ ଆଲୋଚନା ପରେ ଆପୋସ ସମାଧାନ ସକାଶେ ଦୁଇସପ୍ତାହ ସମୟ ନେଇ ପୁଣି ତାହାର ଖିଲାପ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଏହି ଯୁଦ୍ଧ ବା ସାମରିକ କାର୍ଯ୍ୟକଳାପର ଅବସାନ ପାଇଁ ଯେଉଁ ସୁଯୋଗ ଥିଲା ତାହାର ପରିସମାପ୍ତି ଘଟିଛି। ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ପାତାଳଭେଦୀ ବୋମା ଜି ବିୟୁ-୫୭ ବୋମା ମାଡ଼ କରିବା ପରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ କହିଛନ୍ତି ଯେ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରୁ ତାଙ୍କ ଦେଶ ଓହରି ଆସିବ। ଦେଶର ସାର୍ବଭୌମତା ଏବଂ ନାଗରିକଙ୍କ ନିରାପତ୍ତା ରକ୍ଷା ପାଇଁ ଇରାନ୍ ସାମରିକ ମୁକାବିଲା କରିବାକୁ ବାଧ୍ୟ ହେବ। ଅପରପକ୍ଷରେ ଆମେରିକାର ସର୍ବଶକ୍ତିମାନ ପାତାଳଭେଦୀ ବେମା ଇରାନ୍ ଆଣବିକ କାର୍ଯ୍ୟକ୍ରମରେ କୌଣସି କ୍ଷତି ଘଟାଇପାରିନାହିଁ। ଏହି ଆକ୍ରମଣର ୪୮ ଘଣ୍ଟା ପୂର୍ବରୁ ୟୁରାନିୟମ ଓ ଗବେଷଣା ଯନ୍ତ୍ରପାତିକୁ ଇରାନ୍ ସ୍ଥାନାନ୍ତର କରିଦେଇଥିବା କୁହାଯାଉଛି। ତଥାକଥିତ ଶକ୍ତିଶାଳୀ ବୋମାମାଡ଼ରେ ୟୁରାନିୟମ ତେଜସ୍କ୍ରିୟ ରଶ୍ମି ବିକିରଣ ହୋଇନାହିଁ। ତେଣୁ ଆଣବିକ କେନ୍ଦ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବସବାସ କରୁଥିବା ଲୋକଙ୍କୁ ଇରାନ୍ ସରକାର ନିର୍ଭୟ ରହିବାକୁ ପରାମର୍ଶ ଦେଇଛନ୍ତି।

ଆମେରିକାର ଏହି ପ୍ରତ୍ୟକ୍ଷ ଆକ୍ରମଣ ପୂର୍ବରୁ ଇରାନ ସମ୍ଭାବ୍ୟ ବିପଦକୁ ଟାଳିବା ସକାଶେ ଯେଉଁ ପଦକ୍ଷେପ ଗ୍ରହଣ କଲା, ତାହାର ପୃଷ୍ଠଭାଗରେ ଆଉ କିଛି ମସୁଧା ନାହିଁ। ଏହାକୁ ନେଇ ନାନା କଥା ଓ ନାନା ବିଚାର ଚାଲିଛି। ଇସ୍ରାଏଲ୍‌ର ହାଇଫା ବନ୍ଦର, ରାଜଧାନୀ ତେଲ୍ ଆଭିଭ୍, ସାମରିକ ଓ ଷ୍ଟକ୍ ମାର୍କେଟ୍ କାର୍ଯ୍ୟାଳୟ ଏବଂ ମୋସାଦ୍ ମୁଖ୍ୟାଳୟ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରି ଇରାନ୍ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ପାଶ୍ଚାତ୍ୟ ସମ୍ବାଦ ସରବରାହ ସଂସ୍ଥାରେ ସ୍ଥାନ ନ ପାଇଲେ ମଧ୍ୟ ଟ୍ରମ୍ପ୍ ନିକଟରେ ନିଶ୍ଚୟ ସଠିକ୍ ଖବର ଥିବ। ଇସ୍ରାଏଲ୍‌ର ଅଭେଦ୍ୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଆଇରନ୍ ଡୋମ୍ ଇରାନ୍‌ର କ୍ଷେପଣାସ୍ତ୍ରକୁ ଅଟକାଇ ନ ପାରିବା ସମସ୍ତଙ୍କୁ ବିସ୍ମିତ କରିଛି। ଆମେରିକାର ଆକ୍ରମଣ ପରେ ଇରାନ୍ ପୁଣି ଜୋରଦାର ଅଧିକ କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ମାଡ଼ କରି ଇସ୍ରାଏଲ୍‌ର ବିପୁଳ କ୍ଷୟକ୍ଷତି ଘଟାଇଛି। ନେତାନ୍ୟାହୁ ଭାବିଥିଲେ ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ଇରାନ୍ ଚପିଯିବ। କିନ୍ତୁ ତାହା ଇସ୍ରାଏଲ୍ ସକାଶେ ଅଧିକ ବିନାଶକାରୀ ସାବ୍ୟସ୍ତ ହୋଇଛି। ମଧ୍ୟପ୍ରାଚ୍ୟର କାତାର, ଓମାନ୍, ସାଉଦୀ ଆରବ ଓ ଆରବ ଏମିରେଟ୍‌ସରେ ଥିବା ୪୦ ହଜାର ଆମରେିକୀୟ ସେନା ଓ ଯୁଦ୍ଧ ବିମାନ ସମେତ ଅନ୍ୟାନ୍ୟ ସାମରିକ ସରଞ୍ଜାମ ପ୍ରତି ମଧ୍ୟ ବିପଦର ଆଶଙ୍କା ଅଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ପାଣ୍ଠି ଯୋଗାଣ ଓ ସମର୍ଥନ ବିନିମୟରେ ଇସ୍ରାଏଲ୍‌କୁ ସମର୍ଥନ ଦେବା ସହିତ ଆମେରିକା ଯୁଦ୍ଧକୁ ଓହ୍ଲାଇଛି। ନେତାନ୍ୟାହୁଙ୍କୁ ଖୁସି କରିବା ପାଇଁ ଟ୍ରମ୍ପଙ୍କ ଇଏ ଏକରକମ କାରସାଦିପୂର୍ଣ୍ଣ କାର୍ଯ୍ୟକଳାପ ନଥିଲା ତ? ଏହି ପ୍ରଶ୍ନଠାରୁ ଅଧିକ କ'ଣ ଚିନ୍ତା କରାଯାଇପାରେ? ଯଦି ଆମେରିକା ପୂର୍ଣ୍ଣ ଯୁଦ୍ଧ ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ପଡ଼ିବ, ତେବେ ଇରାନ୍ ସମର୍ଥନରେ ରୁଷିଆ, ଚୀନ୍ ଓ ଉତ୍ତରକୋରିଆ ସମ୍ମୁଖ ଯୁଦ୍ଧକୁ ଓହ୍ଲାଇ ଆସିବା କିଛି ବିଚିତ୍ର ନୁହେଁ। ଯେତେଦୂର ମନେ ହୁଏ ଇରାନ୍‌ର ପାଲଟା ଜବାନ୍‌ରେ ଇସ୍ରାଏଲ୍‌ର ଆଗକୁ ସ୍ଥିତି କ'ଣ ହେଉଛି ତାହାକୁ ଟ୍ରମ୍ପ ପୁଣି କିଛିଦିନ ସମୟ ଦେଇ ତାହା ଉପରେ ନିଘା ରଖିବେ। ସମ୍ପର୍କ ଦାୟରେ ସମଗ୍ର ବିଶ୍ୱକୁ ଯୁଦ୍ଧ ଘନଘଟାରେ ସାମିଲ୍ କରିବା ଔଚିତ୍ୟ ନେଇ ସେ ନିଶ୍ଚୟ ଚିନ୍ତା କରିବେ।

ଇରାନ୍‌ରେ ସଦ୍ଦାମ ହୁସେନ୍‌ଙ୍କ ନେତୃତ୍ୱ ପରିବର୍ତ୍ତନ ପାଇଁ ମିଥ୍ୟା ଆରୋପକୁ ଆଳ କରି ଆମେରିକା ଯେଉଁ ଯୁଦ୍ଧ କରିଥିଲା ତାହାକୁ ଇରାନ୍ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରିବ। ତେବେ ସଫଳତା ହାସଲ କରିବା ଏତେ ସହଜ ହେବନି। ତିନିବର୍ଷ ଧରି ରୁଷ ୟୁକ୍ରେନ୍ ଯୁଦ୍ଧ ଚାଲିଛି। ନାଟୋ ସହଯୋଗୀମାନେ ସମସ୍ତ ପ୍ରକାର ସାମରିକ ସହଯୋଗ ଯୋଗାଉଥିଲେ ମଧ୍ୟ ୟୁକ୍ରେନ୍‌ର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଭିଏତ୍‌ନାମଠାରୁ ଆରମ୍ଭ କରି ଆଫଗାନିସ୍ତାନ ପର୍ଯ୍ୟନ୍ତ କେଉଁଠାରେ ଜିତାପଟ ହାସଲ କରିନାହିଁ ଆମେରିକା। ବିନିମୟରେ ବିପୁଳ ଅର୍ଥ ଓ ସାମରିକ ଶକ୍ତି ଅପଚୟ କରିଛି। ଧର୍ମୀୟ ଶାସନ ବ୍ୟବସ୍ଥା ସତ୍ତ୍ୱେ ଇରାନ୍‌ବାସୀ ବେଶ୍ ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳରେ ଧୁରୀଣ। ସେମାନେ ଏବେ ରାଷ୍ଟ୍ରବାଦରେ ଉଦ୍‌ବୁଦ୍ଧ ହୋଇ ଦେଶ ପାଇଁ ଲଢ଼ିବାକୁ ବଦ୍ଧପରିକର। ସମୟ କହିବ ଏ ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ। ଶକ୍ତି ପ୍ରୟୋଗ କରି ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ନେତାନ୍ୟାହୁ ଦେଖୁଛନ୍ତି ତାହା ସାକର ହେବା ଏତେ ସହଜ ନୁହେଁ। ●

# କୃଷି ଓ ଖାଦ୍ୟର ଭବିଷ୍ୟତ

ଡ. ଅନ୍ତର୍ଜିତା ନାୟକ

କୃଷି କେବଳ ଖାଦ୍ୟର ମୂଳଦୁଆ ନୁହେଁ, ଏହା ହେଉଛି ସଭ୍ୟତାର ହୃଦସ୍ପନ୍ଦନ। କିନ୍ତୁ ଆଜି ସେହି ହୃଦସ୍ପନ୍ଦନ କ୍ଷୀଣ ହେବାରେ ଲାଗିଛି। ସହରାଞ୍ଚଳ ସ୍ଥାନାନ୍ତରଣ, ଜଳବାୟୁ ସଙ୍କଟ ଏବଂ ଶିଳ୍ପ ପ୍ରସାରର ଯୁଗରେ କୃଷି ହ୍ରାସ ପାଇଚାଲିଛି। ଏହାର ଫଳାଫଳ ହେଉଛି ଏକ ଦୁର୍ବଳ ଖାଦ୍ୟ ବ୍ୟବସ୍ଥା ଏବଂ ଏକ ବର୍ଦ୍ଧିତ ପୁଷ୍ଟିହୀନ ବିଶ୍ୱ। କୃଷିଯୋଗ୍ୟ ଜମି ସଙ୍କୁଚିତ ହେଉଛି ଓ ଯୁବକମାନେ କୃଷି ପରିତ୍ୟାଗ କରୁଛନ୍ତି। ମୃତ୍ତିକାର ଉର୍ବରତା ଏବଂ ଖାଦ୍ୟର ବିବିଧତା ଓ ପୁଷ୍ଟିକର ଗୁଣ ମଧ୍ୟ ହ୍ରାସ ପାଉଛି। ତେଣୁ ଖାଦ୍ୟ ଉତ୍ପାଦନ କିଏ ଓ କେଉଁଠି କରିବ ତାହା ଏକ ବଡ଼ ପ୍ରଶ୍ନ। ସେଇଦିନ ଆଉ ଦୂର ନାହିଁ, ଯେତେବେଳେ ଆମେ ନିଜ ଜୀବନ ରକ୍ଷା ପାଇଁ କାରଖାନାରେ ଯନ୍ତ୍ର ତିଆରି ଅଖାଦ୍ୟ ଉପରେ ନିର୍ଭର କରୁଥିବା।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ୨୦୧୧-୧୨(୨୦୧୬ରେ ପ୍ରକାଶିତ) ଇନ୍‌ପୁଟ୍ ସର୍ଭେ ଅନୁଯାୟୀ, ୨୦୧୬ରେ ଜଣେ ଭାରତୀୟ କୃଷକଙ୍କ ହାରାହାରି ବୟସ ଥିଲା ୫୦.୧ ବର୍ଷ। ଏହି ସର୍ବେକ୍ଷଣ ଅନୁଯାୟୀ, ସର୍ବାଧିକ ୩୩.୭% କୃଷକ ୪୧-୫୦ବର୍ଷ ବୟସର ହୋଇଥିବା ବେଳେ ୩୩.୨% ୫୧-୬୦ବର୍ଷ ବୟସର। ଯେତେବେଳେ ଏହି ପିଢ଼ି ଅବସର ନେବାର ବୟସରେ ପହଞ୍ଚିଯିବେ ଏବଂ ପରବର୍ତ୍ତୀ ପିଢ଼ି ଚାଷ କରିବାକୁ ଚାହିଁବେ ନାହିଁ ସେତେବେଳେ ଖାଦ୍ୟ କେଉଁଠୁ ଆସିବ ବା କିଏ ଯୋଗେଇବ? କୃଷି ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅନ୍ୟ ବୃତ୍ତିକୁ ଆପଣେଇ ନେଉଛନ୍ତି। ୨୦୧୭ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ ପାଇଁ ଅଣ-ଲାଭକାରୀ ସଂସ୍ଥା 'ପ୍ରଥମ' ଦ୍ୱାରା ସର୍ବେକ୍ଷଣ କରାଯାଇଥିବା ୩୦,୦୦୦ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରୁ କେବଳ ୧.୨% ଯୁବକ କୃଷକ ହେବାକୁ ଆଗ୍ରହୀ। ଏଥିରୁ ଏହା ଅନୁମାନ କରାଯାଇପାରେ ଯେ ଆମେ ଏପରି ଏକ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛନ୍ତି, ଯେଉଁଠି କେବଳ ମୁଷ୍ଟିମେୟ କୃଷକ ହିଁ ରହିଥିବେ। ଯେଉଁ ଦେଶ ଦିନେ କୃଷି ପ୍ରାଧାନ୍ୟ ଦେଶ ଭାବେ ପରିଚିତ ଥିଲା, ସେଇଠି ଦିନ ଆସିବ କୃଷକ ହିଁ ନଥିବେ।

୨୦୧୧ଜନଗଣନା ଅନୁଯାୟୀ, ପ୍ରତିଦିନ ୨,୦୦୦ କୃଷକ ଚାଷ ଛାଡ଼ି ଦେଉଛନ୍ତି। ଚାଷରୁ ଆୟ ଏବେ ଗୋଟିଏ ପରିବାରର ମୋଟ ଆୟର ପ୍ରମୁଖ ସ୍ଥାନ ହରାଇ ସାରିଛି। ୧୯୭୦ ମସିହାରେ, ଏକ ଗ୍ରାମୀଣ ପରିବାରର ଆୟର ତିନି-ଚତୁର୍ଥାଂଶ କୃଷି ଉତ୍ସରୁ ଆସୁଥିଲା ବେଳେ ୪୫ବର୍ଷ ପରେ ୨୦୧୫ରେ ଏହା ଏକ-ତୃତୀୟାଂଶରୁ କମ୍। ଏହାବ୍ୟତୀତ ଯଦି ଆଜିକାଲିର ଯୁବସମାଜର ଆଗ୍ରହ ଓ ଚାହିଦାକୁ ବିଶ୍ଳେଷଣ କରାଯାଏ, ତେବେ ହାତରେ କାମ ଥିବାଠାରୁ ଅଧିକ ଗୁରୁତ୍ୱ ହେଲା ହାତରେ ସ୍ମାର୍ଟ ମୋବାଇଲ ଖଣ୍ଡେ ରହିବା। ନିଜେ ଚଳିବାକୁ ବା ପରିବାରକୁ ଚଳେଇବାକୁ ପକେଟରେ ପଇସା କିମ୍ବା ଘରେ ପଛେ ଦାନା ନଥିବ, ହେଲେ ୟୁଟ୍ୟୁବ୍ ଓ ରିଲସ୍‌ରେ ମନ ଥିବ। ଗାଁ ଗହଳିରେ ମଧ୍ୟ ବାପା-ଜେଜେବାପାଙ୍କ ଦ୍ୱାରା ଛାଡ଼ି ଯାଇଥିବା କିଛି ଚାଷ ଜମି ଥିବ; କିନ୍ତୁ ସେଇଠି ଫସଲ କରିବାକୁ କାହାରି ମନ ନଥିବ। ସେଇ ଚାଷଜମିରୁ ଫାଳେ ଫାଳେ ବିକି ଖାଇ ଜୀବନ ସାରିଦେଲେ ଗଲା! ଯାହାଫଳରେ, ୨୦୧୨-୧୩ ଆର୍ଥିକ ବର୍ଷ ସୁଦ୍ଧା ୧୪୦ ନିୟୁତ ହେକ୍ଟର ଜମି କୃଷି କ୍ଷେତ୍ର ଭାବେ ବ୍ୟବହାର ହେଉଥିବା ବେଳେ ଏବେ ତାହା ଛୋଟ ଛୋଟ ଖଣ୍ଡ ଜମିରେ ବିଭକ୍ତ ହୋଇଚାଲିଛି।

ସୀମାନ୍ତ ଜମି ଅଧିଗ୍ରହଣ ସଂଖ୍ୟା (ଏକ ହେକ୍ଟରରୁ କମ୍)୧୯୭୧ ରେ ୩୬ ନିୟୁତ ରୁ ୨୦୧୧ ରେ ୯୩ ନିୟୁତକୁ ବୃଦ୍ଧି ପାଇଛି। ସୀମାନ୍ତ ଓ କ୍ଷୁଦ୍ର ଜମିଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ୍ତ୍ରିକୀକରଣ ଓ ଜଳସେଚନ କୌଶଳ ବ୍ୟବହାର କରିବାରେ ସମସ୍ୟା ଦ୍ୱାରା ଉତ୍ପାଦକତା ହ୍ରାସ ପାଉଛି। ତା'ଛଡ଼ା, କୃତ୍ରିମ ବା ରାସାୟନିକ ସାରର ବହୁଳ ବ୍ୟବହାର ହେତୁ ମାଟିର ଉର୍ବରତା ଧୀରେ ଧୀରେ କମି ଚାଲିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟାକ୍ଟେରିଆ, ଫଙ୍ଗସ୍ ଓ ଆର୍କିଆ ଭଳି ଅଣୁଜୀବ, ଦିନକୁ ଦିନ ହ୍ରାସ ପାଇଚାଲିଛି। ଫଳସ୍ୱରୂପ, ମୃତ୍ତିକା ମରୁଭୂମିକରଣ ଆଡ଼କୁ ଗତିକରୁଛି, ଯେଉଁଠାରେ ମୃତ୍ତିକାର ଉତ୍ପାଦନ ଓ ଉତ୍ପାଦକତା ହ୍ରାସ ପାଇଯାଉଛି। କାଳକ୍ରମେ ସେଇସବୁ ଜମି ପଡ଼ିଆ ପଡ଼ିବ ଏବଂ ଦେଖୁ ଦେଖୁ ସେଠାରେ ବାସଗୃହ ନିର୍ମାଣ ହୋଇଯିବ। ଏବେ ଚାଷ ଜମି ସବୁ ଶାଗମାଛ ମୂଲ୍ୟରେ ବିକ୍ରି ହୋଇଯାଉଛି ଏବଂ ସେଠାରେ ବଡ଼ ବଡ଼ ଅତ୍ୟାଧୁନିକ ଆପାର୍ଟମେଣ୍ଟ ଆଖିବୁଜା ନିର୍ମାଣ ଚାଲିଛି।

କୃଷିଯୋଗ୍ୟ ଜମିର ହ୍ରାସ ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇବ, ଯାହାଫଳରେ ଖାଦ୍ୟ ଅଭାବ ଏବଂ ପରବର୍ତ୍ତୀ ସମୟରେ ଖାଦ୍ୟ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଉତ୍ପାଦନରେ ଏହି ହ୍ରାସ ଖାଦ୍ୟ ମୂଲ୍ୟ ବୃଦ୍ଧି କରିପାରେ, ଯାହା ସ୍ୱଳ୍ପ ଆୟକାରୀ ପରିବାରର ମୌଳିକ ତଥା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଆଜି ଆମ ଆଳୁ-ପିଆଜ, ତେଲ-ଲୁଣ ସଂସାର ମହଙ୍ଗା ଭିଡ଼ରେ। ଚାଷଯୋଗ୍ୟ ଜମି ଯଦି ସଙ୍କୁଚିତ ହୋଇଯିବ ଏବଂ କୃଷକଙ୍କର ସଂଖ୍ୟା ହ୍ରାସ ପାଇ ଚାଲିବ, ତେବେ ବିବିଧ ଫସଲ ଅପେକ୍ଷା ଅଧିକ-ଉତ୍ପାଦିତ ମୁଖ୍ୟ ଫସଲକୁ ପ୍ରାଥମିକତା ଦିଆଯିବ, ଯାହାଫଳରେ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ହ୍ରାସ ପାଇବ ଏବଂ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ହେବ।

କୃଷି କ୍ଷେତ୍ର କେବଳ ମୁଖ୍ୟ ଶସ୍ୟର ଉତ୍ସ ନୁହେଁ, ବରଂ ଫଳ, ପନିପରିବା, ଡାଲି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଉତ୍ସ, ଯାହା ସନ୍ତୁଳିତ ଖାଦ୍ୟ ଯୋଗାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଖାଦ୍ୟ ଓ ପୋଷଣ, କୃଷି ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ଆଜିର ଅତ୍ୟାଧୁନିକ ସମୟରେ ଯେତେବେଳେ ଖାଦ୍ୟ ଉତ୍ପାଦନ ପ୍ରମୁଖ ଭାବରେ ଜମିରେ ନ ହୋଇ କାରଖାନାରେ ହେଲାଣି, ଯାହାକୁ କୃଷକ ଉତ୍ପାଦନ ନ କରି ମେସିନ୍ ତିଆରି କରି ରଙ୍ଗୀନ ପ୍ୟାକେଟରେ ବିକ୍ରି କଲାଣି, ସେତେବେଳେ ଖାଦ୍ୟ, ପୋଷଣ ଓ ସ୍ୱାସ୍ଥ୍ୟ କେତେ ସୁରକ୍ଷିତ, ତାହା ଏକ ବଡ଼ ପ୍ରଶ୍ନ।

ଚାଷ ଜମିର ହ୍ରାସର ସାମାଜିକ-ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଥାଏ। ସହରାଞ୍ଚଳର ବିକାଶ ଯୋଗୁଁ ଚାଷ ଜମିର ମୂଲ୍ୟ ବୃଦ୍ଧି ପାଉଥିବାରୁ କୃଷକମାନେ ଅର୍ଥ ଲୋଭରେ ସେମାନଙ୍କର ଜମି ବିକ୍ରି କରିଦେଉଛନ୍ତି, ଯାହାଦ୍ୱାରା ସେମାନେ ନିଜ ଜୀବିକାର ପ୍ରାଥମିକ ଉତ୍ସ ହରାଉଛନ୍ତି। ଏହା କେବଳ ସେମାନଙ୍କର ଆୟରେ ବାଧା ସୃଷ୍ଟି କରୁ ନାହିଁ, ବରଂ ଗ୍ରାମାଞ୍ଚଳ-ସହରାଞ୍ଚଳ ସ୍ଥାନାନ୍ତରଣକୁ ମଧ୍ୟ ବୃଦ୍ଧି କରୁଛି। ପରବର୍ତ୍ତୀ ସମୟରେ ସହରାଞ୍ଚଳର ଦାରିଦ୍ର୍ୟ, ସହରାଞ୍ଚଳର ବସ୍ତି ଓ ସହରର ଜନଗହଳି ପରି ସମସ୍ୟା ସୃଷ୍ଟି କରି ସହରର ସମ୍ବଳ ଉପରେ ଚାପ ପକାଉଛି। ତା'ଛଡ଼ା, ଏହା ପାରମ୍ପରିକ ଜ୍ଞାନ ଓ କୃଷି ଅଭ୍ୟାସର କ୍ଷତି ଘଟାଇବା ସହିତ ସାଂସ୍କୃତିକ ଐତିହ୍ୟର ଅବକ୍ଷୟ କରେ। ଶିଳ୍ପାୟନ ବା ବିକାଶ ନାଁରେ ଆମେ ଆଦିବାସୀଙ୍କ ଜମି ଅତିକ୍ରମଣକୁ ଉଦାହରଣ ରୂପେ ନେଇପାରିବା, ଯେଉଁଥିରେ ଆଦିବାସୀମାନେ ନିଜର କୌଳିକ ବୃତ୍ତି ଓ ମୌଳିକ ଜୀବିକା ହରାଉଛନ୍ତି ଏବଂ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ବେଳେବେଳେ ବିଷାକ୍ତ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି।

ଯଦି ଆମେ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବାକୁ ଚାହୁଁ, ତେବେ କୃଷିକୁ ଲୁପ୍ତ ହେଉଥିବା ଏକ ବୃତ୍ତି ଭାବରେ ନୁହେଁ, ବରଂ ବଞ୍ଚିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଭାବରେ ପୁନଃ ପରିକଳ୍ପନା କରିବା ଦରକାର। କିନ୍ତୁ ଅର୍ଥନୈତିକ ବିକାଶର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ହେତୁ ଏହି ଦିଗରେ ଅନେକ ବାଧା, ବିଘ୍ନ ଓ ବିଳମ୍ବ ସୃଷ୍ଟି ହେଉଛି। ସେଥିପାଇଁ ଆବଶ୍ୟକ ରହିଛି ମଣିଷର ବ୍ୟବହାରରେ ସଂସ୍କାର ଆଣିବା। କରୋନା ମହାମାରୀ ଦେଇଥିବା ଶିକ୍ଷାରୁ ମଣିଷ ଯଦି ଏହା ଶିଖି ପାରିଲା ନାହିଁ ଯେ ବଞ୍ଚିବାକୁ ଧନ କେବଳ ଏକ ମାଧ୍ୟମ ଏବଂ ଖାଦ୍ୟ ଅତି ଜରୁରୀ ବୋଲି, ତେବେ ମଣିଷ ଏକ ସର୍ବବୃହତ ପ୍ରାଣୀ କିପରି? ଚାଷ ଜମି ହେଉ ବା ଘର ପଛପଟ ଛୋଟିଆ ବାଡ଼ି ହେଉ, ମାଟି ସହିତ ମଣିଷର ସମ୍ପର୍କ ଅତି ପୁରୁଣା ଓ ଦିବ୍ୟ। ସେଇ ସମ୍ପର୍କକୁ ବଜାୟ ରଖିଲେ ମଣିଷର ଆଗାମୀ ଦିନ ସୁଖମୟ ହୋଇପାରିବ ଓ ସେ ସ୍ଥାୟୀ ବିକାଶର ସ୍ୱାଦ ଚାଖିପାରିବ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଅଭିଶପ୍ତ ବୈଧବ୍ୟ

ଅବିନାଶ ଷଡ଼ଙ୍ଗୀ



ନିକଟରେ ଖବର ପାଲଟିଥିବା ପତିହନ୍ତା ସୋନମ ରଘୁବଂଶୀଙ୍କ ଭଳି କିଛି ନବବିବାହିତାଙ୍କ ପାଇଁ ନିଜ ହାତରେ ନିଜ ମଥାର ସିନ୍ଦୂର ପୋଛିବା ଏକ ଆଶୀର୍ବାଦ ହୋଇପାରେ; କିନ୍ତୁ ଏ ଦେଶର ଲକ୍ଷ ଲକ୍ଷ ମହିଳା କାଳଅକାଳରେ ସ୍ୱାମୀକୁ ହରାଇ ବିତାଉଥିବା ଜୀବନ କୌଣସି ଅଭିଶାପଠାରୁ କମ୍ ନୁହେଁ, ଯାହା ସମ୍ପୂର୍ଣ୍ଣ ରସହୀନ, ରଙ୍ଗହୀନ ଓ ଆଶ୍ରାହୀନ। ଏ ସମାଜରେ ବିଧବା ହୋଇ ବଞ୍ଚିବା ଯେ କେତେ ଦୁର୍ବିସହ ଓ କେଡ଼େ ବଡ଼ ଅଗ୍ନିପରୀକ୍ଷା ଯିଏ ବଞ୍ଚୁଛି ସେ ଜାଣିଛି। ଦିନେ ପରିବାର ପିଲାଛୁଆ ଶାଶୂଘର ଓ ସମାଜର ମେରୀଖୁଣ୍ଟ ହୋଇ ବଞ୍ଚୁଥିବା ମଣିଷ ହଠାତ୍ ଏକ ବିପନ୍ନ ଜୀବନ ଅତିବାହିତ କରେ। ଅଦରକାରୀ ଉପାଦାନ ଭଳି କେବେ ଘରର କୌଣସି ଏକ କୋଣରେ ତ କେବେ ଘରର ଆବର୍ଜନା ଭାବି କିଏ ତା'କୁ ବାହାରେ ଫୋପାଡ଼ି ଦିଏ। ପରିସ୍ଥିତି ବାମ ପାଲଟିଯାଏ। ନା ଥାଏ ରହିବା ଖାଇବା ପିନ୍ଧିବାର ଠିକଣା ନା ସାମାଜିକ ନିରାପତ୍ତା। ଯେଉଁଠି ପର ହାତଟେକାକୁ ଅନେଇବାକୁ ପଡ଼େ, ସେଠି ଦେହପା' ଭଲମନ୍ଦ କଥା କିଏ ପଚାରେ? ସମ୍ପତ୍ତି ବାଡ଼ି ଥାଇ ବି ସେ ନିଃସ୍ୱ! ମାଲିକ ହୋଇ ବି ସେ ଜାହିର କରିପାରେନି ମାଲିକାନାସ୍ୱତ୍ୱ।

କାହାକୁ ନା କାହାକୁ କେତେବେଳେ ବି ଏମିତି ନିଷ୍ଠୁର ସତ୍ୟକୁ ସାମ୍ନା କରିବାକୁ ପଡ଼ିପାରେ। ପରିସଂଖ୍ୟାନ ଜଣାଏ, ବିଶ୍ୱରେ ୨୫୭ ନିୟୁତ ବିଧବାଙ୍କ ମଧ୍ୟରୁ ଅଧାରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ୨୦୧୧ ମସିହା ଜନଗଣନାର ତଥ୍ୟ କହେ, ଭାରତରେ ଅଛନ୍ତି ୫୬ ନିୟୁତ ବିଧବା। ଏହି ସଂଖ୍ୟା ଭାରତରେ ବସବାସ କରୁଥିବା ମହିଳାଙ୍କର ୭-୮ ପ୍ରତିଶତ। ବୟସବର୍ଗକୁ ବିଶ୍ଳେଷଣ କଲେ ଜଣାଯାଏ, ୩୫-୩୯ ବର୍ଷ ଭିତରେ ୪.୬ ପ୍ରତିଶତ ନିଜ ସ୍ୱାମୀଙ୍କୁ ହରାଇ ଏକାକୀ ବଞ୍ଚୁଥିବା ବେଳେ ୪୫-୪୯ ବୟସ ବର୍ଗରେ ବେସାହାରା ହୋଇପଡୁଛନ୍ତି ୧୦.୮ ପ୍ରତିଶତ। ଜୀବନର ବୋଝ କିଛିମାତ୍ରାରେ ହାଲକା ହେବା ବୟସ ଅର୍ଥାତ୍ ୬୦-୬୯ବର୍ଷ ଭିତରେ ୪୦.୮ ପ୍ରତିଶତ ପତିଙ୍କୁ ହରାଇ ଅକଥନୀୟ ଓ ଦୟନୀୟ ପରିସ୍ଥିତିର ସାମ୍ନା କରୁଛନ୍ତି। ଆଉ ୮୦ ବର୍ଷ ଉପରେ ଏ ସଂଖ୍ୟା ସର୍ବାଧିକ ୮୬.୬ ପ୍ରତିଶତ। ଯଦିଓ ଏ ଗଣିତକୁ ନେଇ କେହି ଆଶ୍ଚର୍ଯ୍ୟଚକିତ ହେବେ ନି, ତଥାପି ସର୍ବାଧିକ ପ୍ରତିଶତ ବିଧବା ମହିଳା ଭାରତର ଗ୍ରାମାଞ୍ଚଳରେ ବାସ କରନ୍ତି।

ଯଦିଓ ପରିସ୍ଥିତିରେ କିଛିଟା ସୁଧାର ଆସିଛି, ତଥାପି ପିଲାଦିନୁ ଦେଖିଆସୁଛି ଅନେକ କିଛି ସାମାଜିକ ଧାର୍ମିକ ଓ ରୀତିନୀତିର କଟକଣା ଭିତରେ ବଞ୍ଚୁଛି ଗୋଟିଏ ମହିଳା। ପ୍ରଥମେ ତ ସ୍ୱାମୀର ମୃତ୍ୟୁ ପାଇଁ କେବେ ତା'ର ଉଚ୍ଚ କପାଳକୁ ଦାୟୀ କରାଯାଏ ତ କେବେ ତା'କୁ କିଏ ପିଶାଚୀ କହିବାକୁ ପଛାଏ ନାହିଁ। ଟୁପୁରୁଟାପୁରୁ କଥା, ନାନା କୁତ୍ସାରଟନା, ଅନେକ ପ୍ରକାରର ସାମାଜିକ କଟକଣା, କେବେ ଧଳାଶାଢ଼ିର ଚାପ, କେବେ ପର୍ବପର୍ବାଣିର କଟକଣା, ଘରକୋଣରେ ବଞ୍ଚିରହିବାର ବାଧ୍ୟବାଧତା ତା'କୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲିଦିଏ। ସ୍ୱାମୀର ଘର ଓ ସମ୍ପତ୍ତି ଥାଇ ବି ସ୍ତ୍ରୀ ଅଧିକାର ହରାଏ। ୬୦ ପ୍ରତିଶତ ବିଧବାଙ୍କୁ ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅଭାବରୁ କର୍ମନିଯୁକ୍ତି ମିଳେନି। ଯେବେ କାମ ମିଳେ ସେତେବେଳେ ଅନ୍ୟମାନେ ଏହା କହି ସେ ଅସହାୟ ମହିଳାଟିର ମନୋବଳ ଭାଙ୍ଗିଦିଅନ୍ତି ଯେ, 'ବିଧବା ଲୋକଟେ ସେ କ'ଣ ପାରିବ?'

ଏକଲାପଣର ପାଚେରି ଡେଇଁପାରୁ ନ ଥିବା ମହିଳାଟେ ମାନସିକ ବିଷାଦଗ୍ରସ୍ତ ହୁଏ, ଗୋଷ୍ଠୀଗତ ଓ ସାମାଜିକ ଅସହଯୋଗ ମାଡ଼ିଗୋଡ଼ାଏ। ଅଳ୍ପ ବୟସରେ ସିନ୍ଦୂର ଲିଭିଯାଇଥିବା ମହିଳାଟେ ଯଦି ସାହାରା ପାଇଁ ପୁନର୍ବିବାହ କରିବାର ସ୍ୱପ୍ନ ବି ଦେଖେ, ଏ ସମାଜ ତା'କୁ ଆଉ ନିଦରେ ଶୋଇବାର ସୁଯୋଗ ଦିଏନି। ସବୁଠୁ କଦର୍ଯ୍ୟ କଥା ସେ ଶୁଣେ ଯେବେ ପେଟରେ ପିଲା ଥିବା ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହୋଇଯାଏ। କିଛି ଲୋକ କହିବେ ସରକାରୀସ୍ତରରେ ତା' ପାଇଁ ହଜାରେ ଟଙ୍କା ଭତ୍ତା ଏବଂ କେଇ କିଲୋ ଚାଉଳ, ମୁଣ୍ଡ ଗୁଞ୍ଜିବାକୁ ଆବାସ ଘରର ପ୍ରାବଧାନ ଅଛି। ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ବିଧବାଙ୍କ ପୁନର୍ବିବାହକୁ ଯୋଡ଼ା ଯାଇଛି। ଆଶ୍ରୟ ପାଇଁ ସ୍ୱଧାରଗୃହ ଅଛି। ସବୁ ଅଛି ଯେ, ହେଲେ ଖାତା କଲମରୁ କ୍ରିୟାନ୍ୱୟନ ସ୍ତରକୁ ଆସିବାକୁ ସାମର୍ଥ୍ୟ ଓ ଧୈର୍ଯ୍ୟ ଦରକାର।

ବ୍ୟାପକ ହୋହଲ୍ଲା ଭିତରେ ଜାତୀୟ ମାନବାଧିକାର ଆୟୋଗ ବିଧବାଙ୍କ ଦୁସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ନିର୍ଦ୍ଦେଶାବଳୀ ପାଳନ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟା' ଭିତରେ ବିଧବାଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟାବଳୀର ଏକତ୍ରୀକରଣ ସହ ଜିଲ୍ଲାସ୍ତରରେ ବିଧବା ପ୍ରକୋଷ୍ଠ ଗଠନ କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରିବା କଥା କୁହାଯାଇଛି। ପର୍ଯ୍ୟାପ୍ତ ଆଶ୍ରୟସ୍ଥଳୀ ଖୋଲାଯିବା ସହ ନିୟମିତ ଯାଞ୍ଚ କରାଯିବାର ଆବଶ୍ୟକତାକୁ ସରକାର ଅନୁଭବ କରିଛନ୍ତି। ଉତ୍ତରାଧିକାରୀ ସୂତ୍ରରେ ମିଳିବାକୁ ଥିବା ସମ୍ପତ୍ତି ଓ ବୀମା ଇତ୍ୟାଦିର ପ୍ରାପ୍ତି ନିମନ୍ତେ ଆଇନଗତ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ କରାଯିବା ଦରକାର। ସେମାନଙ୍କ ମଧ୍ୟରେ ଅର୍ଥନୈତିକ ସାକ୍ଷରତା ବଢ଼ାଇବା ଜରୁରୀ। ପରବର୍ତ୍ତୀ ଜୀବନ ପାଇଁ ଜୀବିକା ଅର୍ଜନ ନିମିତ୍ତ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଉ। ସାମାଜିକ ସାଂସ୍କୃତିକ କଟକଣା ବିରୋଧରେ ପ୍ରତିନିତି ନ ଲଢ଼ିବା ଭଳି ପରିବେଶ ସୃଷ୍ଟି ଦିଗରେ ପ୍ରଶାସନ ଦୃଷ୍ଟିଦେବା ଦରକାର। ସ୍ୱାସ୍ଥ୍ୟ ସଚେତନତା, ମାନସିକ ସ୍ୱାସ୍ଥ୍ୟର ସମୃଦ୍ଧି ଦିଗରେ ସବୁସ୍ତରରେ ଏକ ବାତାବରଣ ଅପେକ୍ଷାରେ ସେମାନେ।

ଆମେ ସମସ୍ତେ ଜାଣନ୍ତି ଜୀବନକୁ ନିଜ ହିସାବରେ ଜିଇ ହୁଏନା। ଯଦି ଦାୟିତ୍ୱବୋଧତା, ବାଧ୍ୟବାଧକତା ଓ ଭାବପ୍ରବଣତାର ଲୁଗା ହକାଳି ବା ପାଦରେ ଆଡ଼େଇ ଚେଷ୍ଟା କରାଯାଏ ହୁଏତ କାଳେ କିଏ ଜିଇ ପାରିବ। ଶୁଣିବାକୁ ସହଜ ଲାଗୁଥିଲେ ବି ଏସବୁ କିନ୍ତୁ ଦୁରୂହ। ତଥାପି ବୋଝ ବୋହି ବଞ୍ଚିବାକୁ ହେବ। ସମୟ ବଦଳିବ, ଲୋକ ହାତ ଛାଡ଼ିବେ, ପରିସ୍ଥିତି ଜଟିଳ ହେବ, ତଥାପି ଏ ଜୀବନ କିଛି ନୂଆ ଶିଖେଇବ। ●

ପାଣିକୋଇଲି(ଯାଜପୁର) ମୋ: ୯୮୫୩୦୦୯୯୬୮

# ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ନିକଟରେ ରାଜ୍ୟର କେତେକ ପ୍ରାନ୍ତରେ ଆମାଶୟ ଓ ହଇଜା ବ୍ୟାପକ ହେବାରୁ ଭୁବନେଶ୍ୱର ସମେତ କିଛି ନଗରପାଳିକା ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକ ଉପରେ କଟକଣା ଜାରିକରିଛନ୍ତି। ଖାଦ୍ୟ ପ୍ରସ୍ତୁତି ଓ ବିତରଣରେ କି କି ନିରାପଦ ପନ୍ଥାମାନ ଅନୁସରଣ କରାଯିବ ସେଥିରେ ତାହା ସୂଚୀତ କରାଯାଇଛି। କେତେକ ଦୋକାନକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏପ୍ରକାର କଟକଣା ସ୍ୱାଗତଯୋଗ୍ୟ। କାରଣ ସେଥିରେ ବିକ୍ରି ହେଉଥିବା ଖାଦ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଉପାଦାନ ବ୍ୟବହାର କରି ପ୍ରସ୍ତୁତ ହୋଇଥାଏ। ତେଣୁ ସେଗୁଡ଼ିକ 'ପଥପ୍ରାନ୍ତର ରୋଗ ପ୍ରସାରଣ କେନ୍ଦ୍ର' ପାଲଟିବା ସ୍ୱାଭାବିକ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଦେଶକୁ ଅଳ୍ପେବହୁତ ପରିବ୍ୟାପ୍ତ।

ପ୍ରତିବର୍ଷ ବିଶ୍ୱରେ ଆମାଶୟରେ ମୃତ୍ୟୁବରଣ କରୁଥିବା ପ୍ରାୟ ୨ ନିୟୁତ ଲୋକଙ୍କ ମଧ୍ୟରୁ ୫୦ଲକ୍ଷ ପାଖାପାଖି ଭାରତୀୟ। ଖାଦ୍ୟବାହୀ ସଂକ୍ରମଣର ଏହାର ଅନ୍ୟତମ କାରଣ ବୋଲି ମନେ କରାଯାଏ। ବିଶେଷକରି ସହରାଞ୍ଚଳମାନଙ୍କରେ ଏଭଳି ଖାଦ୍ୟ ଦୋକାନ ଅଧିକ ସଂଖ୍ୟାରେ ଥାଏ। ଭୁବନେଶ୍ୱର ଭଳି ଏକ ମଧ୍ୟମ ଧରଣର ସହରରେ ଏଭଳି ରାସ୍ତାକଡ଼ ଦୋକାନ ସଂଖ୍ୟାଶ ସାତ-ଆଠ ହଜାର ହେବ ବୋଲି ମନେକରାଯାଏ। ଏଗୁଡ଼ିକର ପ୍ରଧାନ ଗ୍ରାହକ ଅଟନ୍ତି ଛାତ୍ରଛାତ୍ରୀ, ଶ୍ରମଜୀବୀ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକେ। ଏହାବ୍ୟତୀତ ରହିଛି ବହୁସଂଖ୍ୟକ ଦହିବରା-ଆଳୁଦମ୍, ଚାଟ୍, ଗୁପ୍‌ଚୁପ୍ ଆଦିର ଉଠାଦୋକାନ।

କିଛିବର୍ଷ ତଳେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ମାଇକ୍ରୋବାଇଓଲୋଜି ବିଭାଗ ଦ୍ୱାରା ଭୁବନେଶ୍ୱରର ପ୍ରଥପ୍ରାନ୍ତ ଜଳଖିଆ ଦୋକାନମାନଙ୍କରେ ପ୍ରସ୍ତୁତ ଖାଦ୍ୟଗୁଡ଼ିକର ମାନ ପରୀକ୍ଷା କରାଯାଇଥିଲା। ଜଣାପଡ଼ିଲା ଯେ ସେଥିମଧ୍ୟରୁ ଅଧିକାଂଶ ବିବିଧ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ, ବିଶେଷକରି 'ସାଲ୍‌ମୋନେଲା'ରେ। ଦୁନିଆର ସବୁଠାରୁ ବ୍ୟାପକ ସଂକ୍ରମଣକାରୀ ୫ଟି ରୋଗ ଜୀବାଣୁମାନଙ୍କ ତାଲିକାରେ ଏହାର ସ୍ଥାନ ଶୀର୍ଷରେ। 'ସାଲ୍ମୋନେଲା' ଏକ ଗ୍ରାମ୍-ପଜିଟିଭ୍ ଜୀବାଣୁ, ଯାହାକି ମଣିଷ ଏବଂ ପଶୁମାନଙ୍କଠାରେ ରୋଗ ସୃଷ୍ଟି କରେ। ସେଗୁଡ଼ିକ ଦ୍ୱାରା ବିଷାକ୍ତ ହୋଇଥିବା ଖାଦ୍ୟ ଖାଇଲେ ବାନ୍ତି, ଆମାଶୟ, ତଳିପେଟରେ ଯନ୍ତ୍ରଣା, ଜ୍ୱର, ନିର୍ଜଳୀୟନ, ନିସ୍ତେଜତା ଆଦି ରୋଗ ହୋଇଥାଏ। ଆମ ଦେଶରେ ଆମାଶୟ, ବିଶେଷ କରି ଶିଶୁ ଆମାଶୟ ବ୍ୟାପକ ହେବାର ଏହା ଅନ୍ୟତମ ମୁଖ୍ୟ କାରଣ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତଥ୍ୟ ଅନୁସାରେ ପଥପ୍ରାନ୍ତର ଖାଦ୍ୟଗୁଡ଼ିକ ମଧ୍ୟରେ ସବୁଠାରୁ ସଂକ୍ରମଣକାରୀ ହେଲା ଦହିବରା, ଗୁପ୍‌ଚୁପ୍ ଓ ଚାଟ୍। ଏଥିରେ ପ୍ରବଳମାତ୍ରାରେ 'ସାଲ୍‌ମୋନନେଲା' ଥା'ନ୍ତି। ଏ ଖାଦ୍ୟଗୁଡ଼ିକର ମାନ ମଧ୍ୟ ଖୁବ୍ ନିକୃଷ୍ଟ। ଏହାର ପ୍ରସ୍ତୁତି ପାଇଁ ଅନେକ ସ୍ଥଳେ ବ୍ୟବହୃତ ହୋଇଥାଏ ଅଗରା ତେଲ, ହ୍ୱାଇଟ୍ ଅଏଲ୍ ଆଦି ଦ୍ୱାରା ଅପମିଶ୍ରିତ ତେଲ। ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଆମ ସମସ୍ତଙ୍କୁ ଜଣା। ପୁନଶ୍ଚ ଏଥିରେ ବାରମ୍ବାର ଖାଦ୍ୟ ଛାଣିବା ଫଳରେ ତାହା କଳା ଓ ବହଳିଆ ହୋଇଯାଏ। ତହିଁରେ ଥାଏ ପ୍ରଚୁର 'ଟ୍ରାନସ୍ ଫ୍ୟାଟସ୍', ଅଙ୍ଗାରକଣିକା ଇତ୍ୟାଦି, ଯାହାକି କର୍କଟ ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ ଯାଏଁ ଅନେକ ରୋଗର କାରଣ। ବ୍ୟବହୃତ ଅଟା ଓ ବେସନରେ ଆମ୍ବ କୋଇଲି ଓ ତେନ୍ତୁଳି ମଞ୍ଜି ସମେତ ଆକର୍ଷଣୀୟ କରିବା ପାଇଁ ମିଶା ଯାଉଥିବା ରାସାୟନିକ ରଙ୍ଗ ଏବଂ ପରସା ଯାଉଥିବା ସସ୍‌ରେ ମିଶିଥିବା ପଚା କଖାରୁର ରସ, ଦହିବରାର ଅପମିଶ୍ରିତ ଦହି ରୋଗସୃଷ୍ଟିକାରୀ। ଫାଷ୍ଟଫୁଡ୍ କଥା ନ କହିବା ଭଲ। ଏସବୁ ଖାଇବା ଲୋକେ ସାଧାରଣତଃ ସଂକ୍ରମଣ ଜନିତ ଏବଂ ଅଣ-ସଂକ୍ରମଣ ଜନିତ ବ୍ୟାଧିମାନଙ୍କର ଶିକାର ହୁଅନ୍ତି। ଏ ସମସ୍ୟାକୁ ଅଧିକ ଜଟିଳ କରିଥାଏ ସେଠାରେ ଥିବା ପିଇବା ପାଣି।

ଆମ ସରକାରଙ୍କ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ ହେଲା ସମାଜର ନିମ୍ନ ଆୟକାରୀ ବର୍ଗଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପୁଷ୍ଟି ଯୋଗାଇବା। ଏଥିପାଇଁ କେବଳ ଶସ୍ତା କିମ୍ବା ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ଯଥେଷ୍ଟ ନୁହେଁ। ବଜାରରେ ଉପଲବ୍ଧ ଅନ୍ୟ ସମସ୍ତ ଖାଦ୍ୟ ପଦାର୍ଥର ମାନ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଦରକାର। ପଥପ୍ରାନ୍ତର ଜଳଖିଆ ଦୋକାନଗୁଡ଼ିକର ନିୟନ୍ତ୍ରଣ ଏଦିଗରେ ପ୍ରଥମ ପଦକ୍ଷେପ ହେବା ଉଚିତ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମଦ ଦୋକାନ ମ୍ୟାନେଜର୍‌ଙ୍କୁ ୬ ରାଉଣ୍ଡ ଗୁଳି

**■ ଗୁରୁତର ଅବସ୍ଥାରେ ପିଆର୍‌ଏମ୍‌ରେ ଭର୍ତ୍ତି**
**■ ଟଙ୍କା ବ୍ୟାଗ୍ ଛଡ଼ାଇ ପାରିଲେନି ଦୁର୍ବୃତ୍ତ**
**■ ଶାନ୍ତ ମୟୂରଭଞ୍ଜ ବର୍ଷକରେ ଅଶାନ୍ତ: ସୁଦାମ**

ବାରିପଦା/କୁଳିଅଣା, ୨୩।୬ (ସମିସ): ମଦ ଦୋକାନ ସେଲ୍ସ ମ୍ୟାନେଜର୍‌ଙ୍କ ଉପରକୁ ୬ ରାଉଣ୍ଡ ଗୁଳି। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥରେ ଆଜି ସ୍ପଷ୍ଟ ଦିବାଲୋକରେ ଏହି ଆପରାଧିକ ଘଟଣା ଘଟିଛି। ଆକ୍ରମଣର ଶିକାର ବ୍ୟକ୍ତିଜଣଙ୍କ ହେଲେ, କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ (୩୦)। ତାଙ୍କ ପାଖରୁ ଟଙ୍କାଭର୍ତ୍ତି ବ୍ୟାଗ୍ ଛଡ଼ାଇବା ଉଦ୍ଦେଶ୍ୟରେ ୨ଜଣ ଦୁର୍ବୃତ୍ତ ବାଇଗଣବାଡ଼ିଆ ଛକ ନିକଟରେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। କୁଳିଅଣା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥ ଉପରୁ ଗୋଟିଏ ଖୋକାକୁ ଜବତ କରିଛି। ତେବେ ରିପୋର୍ଟ ଲେଖା ହେବା ବେଳକୁ ପୁଲିସ୍ କାହାରିକୁ ଗିରଫ କରିପାରିନାହିଁ। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇପଡ଼ିଛନ୍ତି।



ସୂଚନାନୁଯାୟୀ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ସେଲ୍ସ ମ୍ୟାନେଜର୍ ଭାବେ କାମ କରନ୍ତି। ସବୁ ଦିନ ଭଳି ଆଜି ସେ ଦୋକାନର ଲକ୍ଷାଧିକ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଏକ ବାଇକ୍‌ରେ ବାରିପଦାକୁ ଆସୁଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୪ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ବାଇଗଣବାଡ଼ିଆ ଛକ ପାର୍ ହେଉଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ଯୁବକ ତାଙ୍କ ପାଖରେ ପହଞ୍ଚି ଶିବାନନ୍ଦଙ୍କ ପାଖରୁ ଟଙ୍କା ବ୍ୟାଗ ଛଡ଼ାଇବା ଉଦ୍ଦେଶ୍ୟରେ ୨ଟି ବନ୍ଧୁକରୁ ୬ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ କାନ ଉପର ଦେଇ ଯାଇଥିବା ବେଳେ ଅନ୍ୟଟି ଜଙ୍ଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ତାଙ୍କ ପାଖରୁ ବ୍ୟାଗ୍‌ଟିକୁ ଛଡ଼ାଇ ପାରି ନଥିଲେ। ଧରାପଡ଼ିଯିବା ଭୟରେ ସୋନେ ସେଠାରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ ମାସ୍କ ପିନ୍ଧି ଥିବା ବେଳେ ବଙ୍ଗଳାରେ କଥାବାର୍ତ୍ତା ହେଉଥିବା ଶିବାନନ୍ଦ କହିଛନ୍ତି।

ଅପରପକ୍ଷେ, ଏହି ଘଟଣାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାରର ଗୋଟିଏ ବର୍ଷ ମଧ୍ୟରେ ଶାନ୍ତ ମୟୂରଭଞ୍ଜ ବର୍ତ୍ତମାନ ଅଶାନ୍ତ ହୋଇପଡ଼ିଲାଣି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅପରାଧୀଙ୍କ ପାଇଁ ମୟୂରଭଞ୍ଜ ଜିଲ୍ଲା ଏବେ ଆଡ଼ାସ୍ଥଳ ପାଲଟିଛି। ତୁରନ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ସେ ଦାବି କରିଛନ୍ତି। ଏହାସହ ଶ୍ରୀ ମାରାଣ୍ଡି ପିଆରଏମ ମେଡିକାଲରେ ପହଞ୍ଚି ଶିବାନନ୍ଦଙ୍କୁ ଭେଟିବା ସହ ତାଙ୍କର ଚିକିତ୍ସା ବ୍ୟବସ୍ଥା ସଂପର୍କରେ ଡାକ୍ତରଙ୍କୁ ପଚାରି ବୁଝିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ବାଲେଶ୍ୱର,୨୩।୬ (ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଗୁଡୁପାହିରେ ପୋଖରୀରେ ବୁଡ଼ି ଏକ ଅଢ଼େଇ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ପୁରୁକା ଅଞ୍ଚଳର ଶରତ ଚନ୍ଦ୍ର ପାତ୍ରଙ୍କ ପୁଅ ନିହାର। ଗତ ରବିବାର ଦିନ ଶରତ ପରିବାର ସହିତ ଗୁଡୁପାହି ଅଞ୍ଚଳରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସକାଳେ ସେମାନେ ଘରକୁ ଫେରିଯିବାକୁ ପ୍ରସ୍ତୁତ ହେଉଥିଲେ; ଏହି ସମୟରେ ନିହାର ଘର ପଛପଟେ ପିଲାଙ୍କ ଖେଳୁଥିବାବେଳେ ନିକଟ ପୋଖରୀରେ ପଡ଼ିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପୁଅକୁ ପୋଖରୀରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ।

**ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିପତ୍ର ପାଇଁ ଲକ୍ଷେ ଟଙ୍କା ଲାଞ୍ଚ**

# ଭିଜିଲାନ୍ସ ଜାଲରେ ସିଡିପିଓ, କିରାଣି

■ ରାୟଗଡ଼ା, ୨୩।୬ (ସମିସ): ଲାଞ୍ଚ ନେଇ ରାୟଗଡ଼ା ଜିଲ୍ଲା ବିଷମକଟକ ଶିଶୁ ବିକାଶ ସୁରକ୍ଷା ଅଧିକାରୀ(ସିଡିପିଓ) ସୁଶୀଳା ଶବର ଏବଂ ତାଙ୍କ କାର୍ଯ୍ୟାଳୟର କିରାଣୀ ତଥା ଆକାଉଣ୍ଟାଣ୍ଟ ରାମଚନ୍ଦ୍ର ପାତ୍ର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କୁର୍ଲି ପଞ୍ଚାୟତ ହିତେଶି ଗ୍ରାମର ଅଙ୍ଗନବାଡି କର୍ମୀ ପଦବୀ ପାଇଁ ସଦ୍ୟ ମନୋନୀତ ଡଙ୍ଗରିଆ ମହିଳା ସୀତା ୱାଡକାଙ୍କ ନିଯୁକ୍ତି ପାଇଁ ଦୁହେଁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସୂଚନା ଅନୁଯାୟୀ, ମାସକ ତଳେ ସୀତା ତାଙ୍କ ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ପଦବୀ ପାଇଁ ଆବେଦନ କରିଥିଲେ। ଜୁନ୍ ୨୦ରେ ସୀତାଙ୍କ ସ୍ୱାମୀ ଲାଲୁ ସିକକା ବିଷମକଟକ ସିଡିପିଓଙ୍କ କାର୍ଯ୍ୟାଳୟରେ ନିଯୁକ୍ତିର ସ୍ଥିତି ବିଷୟରେ ପଚାରିବାରୁ ତାଙ୍କୁ ଲାଞ୍ଚ ମଗାଯାଇଥିଲା। ସେଦିନ କିରାଣୀ ଶ୍ରୀ ପାତ୍ର ତାଙ୍କଠାରୁ ଫୋନ୍-ପେ'ରେ ୨୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଚାକିରି ପାଇଁ ପୁଣି ୮୦ହଜାର ଟଙ୍କା ମାଗିବାରୁ ସୀତା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଦୁହିଁଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଆଜି କୁମ୍ଭାରୀଢ଼ାମୁଣି ଛକରେ ଲାଲୁଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସିଡିପିଓ ଶ୍ରୀମତୀ ଶବର ଏବଂ କିରାଣୀ ଶ୍ରୀ ପାତ୍ର ଗିରଫ କରିଥିଲେ। ଦୁହିଁଙ୍କଠାରୁ କେମିକାଲ ପ୍ରଲୋପବୋଳା ଲାଞ୍ଚ ଟଙ୍କା ଜବତ କରାଯିବା ସହ ଗିରଫ କରାଯାଇଛି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଦୁହିଁଙ୍କ ଘର ଉପରେ ଏକକାଳୀନ ଚଢ଼ଉ କରିଛି।

ଉଲ୍ଲେଖଯୋଗ୍ୟ, କିରାଣୀ ଶ୍ରୀ ପାତ୍ର ପୂର୍ବରୁ ରାୟଗଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ନାଜିର ଭାବେ କାର୍ଯ୍ୟରତ ଥିଲେ। ସେତେବେଳେ ଜାଲ କାଗଜପତ୍ର ବ୍ୟବହାର କରି ସେ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବା ନେଇ ଭିଜିଲାନ୍ସ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଏବେ ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ବିଚାରାଧୀନ ରହିଛି।

**■ ଶିମିଳିପାଳ ବାଘ ଏନକ୍ଲୋଜର ପାଇଁ ଆଦିବାସୀଙ୍କୁ ପୂଜାସ୍ଥଳୀ ବାରଣ ପ୍ରସଙ୍ଗ**

# ରାଜ୍ୟ ଓ କେନ୍ଦ୍ରକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୩।୬ (ସମିସ): ଶିମିଳିପାଳ ଜଙ୍ଗଲରେ ବାଘୁଣୀ ଜିନ୍ନତ ପାଇଁ ଏନକ୍ଲୋଜର ନିର୍ମାଣ କରାଯିବା ହେତୁ ଏହା ସନ୍ନିକଟ ପୂଜାସ୍ଥଳକୁ ଯିବାକୁ ଆଦିବାସୀଙ୍କୁ ଅନୁମତି ପ୍ରଦାନ କରାନଯିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଦାୟର ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ। ସ୍ଥାନୀୟ ବାସିନ୍ଦା ତଥା ମୁଣ୍ଡା ସମ୍ପ୍ରଦାୟର ନନ୍ଦି ହୋ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପ୍ରତିପକ୍ଷ ଏହି ପ୍ରସଂଗରେ ଜବାବ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଦର୍ଶାଇଛନ୍ତି ଯେ,ସେମାନେ ଶିମିଳିପାଳ ଯମୁନାଗଡ଼ ଅଞ୍ଚଳର ମୂଳ ବାସିନ୍ଦା। ସେଠାରୁ ସେମାନେ ବିସ୍ଥାପିତ ହୋଇଥିଲେ ସୁଦ୍ଧା ଜଙ୍ଗଲ ଭିତରେ ଥିବା ସେମାନଙ୍କ ଗ୍ରାମର ନିର୍ଦ୍ଦିଷ୍ଟ ପୂଜାସ୍ଥଳ(ଜୟିରା)କୁ ଯାଇ ପାରମ୍ପରିକ ରୀତିନୀତିରେ ପୂଜା କରିଆସୁଥିଲେ। ହେଲେ ଶିମିଳିପାଳକୁ ସ୍ଥାନାନ୍ତର ହୋଇଥିବା ବାଘୁଣୀ ଜିନ୍ନତର ଏନକ୍ଲୋଜର୍ ପାଇଁ ସେମାନଙ୍କୁ ଆଉ ଅନୁମତି ମିଳିନଥିଲା। ପାରମ୍ପରିକ ରୀତିନୀତି ସମ୍ପନ୍ନ ସେମାନଙ୍କ ପୂଜାସ୍ଥଳକୁ ଭଙ୍ଗାଯାଇ ସେଠାରେ ବାଘୁଣୀ ଜିନ୍ନତ ପାଇଁ ଏନକ୍ଲୋଜର ସମ୍ପ୍ରସାରଣ କରାଯାଉଛି। ଏପରିକି, ବାଘ ସ୍ଥାନାନ୍ତର ସମ୍ପର୍କରେ ସେମାନଙ୍କ ପରାମର୍ଶ ନିଆଯାଉନି କିମ୍ବା କିଛି ଅବଗତ କରାଯାଉନାହିଁ। ଅନ୍ୟପଟରେ ଆଦିବାସୀଙ୍କ ଜଙ୍ଗଲ ଅଧିକାରର ଉଲ୍ଲଂଘନ ହେଉଥିବା ଦର୍ଶାଇ ସମ୍ପୃକ୍ତ ପୂଜାସ୍ଥଳକୁ ଯିବା ପାଇଁ ଅନୁମତି ଲୋଡି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଜଣିକିଆ ବିଚାରପତି ବାଘ ଏନକ୍ଲୋଜର ପାଇଁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା କାରଣରୁ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ସମ୍ପୃକ୍ତ ବାସିନ୍ଦା ସେମାନଙ୍କ ଅଧିକାର କ୍ଷୁଣ୍ଣ ହେଉଥିବାରୁ ଏହି ଆଦେଶ ବିରୋଧରେ ଦୁଇ ଜଣିଆ ଖଣ୍ଡପୀଠରେ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ଜୁଲାଇ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘନଉଛି ବିଶ୍ୱଯୁଦ୍ଧ...

ବର୍ତ୍ତମାନ ସମୟରେ ଆଉ କୌଣସି ଉଡ଼ାଣ ସମ୍ଭବ ହୋଇ ପାରିବ ନାହିଁ। ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ଏହି ଆକ୍ରମଣକୁ ସଫଳ ବୋଲି ବର୍ଣ୍ଣନା କରି ପ୍ରତି କ୍ଷେପଣାସ୍ତ୍ରର ଜବାବ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଇରାନର ପରମାଣୁ ବୈଜ୍ଞାନିକ ଓ ଅନ୍ୟ ସେନା ରଣନୀତିଜ୍ଞମାନଙ୍କୁ ତାଲିମ୍ ଦିଆଯାଉଥିବା ସାହିଦ୍ ବେହେସ୍ତି ବିଶ୍ୱବିଦ୍ୟାଳୟ ମଧ୍ୟ ବିପୁଳଭାବରେ କ୍ଷତିଗ୍ରସ୍ତ ହୋଇଛି।

ଅନ୍ୟପକ୍ଷରେ ଇରାନ ଆକ୍ରମଣରେ ଇସ୍ରାଏଲ୍ ସହରଗୁଡ଼ିକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ଇରାନ ଗଣମାଧ୍ୟମ ନୂର ନ୍ୟୁଜ ଦାବି କରିଛି। ଇସ୍ରାଏଲ୍ ମଧ୍ୟ ଇରାନର ଆକ୍ରମଣକୁ ସ୍ୱୀକାର କରିଛି। ଇରାନ୍ ଇସ୍ରାଏଲ୍‌ର ଉତ୍ତରଭାଗରେ ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ରୋକିବା ନିମନ୍ତେ ଇସ୍ରାଏଲ୍ ସେନା ଇଣ୍ଟରସେପ୍ଟର ବ୍ୟବସ୍ଥାକୁ ସକ୍ରିୟ କରିଛି ଓ ସାଧାରଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଇରାନ୍ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହ ଇରାନ୍ ସମସ୍ତ ସମ୍ପର୍କ ଛିନ୍ନ କରିଥିବା ଘୋଷଣା କରିଛି। ଏହା ସହିତ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଚିଠି ଲେଖି ସହଯୋଗ କରିବା ପାଇଁ ଇରାନ୍ ଅନୁରୋଧ କରିଛି।

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଚାଲିଥିବାବେଳେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଇସ୍ରାଏଲ୍ ଖୋଲାଖୋଲି ସମର୍ଥନ କରି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଇରାନ୍ ଏହାର ପ୍ରତିବାଦ କରିଛି। ମିଛ ବାହାନା କରି ଇରାନ୍ ଉପରେ ଆମେରିକା ଆକ୍ରମଣ କରିଛି ଓ ଇସ୍ରାଏଲ୍ ମିଛ କହି ଆମେରିକାକୁ ଯୁଦ୍ଧରେ ସମ୍ପୃକ୍ତ କରିଛି ବୋଲି ଇରାନ୍ ଅଭିଯୋଗ କରିଛି।

### ଦିଲ୍ଲୀ ଯୁବତୀଙ୍କୁ...

ଯୋଗଦେବା ପାଇଁ ଲିଜା ତାଙ୍କ ସହ ଗାଁକୁ ଆସିଥିଲେ। ଗତକାଲି ଦୁହେଁ ବିରଜା ମନ୍ଦିର ବୁଲି ଯାଇଥିଲେ। ଦର୍ଶନ ସାରି ଦୁହେଁ ଯାଜପୁର ବସ୍‌ଷ୍ଟାଣ୍ଡରୁ ଏକ ଘରୋଇ ବସ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ସେମାନେ ନନ୍ଦିପୁର ଛକ ନିକଟ ଭଦ୍ରକ ପଡ଼ିଆ ଛକରେ ଓହ୍ଲାଇ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥିଲେ। ସେତିକିବେଳେ ନିକଟସ୍ଥ ପାଟଣାସାହିର ୨ ଯୁବକ ଅନୀଲ ଯେନା ଓ ନୀତେଶ ଯେନା ଦୁହିଁଙ୍କୁ ଅସଦାଚରଣ କରିଥିଲେ। ଅଶ୍ଳୀଳ ଇଙ୍ଗିତ କରିବା ସହ ଉଭୟଙ୍କୁ ଟଣାଓଟରା କରିଥିଲେ। ଏହି ସମୟରେ ସୁମିତ୍ରାଙ୍କ ସମ୍ପର୍କୀୟ ୩ ଭାଇ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ଅଭିଯୁକ୍ତଦ୍ୱୟଙ୍କୁ ବିରୋଧ କରିଥିଲେ। ଏଥିରେ ରାଗିଯାଇ ଅନୀଲ ଓ ନୀତେଶ ସେମାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ତେବେ ଭୟରେ ସମସ୍ତେ ବଡ଼ ପାଟିରେ ଚିତ୍କାର କରିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରୁ ପଳାଇଥିଲେ। ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

ପରେ ଏ ସଂପର୍କରେ ସେମାନେ ରାତି ପ୍ରାୟ ୧୧ଟାରେ ଦଶରଥପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସେଠାରେ ପୁଲିସ୍‌ର ଆଚରଣ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଅଭିଯୋଗକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ପୁଲିସ୍ ନାନା ଆଳ ଦେଖାଇ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଥାନାର ଜଣେ କର୍ମଚାରୀ କହିଥିଲେ, 'ଏବେ ଥାନାଧିକାରୀ ପୁରୀ ଡ୍ୟୁଟିରେ ପଳାଇଛନ୍ତି। ତୁମେ ଘରକୁ ଯାଅ କ'ଣ ହୋଇପାରିବ ଦେଖିବା'। ତେବେ ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ ଆଜି ପୁଣିଥରେ ଯୁବତୀଦ୍ୱୟ ଥାନାକୁ ଯାଇଥିଲେ। କିନ୍ତୁ, ସେଠାରେ ପୁଲିସ୍ ପୁଣି ସେମାନଙ୍କୁ ନିରାଶ କରିଥିଲା। 'ଥାନାରେ କେହି ଅଧିକାରୀ ନାହାନ୍ତି, ଏଟା ଗତକାଲିର ଘଟଣା, କାଲିର ଡିସିଓ ଥିବା ରାଇବେରି ସୋରେନ ମ୍ୟାଡମ୍ ଆସିଲେ ଆପଣମାନେ ତାଙ୍କୁ ଦେଖା କରିବେ'; ଏମିତି କହି ଦୁହିଁଙ୍କୁ ଦୀର୍ଘ ସମୟ ଧରି ଥାନାରେ ବସାଇଥିଲେ। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ଥାନାରେ ପହଞ୍ଚିବାରୁ ଏସ୍‌ଆଇ ରାଇବେରୀ ସୋରେନ ୨ ଯୁବତୀଙ୍କୁ ପଚରାଉଚରା କରି ଘଟଣା ସଂପର୍କରେ ବୁଝିଥିଲେ। ୨ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଅପରପକ୍ଷେ, ଏହି ଘଟଣା ଜାଣିବା ପରେ ଯାଜପୁର ବିଧାୟିକା ସୁଜାତା ସାହୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳପୁର ଥାନା ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିଧାୟିକାଙ୍କୁ କହିଥିବା ଜଣାଯାଇଛି।

### ଦ୍ରୁତ ଆରୋଗ୍ୟ ଲାଭ...

ତୁରନ୍ତ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ପ୍ରେମ୍ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପଟେ ନବୀନଙ୍କ ଚିକିତ୍ସା ବ୍ୟବସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ଆସନ୍ତାକାଲି ୧୨ଟା ସୁଦ୍ଧା ନବୀନଙ୍କୁ ଆଇସିୟୁରୁ ସାଧାରଣ ରୁମ୍‌କୁ ସିଫ୍ଟ କରାଯିବ। ବର୍ତ୍ତମାନ ନବୀନ ଚାଲୁଛନ୍ତି, ସାଧାରଣ ଖାଦ୍ୟ ଖାଉଛନ୍ତି ଏବଂ ଭଲ ଭାବେ କଥାବାର୍ତ୍ତା ମଧ୍ୟ କରୁଛନ୍ତି। ସାଧାରଣ ରୁମ୍‌କୁ ଆସିବାର ୩ରୁ ୪ ଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ। ସେ ପୂରା ନର୍ମାଲ ଅଛନ୍ତି। ଫିଜିଓଥେରାପି ଚାଲିଛି। ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ସବୁ ନର୍ମାଲ ଥିବାରୁ ଆଜି ତାଙ୍କ ଦେହରୁ ଆର୍ଟେରିଆର ଲାଇନ ଓ ଇସିଜି ବାହାର କରି ଦିଆଯାଇଛି ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ନବୀନ ପଟ୍ଟନାୟକଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି।

### କ୍ରାଇମ୍‌ବ୍ରାଞ୍ଚ ହାତରେ...

ମୋବାଇଲ୍ ଜବତ କରି ଫରେନ୍‌ସିକ ଲ୍ୟାବ୍‌କୁ ପଠାଯାଇଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ।

ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ ଏହି ଘଟଣାର ପ୍ରତ୍ୟେକ ଦିଗ ଉପରେ ନଜର ରଖାଯାଇଛି ଏବଂ ପ୍ରମାଣ ସଂଗ୍ରହ କରାଯାଉଛି। ଡିଜିଟାଲ ଏଭିଡେନ୍ସର ତାକୁ ତର୍ଜମା କରାଯିବ। ଘଟଣାର ଯାହାବି ଡିଜିଟାଲ ପ୍ରମାଣ ରହିଛି ସେସବୁର ତଥ୍ୟ ଖୋଜାଯାଉଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଜବତ ହୋଇଛି। ସେସବୁର ଯାଞ୍ଚ କରାଯାଉଛି। ଫରେନସିକ ଟିମ୍ ସେସବୁ ମୋବାଇଲରେ ଘଟଣା ଦିନର କିଛି ପ୍ରମାଣ ରହିଛି କି ନାହିଁ, ତାହାର ଯାଞ୍ଚ କରୁଛନ୍ତି। ଅଧିକ ଡିଜିଟାଲ ପ୍ରମାଣ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି। କେବଳ ଅଭିଯୁକ୍ତଙ୍କ ମୋବାଇଲ ନୁହେଁ, ଘଟଣା ସ୍ଥଳକୁ ଯିବା ଆସିବା ସମୟରେ ବା ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ ହେଉଛି। ଘଟଣାର ପୂର୍ବର ଫୁଟେଜ ମଧ୍ୟ ସଂଗ୍ରହ ହୋଇଛି ଓ ଘଟଣାର ପରର ଫୁଟେଜ ସଂଗ୍ରହ କରାଯାଉଛି। ଏପରିକି ସେହି ସମୟରେ ଅଭିଯୁକ୍ତମାନେ କେଉଁଠ, କେଉଁ ଲୋକେସନରେ ଥିଲେ ସେମାନଙ୍କ ଗତିବିଧି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। କାରଣ ଏହି ଘଟଣା ପ୍ରାୟ ଦେଢ଼ଘଣ୍ଟାରୁ ଅଧିକ ସମୟ ଘଟିଥିଲା। ଏଯାବତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କର ଡିଏନ୍‌ଏ ମଧ୍ୟ ସଂଗ୍ରହ କରାଯାଇଛି। ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟକ୍ରମେ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାଲାଗି ତଥ୍ୟ ସମସ୍ତ ସଂଗ୍ରହ କରାଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହୋଇଥିବା ବେଳେ ସମସ୍ତଙ୍କୁ ଚିହ୍ନଟ କରିଥିଲେ ପୀଡିତା। ଗୋପାଳପୁର ଗଣଦୁଷ୍କର୍ମର ୧୦ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ ବ୍ରହ୍ମପୁର ଏସପି।

### ତାଡିଲା ଦଳିତ...

ଅନୁଷ୍ଠିତ ହୋଇଥିଲା। ଏହି ଘଟଣାକୁ ନେଇ ସଂଗଠନ ଆଗାମୀ ଦିନରେ ଜିଲ୍ଲାପାଳ, ଏସ୍‌ପି ଓ ଆର୍‌ଡିସିଙ୍କୁ ଭେଟିବ ବୋଲି ନିଷ୍ପତ୍ତି ନେଇଛି। ମହାସଭା ପକ୍ଷରୁ କୁହାଯାଇଥିଲା ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଉପରେ ତଥାକଥିତ ଗୋ-ରକ୍ଷକମାନଙ୍କ ଅତ୍ୟାଚାର, ଆତଙ୍କରାଜ, ନିର୍ଯାତନା ଓ ବଳପୂର୍ବକ ଚାନ୍ଦା ଆଦାୟ ବହୁଗୁଣ ବୃଦ୍ଧି ପାଇଛି। ଏହାସହ ପୀଡ଼ିତଙ୍କ ପ୍ରତି ଧରାକୋଟ ପୁଲିସର ସମ୍ବେଦନହୀନତା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଅପରପକ୍ଷେ, ଏହି ଘଟଣାରେ ଆଜି ପୁଲିସ୍ ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି ଯେ ଏହି ଘଟଣାରେ ୧୪ରୁ ୧୫ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି। ଏହି ଘଟଣା ପଛରେ ବଜରଙ୍ଗ ଦଳ ଓ କିଛି ବିଜେପି ସମର୍ଥକମାନଙ୍କ ଦ୍ୱାରା ଗଠିତ 'ଗୋ-ରକ୍ଷକ' ନାମକ ଏକ ସଂଗଠନର ହାତ ଥିବା କୁହାଯାଉଛି। ସେହିପରି, ପାଶବିକ ଅତ୍ୟାଚାରର ଶିକାର ହୋଇଥିବା ଦୁଇ ଦଳିତଙ୍କୁ ଚିକିତ୍ସା ପରେ ସୁରକ୍ଷିତ ଭାବେ ପୁଲିସ୍ ସେମାନଙ୍କ ଗାଁରେ ଛାଡ଼ିଛି।

ସୂଚନାନୁଯାୟୀ, ଗତ ରବିବାର ଦିନ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକ ଯୌତୁକ ବାବଦକୁ ୩ଟି ଗାଇ ନେଇ ଯାଉଥିବା ବେଳେ ଖାରିଗୁମା ଗ୍ରାମର କିଛି ଯୁବକ ସେମାନଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଦୁହିଁଙ୍କୁ ଗୋ-ଚାଲାଣକାରୀ ସଜାଇବା ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ସେତିକିରେ ନିର୍ଯାତନା ସରିନଥିଲା, ଦୁହିଁଙ୍କୁ ଘାସ ଖୁଆଇବା ସହ ନର୍ଦ୍ଦମା ପାଣି ପିଆଇଥିଲେ।

ମହାସଭାର ଆଜିର ବୈଠକରେ ରାଜେଶ ସେନାପତି, ଶିବ ନାୟକ, ସନ୍ତୋଷ ନାୟକ, ପ୍ରତାପ କୁମାର ନାଏକ, ରାଜେନ୍ଦ୍ର ନାୟକ, ରୋହିତ ନାୟକ, ପ୍ରସନ୍ନ ନାୟକ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହାସଭାର ନେତୃବୃନ୍ଦ ଯୋଗ ଦେଇଥିଲେ।

### ଉଦ୍‌ବେଗ ପ୍ରକାଶ...

କରିବା ଘଟଣା କେବଳ ଅମାନବୀୟ ନୁହେଁ; ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା। ଯେଉଁମାନେ ଜାତି ଆଉ ଏକ ପ୍ରସଙ୍ଗ ନୁହେଁ ବୋଲି କହୁଛନ୍ତି, ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ। ଦଳିତଙ୍କ ସମ୍ମାନକୁ ପାଦରେ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି। ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ, ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଅତ୍ୟାଚାର ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି ବୋଲି ରାହୁଲ ଉଲ୍ଲେଖ କରି ଦୋଷୀମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବେ ମନୁସ୍ମୃତି ଦ୍ୱାରା ନୁହେଁ; ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ ହେବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି।


**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**Notice (above 18 years of age)**

By virtue of an affidavit sworn before Executive Magistrate, Kaptipada, Udala, Mayurbhanj, dated 23-06-2025 I, Tapaswini Behera, Address AT- Dukura, PO.- Dukura, PS.- Khunta, Dist- Mayurbhanj, Odisha, Pin- 757075 declare that I have changed my name from **Tapaswani Behera** to **Tapaswini Behera** Henceforth, I shall be known as **Tapaswini Behera** for all purposes.

Tapaswini Behera

**Notice (for Minor)**

By virtue of an affidavit sworn before The Executive Magistrate, Baripada, Mayurbhanj, dated 16-06-2025 I, Sakuntala Behera Address AT/PO.- Kostha, PS.- Suliapada, Dist Mayurbhanj, Odisha, PIN- 757084 declare that I have changed the name of my daughter **SATYABHAMA BHADUK** to **ADYASHA BEHERA**. Henceforth, she shall be known as **ADYASHA BEHERA** for all purposes.

Sakuntala Behera

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 19/06/2025, I Sri Dhana Kirsani, S/o- Budu Kirsani, Village- Kujel, Post- Malibelgaon, PS.- Nandapur, Dist.- KORAPUT, declare that, I have changed my son's name from **Bhaban Kirsani** to **Bhagaban Kirsani**. Henceforth, my son shall be known as **Bhagaban Kirsani** for all purpose.

Sd/- Dhana Kirsani

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 17/06/2025, I, Sri Purastam Handal, S/o- Damburu Handal, Village- Banur, Post- Atanda, PS.- Padua, Dist.- KORAPUT declare that, I have changed my name from **Purastam Ketria** to **Purastam Handal**. Henceforth, I shall be known as **Purastam Handal** for all purpose.

Sd/- Purastam Handal

**AFFIDAVIT**

By virtue of an affidavit no. 3333, dated 21.06.2025, sworn before the Notary Public, Sunabeda, I state that my name is wrongly recorded as Pramoda Kumar Senapati instead of Pramod Kumar Senapati in the matriculation certificate of my son Biswajit Senapati. That **Pramod Kumar Senapati** and **Pramoda Kumar Senapati** is one and same person.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, dated 11/06/2025, I, Sri Sk Sakil, S/o- Sk Safi, Village- Tuduku Thuba, Post- Thuba-, PS.- Nandapur, Dist.- KORAPUT, declare that, I have changed my name from **Sekha Sakil** to **Sk Sakil**. Henceforth, I shall be known as **Sk Sakil** for all purpose.

Sd/- Sk Sakil

**AFFIDAVIT**

By virtue of an affidavit No.3674, Dtd.13.09.2024 sworn before the Executive Magistrate, Bahanaga I, **Sumati Das**, Adhar no. 308610245846, D/o. Gajendra Das, W/o. Ratikanta Malik, At. Talapada, Po. Dwarika, Ps. Khantapada, Dist. Balasore, Odisha, declare that before marraige I was known as **Sumati Das**, D/o. Gajendra Das and after marraige I am Known as **Sumati Malik**, W/o. Ratikanta Malik are one and same person.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

GADHWAL GROUP

Mob.: 9437015112

**AFFIDAVIT**

By virtue of an Affidavit No. 360/20/06/2025 I, Suchismita Nanda, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as **Suchismita Padhi** instead of **Suchismita Nanda** in all purposes.

Sd/- Suchismita Padhi

**AFFIDAVIT**

By virtual of an Affidavit No. 2467, Dt: 05/06/2025 sworn before the Executive Magistrate, Sundargarh, I, Biswajit Patel, S/o- Purushottam Patel, At/Po- Remanda, PS- Bhasma, Dist- Sundargarh - 770019, declare that my minor daughter Dibya Patel changed her name to **STUTI PATEL**. Henceforth she will be known as **STUTI PATEL** for all purposes.

Biswajit Patel

**AFFIDAVIT**

By virtue of an affidavit before The Notary Public, Titilagarh, on dated- 04/06/2025. I, **Rukmani Pradhani**, aged about 40 years, W/o- Rajani Pradhani, Permanent resident of AT/PO- Manigaon, PS- Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Venket Pradhani** (old name) To **Bibek Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Bibek Pradhani** (new name).

Rukmani Pradhani

**AFFIDAVIT**

I, Sanjay Nayak, S/o- Purna Chandra Nayak resident of At- Alijanga, Po-Aruha, Ps- Dharmasala, Dist- Jajpur, Pin-755024, Odisha declare by this affidavit No.1222, dated- 23/06/2025 that now onwards I shall be known as **SANJAYA KUMAR NAYAK** for all future purposes.

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 7238 Dt-20/06/2025. I Md.Muzammilur Rahman,S/o Md.Mohinuddin Ahmed of Village-Arad Bazar.Ps- Sahadevkhunta, Po/Dist- Balasore. Odisha. Declared that I have wrongly mentioned my daughter **Mahefuza Kaushar** C.B.S.E Board Certificate, that **Muzammilur Raheman** instead of **Md. Muzammilur Rahman**. Henceforth, I will be Known as **Md. Muzammilur Rahman** for all purpose.

Md.Muzammilur Rahman

**AFFIDAVIT**

By Virtue of an affidavit sworn before P.K Mishra (0. R.S) Executive Magistrate, Balasore .Sl No- 7238 Dt-20/06/2025.I Md.Muzammilur Rahman,S/o Md.Mohinuddin Ahmed of Village-Arad Bazar, Ps- Sahadevkhunta,Po/Dist- Balasore,Odisha. Declared that my wife's name wrongly mentioned my daughter **Mahefuza Kaushar** C.B.S.E Board Certificate, that **Kushnaz Raheman** instead of **Khoosnaz Raheman.** She shall be known as **Khoosnaz Raheman** for all purposes.

Md.Muzammilur Rahman

**AFFIDAVIT**

By virtue of an affidavit, I **Mithula Bhoi**, aged about 32 years, W/o- Jalandhar Bhoi, resident of Vill/Po: Gandabahali, Ps- Sinapali, Dist- Nuapada, Odisha, Pin- 766118 have declared that my real name is **Mithula Bhoi** which has recorded in my Voter Id Card, bearing No. NUA0903203, but in my Aadhar Card bearing No. 3093 4806 4621 my name has been wrongly mentioned as **Puspanjali Bhoi**. Henceforth, I want to correction my name as **Mithula Bhoi** instead of **Puspanjali Bhoi** in my Aadhar Card and for all purposes.

Mithula Bhoi

# ଦ୍ୱାଦଶ ମହିମା ଜ୍ୟୋତିଯାତ୍ରାର ଶୁଭାରମ୍ଭ

ଢେଙ୍କାନାଳ, ୨୩।୬(ସମିସ)



ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତ ମହୁଲପଡ଼ା ଗ୍ରାମସ୍ଥିତ ସିଦ୍ଧ ନୃସିଂହ ବାବାଙ୍କ ସମାଧି ପୀଠରୁ ୨ଦିନିଆ ଦ୍ୱାଦଶ ମହିମା ଜ୍ୟୋତିଯାତ୍ରା ଶୁଭାରମ୍ଭ କରିଛନ୍ତି ସାଂସଦ ରୁଦ୍ରନାରାୟଣ ପାଣି। ସାଂସଦ ପାଣି ମହିମା ବ୍ରହ୍ମଜ୍ୟୋତିଙ୍କୁ ଦର୍ଶନ କରି ଧୂପଦୀପ ଉତ୍ସର୍ଗ କରିଥିଲେ। ଉପସ୍ଥିତ ସହଯାତ୍ରୀ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ଆମର ଆଧ୍ୟାତ୍ମିକ ଚେତନା ବିଶ୍ୱଶାନ୍ତି ସ୍ଥାପନରେ ସହାୟତା କରୁଛି। ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ୧ମ ସମ୍ବୋଧନରେ ମହିମା ଧର୍ମର ବାଣୀ ଶୁଣାଇଥିଲେ ଯାହା ଓଡ଼ିଶାରୁ ଉତ୍ପତ୍ତି ଲାଭ କରିଛି। ଢେଙ୍କାନାଳ ମାଟିରୁ ଏହାର ପ୍ରଚାର ପ୍ରସାର ମହିମାସ୍ୱାମୀଙ୍କ ଦ୍ୱାରା ଆଜକୁ ୧୬୪ ବର୍ଷ ତଳୁ ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ରାଷ୍ଟ୍ରପତିଙ୍କୁ ତପୋବନ ଓ ଯୋରନ୍ଦା ପୀଠକୁ ଆଣିବାରେ ସାଂସଦ ପାଣି ସହଯୋଗ କରନ୍ତୁ ବୋଲି ନିବେଦନ କରିଥିଲେ। ନୃସିଂହ ବାବାଙ୍କ ସମାଧି ପୀଠର ପାରିପାର୍ଶ୍ୱିକ ଉନ୍ନତି ଓ ପୀଠକୁ ପକ୍କା ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିମା ଜ୍ୟୋତିଯାତ୍ରାର ସଭାପତି ତଥା କୌପିନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ମହିମା ଧର୍ମର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ସମାଜସେବୀ ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବଳଦିଆବନ୍ଧ ସରପଞ୍ଚ ସୁଶାନ୍ତ ଜେନା ମଞ୍ଚାସୀନ ଥିଲେ। ଜ୍ୟୋତିଯାତ୍ରାର ଆବାହକ ଭକ୍ତ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିଥିଲେ। ଶିକ୍ଷୋଦ୍ୟୋଗୀ ବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବ୍ରହ୍ମଜ୍ୟୋତି ଢେଙ୍କାନାଳ ସହରସ୍ଥିତ ସାଇକୃପା ଆବାସିକ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅନ୍ନଦା ପ୍ରସନ୍ନ ମହାନ୍ତି, ସମ୍ପାଦିକା ଅନୁପମା ମହାନ୍ତି, କଲେଜ୍ ଅଧ୍ୟକ୍ଷ ଡ. ତୁଷାର ମହାନ୍ତି ଓ କର୍ମଚାରୀବୃନ୍ଦଙ୍କ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ସୋମ୍ ଅଟୋ ପରିସରରେ ଏହାର ପରିଚାଳନା ନିର୍ଦ୍ଦେଶକ ରାଜକୁମାର ହର୍ଷବର୍ଦ୍ଧନ ସିଂହଦେଓ, ପତ୍ନୀ ଚନ୍ଦ୍ରିକା ସିଂହଦେଓ ଓ ଅନୁଷ୍ଠାନର କର୍ମଚାରୀଙ୍କ ଦ୍ୱାରା ବ୍ରହ୍ମଜ୍ୟୋତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମଜ୍ୟୋତି ସହରର ଶ୍ରୀଜଗନ୍ନାଥ ହସ୍ପିଟାଲରେ ସମ୍ବର୍ଦ୍ଧିତ ହୋଇ ସହରର କଣ୍ଟାନାଳୀ ବାଇପାସ୍ ଛକରୁ ଭାପୁର ଦେଇ ରାସୋଳ ମହାଲୁଣ୍ଡା ଛକରୁ ଇଲିରିସିଂହା ଗ୍ରାମକୁ ଆସି ସେଠାରେ ସମ୍ବର୍ଦ୍ଧିତ ହେବା ପରେ ହିନ୍ଦୋଳ ଅଭିମୁଖେ ଯାତ୍ରା କରିଛି।

● ଗୁଜରାଟ ଓ ପଞ୍ଜାବ ଉପନିର୍ବାଚନରେ ଆମ୍ ଆଦମୀ ପାର୍ଟିର ସଫଳତା

# 'ଲୋକେ କାମର ରାଜନୀତିକୁ ଭୋଟ ଦେଇଛନ୍ତି'

ଢେଙ୍କାନାଳ, ୨୩।୬(ସମିସ): ଗୁଜରାଟ ଓ ପଞ୍ଜାବ ଉପନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ବଡ଼ ସଫଳତା ମିଳିଛି। ଭୋଟରମାନେ କାମର ରାଜନୀତିକୁ ଭୋଟଦେଇ ଜିତାଇଛନ୍ତି। ୩୦ ବର୍ଷ ହେଲା ଗୁଜରାଟରେ ବିଜେପି ଶାସନ କରି ଲୋକଙ୍କୁ ମଡେଲ ଦେଖାଉଥିଲା। ୧୦ ବର୍ଷ ଭିତରେ ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ଆବାହକ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ବ୍ୟାପକ କାର୍ଯ୍ୟ, ୨ଶହ ୟୁନିଟ ଦେୟମୁକ୍ତ ବିଜୁଳି, ମାଗଣା ବିଶୁଦ୍ଧ ଜଳ ଏବଂ ଯୁବପିଢ଼ିଙ୍କୁ ରୋଜଗାର ଦେଇ ଏକ ବିଶ୍ୱସ୍ତରୀୟ ମଡେଲ ତିଆରି କରିପାରିଛନ୍ତି। ସବୁଠୁ ବଡ଼ କଥା ହେଉଛି ବିଜେପିର ଗଡ଼ରେ ପଶି ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଗୋପାଳ ଇଟାଲିଆ ୧୭୫୮୧ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। ସେହିପରି ପଞ୍ଜାବ ଲୁଧିଆନା ପଶ୍ଚିମ ଆସନରୁ ସଞ୍ଜୀବ ଆରୋଡ଼ା ୧୦ ହଜାରରୁ ଅଧିକାର ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନରୁ ପରିଲକ୍ଷିତ ହେଉଛି ଯେ ଆଉ ଭାଷଣ, ମଦମାଂସ, ଭୋଜିଭାତ ଓ ଅର୍ଥ ଲାଳସାରେ ଭୋଟରମାନେ ମତଦାନ କରିବାକୁ ଇଚ୍ଛୁକ ନୁହଁନ୍ତି। ଯେଉଁ ଦଳ ବା ବ୍ୟକ୍ତି ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିପାରିଛି ତାକୁ ଭୋଟ ଦେଇ ଜିତାଇଛନ୍ତି। ଏହି ସଫଳତା ପରେ ସ୍ଥାନୀୟ କର୍ମୀମାନେ ପରସ୍ପରକୁ ଲଡ୍ଡୁ ଖୁଆଇ ବିଜୟ ଉତ୍ସବ ପାଳନ କରିଥିଲେ। ଏକ ପ୍ରେସ ବାର୍ତ୍ତାରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



ଜିତେନ୍ଦ୍ର ବେହେରା, ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନା, ସଦସ୍ୟା ରଚିତା ନାଏକ, ସଦର ବ୍ଲକ ଉପସଭାପତି ପ୍ରସନ୍ନ ବରାଳ, ପୌରାଞ୍ଚଳ ସଭାପତି ଦେବାଶିଷ ନନ୍ଦ ପ୍ରମୁଖ କାମର ରାଜନୀତିକୁ ଜିଲ୍ଲା ତଥା ରାଜ୍ୟବାସୀ ହୃଦୟଙ୍ଗମ କରି ଆମ୍ ଆଦମୀ ପାର୍ଟିକୁ ଆପଣେଇବା ପାଇଁ ଅନୁରୋଧ କରିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

● ଆଳତୁମା ବ୍ରିଜ ନିକଟ ବାଇପାସ ରାସ୍ତା ମରଣଯନ୍ତା

କାମାକ୍ଷାନଗର, ୨୩।୬(ସମିସ): ୫୩ନଂ ଜାତୀୟ ରାଜପଥର କାମାକ୍ଷାନଗର ଥାନା ଆଳତୁମା ରାମିଆଳ ବ୍ରିଜ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଗାଲୁକାଟେଣୀ ଗ୍ରାମର ଜଳଧର ସାହୁ। ଜଳଧର ସାଇକଲ ଯୋଗେ କାମାକ୍ଷାନଗର ସାପ୍ତାହିକ ହାଟକୁ ଆସୁଥିଲେ। ରାମିଆଳ ବ୍ରିଜ ନିକଟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି ବସି ରହିଥିଲେ। ଫଳରେ ଡୁବୁରୀ-ତାଳଚେର ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଲୋକେ କ୍ଷତିପୂରଣ ଦାବିରେ ଜିଦ୍‌ରେ ଅଟଳ ରହିଥିଲେ। କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଦୀର୍ଘ ଦୁଇଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି।

୫୩ନଂ ଜାତୀୟ ରାଜପଥର ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହା ଏବେ ମରଣଯନ୍ତା ପାଲଟିଛି। ଦୁଇମାସ ମଧ୍ୟରେ ଏଠାରେ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଠାରେ ଆଲୋକୀକରଣ, ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା, ହମ୍ପସ ନିର୍ମାଣ ପାଇଁ ଲୋକେ ବାରମ୍ବାର ଦାବି କରୁଥିବା ବେଳେ ପ୍ରଶାସନର ଅଣଦେଖା ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ସ୍ଥାନ ଏବେ ଦୁର୍ଘଟଣାର ହଟସ୍ପଟରେ ପରିଣତ ହୋଇଛି।

# ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲା ପରିଷଦ ସଭ୍ୟା





ଖଜୁରିଆକଟା, ୨୩।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତ ହରିଜନସାହିରେ ଦେଢ଼ଶହରୁ ଉର୍ଦ୍ଧ୍ୱ ପରିବାରରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ ଏଠାରେ ବର୍ଷସାରା ପାନୀୟଜଳ ସଙ୍କଟ ସହ ବିଭିନ୍ନ ମୌଳିକ ସମସ୍ୟା ଲାଗି ରହିଛି। ପାଣି ମୁନ୍ଦିଏ ପାଇଁ ଏଠାରେ ହାହାକାର ପଡ଼ିଛି। ଆବର୍ଜନା ତଥା ଖଣି କ୍ରସରର ବିଷାକ୍ତ ଗୁଣ୍ଡମିଶା ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମରେ ୩ଟି ନଳକୂପ ରହିଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ନୁହେଁ। ତେଣୁ ବାଧ୍ୟହୋଇ ନିକଟରେ ବୋହିଯାଉଥିବା ଗୋଧିନାଳ ପାଣି ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ସେଇଠି ଗାଧୁଆପାଧୁଆ କରନ୍ତି ପୁଣି ସେଇ ପାଣିରେ ରୋଷେଇ ହୁଏ। ତେବେ ବାବନ୍ଧ ହରିଜନସାହି ଚାରିପାଖରେ ଅନେକ ଲିଜ ଓ ବେଆଇନ ପଥର ଖଣି ଓ କ୍ରସର ଗଢ଼ି ଉଠିଥିବା ବେଳେ ସେଥିରୁ ନିର୍ଗତ ବର୍ଜ୍ୟବସ୍ତୁ କ୍ରସରଗୁଣ୍ଡ ସିଧାସଳଖ ଗୋଧିନାଳରେ ମିଶି ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇଛି। ଗ୍ରାମର ଏହି ସମସ୍ୟା ସମ୍ପର୍କରେ ଖବର ପାଇ ବାବନ୍ଧ ଜୋନ ଜିଲ୍ଲାପରିଷଦ ସଭ୍ୟା ଅଞ୍ଚଳ ପରିଦର୍ଶନ କରି ପାନୀୟଜଳ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ତୁରନ୍ତ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି।

# ବିଦ୍ୟାଳୟରୁ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି

ଖଜୁରିଆକଟା, ୨୩।୬(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଗିରିଧର ପ୍ରସାଦ ପଞ୍ଚାୟତ ବ୍ରହ୍ମପୁରସ୍ଥିତ ମହାମହିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟରୁ ଟିଭି, ମାଇକ, ଖେଳ ସାମଗ୍ରୀ, କାଗଜପତ୍ର ସହ ଛାତ୍ରବୃତ୍ତି ପ୍ରଦାନ ପାଇଁ ଆଲମିରାରେ ଥିବା ୧୨ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଲଗାତର ଉପଖଣ୍ଡର ବିଦ୍ୟାଳୟଗୁଡ଼ିକୁ ଲୁଟେରାମାନେ ଟାର୍ଗେଟ କରୁଥିବା ବେଳେ ପୁଲିସ ପଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଆକ୍ରମଣ ମାମଲା: ୨ଜଣଙ୍କୁ କାରାଦଣ୍ଡ

ଢେଙ୍କାନାଳ, ୨୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅଞ୍ଚଳରେ ୨୦୦୭ ରେ ସଂଘଟିତ ଏକ ଆକ୍ରମଣ ମାମଲାର ବିଚାର କରି ଗଁଦିଆ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ୨ ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ଦୁଇଜଣ ହେଲେ ମନୋଜ ନାୟକ ଏବଂ ଅମ୍ବୁଜ ନାୟକ। ମାମଲାର ବିବରଣୀ ଅନୁଯାୟୀ, ୨୦୦୭ ନଭେମ୍ବର ୨ରେ ବୋଧିମନ୍ତ ସେଠୀଙ୍କ ପୁଅ ପ୍ରକାଶ ସେଠୀ ଅଭିଯୁକ୍ତ ମନୋଜ ନାୟକଙ୍କୁ ପୂର୍ବରୁ ଧାର ଦେଇଥିବା ଟଙ୍କା ଫେରାଇବା ପାଇଁ କହିଥିଲା। ଟଙ୍କା ମାଗିବାରୁ ମନୋଜ ନାୟକ ତାଙ୍କ ସହଯୋଗୀ ଅମ୍ବୁଜ ନାୟକ ତାକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ପ୍ରକାଶଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ଏ ନେଇ ଗଁଦିଆ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲା। ଗଁଦିଆ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏହି ମାମଲା ବିଚାରାଧୀନ ଥିଲା। ୧୧ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପିପି ଶାଶ୍ୱତ ଜେନା ଏହି ମାମଲା ପରିଚାଳନା କରୁଥିଲେ। ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ।

# କପିଳାସ କ୍ଷେତ୍ରରେ ଘୋଷଯାତ୍ରା ପ୍ରସ୍ତୁତି

ଗଁଦିଆ, ୨୩।୬(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସ କ୍ଷେତ୍ରରେ ପବିତ୍ର ଘୋଷଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଦେବୋତ୍ତର ବିଭାଗ ଓ ପୂର୍ତ୍ତ ବିଭଗ ରଥ ନିର୍ମାଣ ଶେଷ କରିବା ପରେ ରଥକୁ ହଳଦିଆ, ନାଲି ଓ କଳା ରଙ୍ଗର କପଡ଼ାରେ ଆଚ୍ଛାଦିତ କରାଯାଇଛି। ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। କିମ୍ବଦନ୍ତି ଅନୁଯାୟୀ, ପ୍ରତାପରୁଦ୍ର ଦେବ ତାଙ୍କ ରାଜତ୍ୱ କାଳର ଶେଷ ସମୟରେ କପିଳାସରେ ଅବସ୍ଥାନ କରିଥିଲେ। ମୁକ୍ତିମଣ୍ଡପ ପଣ୍ଡିତଙ୍କ ପରାମର୍ଶ କ୍ରମେ ସେ କପିଳାସ ଆସି ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଶରଣାପନ୍ନ ହୋଇଥିଲେ। ଏହି ସମୟରେ ସେ କପିଳାସ ପାଦଦେଶ ଦେଓଗାଁରେ ଶ୍ରୀବଳରାମଙ୍କ ମନ୍ଦିର ନିର୍ମାଣ କରି ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ୫ଶହ ବର୍ଷ ଧରି କପିଳାସ କ୍ଷେତ୍ର ଦେଓଗାଁରେ ରଥଯାତ୍ରା ପାଳିତ ହୋଇଆସୁଛି। ୧୪ଚକ ବିଶିଷ୍ଟ ତଳଧ୍ୱଜ ରଥର ଉଚ୍ଚତା ୨୬ହାତ ୭ ଆଙ୍ଗୁଳି ଅଟେ। କପିଳାସ କ୍ଷେତ୍ର ହିଁ ଦେଶର ଏକମାତ୍ର ପୀଠ ଯେଉଁଠାରେ ଯୋଗୀରାଜ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ଓ ଭଗୀରାଜ ଶ୍ରୀଜଗନ୍ନାଥଙ୍କ ଏକତ୍ର ଘୋଷଯାତ୍ର ମହା ସମନ୍ୱୟର ବାର୍ତ୍ତା ବହନ କରିଥାଏ। ତେବେ ପ୍ରଶାସନ ଅବହେଳା ଯୋଗୁଁ ଦେଓଗାଁ ରଥଯାତ୍ରାର ପ୍ରଚାର ପ୍ରସାର ହୋଇପାରୁନାହିଁ। ଚଳିତବର୍ଷ ଦେବୋତ୍ତର ବିଭଗ ରଥଯାତ୍ରା ପାଇଁ ୬ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି।



# ୧୦ କେଜି ହରିଣ ମାଂସ ଓ ଅଟୋ ଜବତ



ଶିକାରୀ ଗିରଫ

ହିନ୍ଦୋଳ, ୨୩।୬(ସମିସ): ହିନ୍ଦୋଳ ବନାଞ୍ଚଳ ଅଧିକାରୀ ପଟ୍ରୋଲିଂ କରୁଥିବା ସମୟରେ ନରସିଂହପୁର ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଅଟୋକୁ ଯାଞ୍ଚ କରି ସେଥିରେ ହରିଣ ମାଂସ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ବନ ବିଭାଗ ଅଟୋ ଜବତ କରିବା ସହ ସେଥିରେ ଥିବା ୧୦ କେଜି ହରିଣ ମାଂସ ଜବତ କରିଛି। ଏଥିସହ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ନରସିଂହପୁର ନୂଆଗଡ଼ ଗ୍ରାମର ଚୈତନ୍ୟ ନାଏକଙ୍କ ପୁଅ ଗୁଣନିଧି ନାଏକ (୨୯)। ଗୁଣନିଧି ପୂର୍ବରୁ ଜନ୍ତୁ ଶିକାର କରି ଅନେକ ଥର ଜେଲ୍ ଯାଇସାରିଛନ୍ତି। ରବିବାର ସନ୍ଧ୍ୟାରେ ହରିଣ ଶିକାର କରି ମାଂସକୁ ନିଜ ଅଟୋରେ ହିନ୍ଦୋଳରେ ବିକ୍ରି କରିବାକୁ ଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଗୌତମ ପ୍ରଧାନଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ନରସିଂହପୁର-ହିନ୍ଦୋଳ ଘାଟି ରାସ୍ତାରେ ଛକି ବସିଥିଲେ। ଗୁଣନିଧି ଅଟୋରେ ମାଂସ ନେଇ ସେଠାରେ ପହଞ୍ଚିବା ମାତ୍ରେ ବନ କର୍ମଚାରୀମାନେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଜବତ ମାଂସକୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି। ଗୁଣନିଧିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

# ବଜ୍ରପାତ ସମ୍ପର୍କରେ ସଚେତନତା

ଗଁଦିଆ, ୨୩।୬(ସମିସ): ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜୁଳି ଓ ଘଡ଼ଘଡ଼ି ସମ୍ପର୍କରେ ସଚେତନତାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗଁଦିଆ ଅଗ୍ନିଶମ ଓ ଜରୁରୀକାଳୀନ ସେବା ଅଧିକାରୀ ଦୀନବନ୍ଧୁ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବଜ୍ରପାତ ସମୟରେ ବିଭିନ୍ନ ସତର୍କତା ପଦ୍ଧତି




ବିଷୟରେ ଅବଗତ କରିଥିଲେ। ଦୈନନ୍ଦିନ ଜୀବନରେ ଘଟୁଥିବା ବିଭିନ୍ନ ବିପର୍ଯ୍ୟୟର ମୁକାବିଲା କିପରି କରାଯାଇପାରିବ ତାହା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ମନୋଜ କୁମାର ମହାନ୍ତି, ଆକାଶ ଅଭିଷେକ ବେହେରା, ପୁଲସ୍ତ୍ୟ ଶବର, ଅଭିମନ୍ୟୁ ମଲ୍ଲିକ, ସଞ୍ଜୟ କୁମାର ଜେନା, ଶିକ୍ଷୟିତ୍ରୀ ମିନତି ସାହୁ, ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ହେମନ୍ତ କୁମାର ନାୟକ, ଡମ୍ବରୁଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିମା ବ୍ରହ୍ମଜ୍ୟୋତିଙ୍କୁ ବିପୁଳ ସମ୍ବର୍ଦ୍ଧନା

ଢେଙ୍କାନାଳ, ୨୩।୬(ସମିସ): ହିନ୍ଦୋଳ ଟାଉନ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ବେଉରାଙ୍କ ନେତୃତ୍ୱରେ ପ୍ରଶାସନିକ କର୍ମଚାରୀ ଓ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ମହିମା ବ୍ରହ୍ମଜ୍ୟୋତିଙ୍କୁ ସ୍ୱାଗତ କରିଥିଲେ। ମହିମା ଭଜନ ଗାନ କରି ସମସ୍ତ ସହଯାତ୍ରୀ ଓ ହିନ୍ଦୋଳବାସୀ ଶୋଭାଯାତ୍ରାରେ ହିନ୍ଦୋଳ ରାଜନଅରକୁ ଆସିଥିଲେ। ସେଠାରେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ବ୍ରହ୍ମଜ୍ୟୋତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ତ୍ରିନାଥ ବେହେରା, ସୁବାସ ପାଳ, ରତିକାନ୍ତ ଗଡ଼ନାୟକ, ରବି ପଟ୍ଟନାୟକ ଓ କାଉନ୍‌ସିଲର ସୀମାରାଣୀ ସାହୁ ଯୋଗଦେଇଥିଲେ। ଜ୍ୟୋତିଯାତ୍ରାର ସଭାପତି ଶ୍ରୀମଦ୍ ରଘୁନାଥ ବାବା, ଉପସଭାପତି କରୁଣାକର ବାବା, ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ ମହାପାତ୍ର, ସହ ସମ୍ପାଦକ ବିଜ୍ଞାନୀ ବେହେରା, ଭକ୍ତ ଅନନ୍ତ ନାଏକ, ଶେଷଦେବ ବାବା, ଜ୍ଞାନୀ ବାବା, ବିନୋଦ ବାବା, ଭକ୍ତ ଶ୍ରୀକାନ୍ତ ଦେହୁରୀ, ଆଇନଜୀବୀ ଗୋପାଳ ଚନ୍ଦ୍ର ନାଥ ଓ ଅଜୟ ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସନ୍ଧ୍ୟା ୬ଟା ପରେ ବ୍ରହ୍ମଜ୍ୟୋତି ହିନ୍ଦୋଳ ଛାଡ଼ି କୋଶଳା ଅଭିମୁଖେ ବାହାରିଥିଲେ।

# ବିଜେପି ନଗର ମଣ୍ଡଳର ବଳିଦାନ ଦିବସ

ଢେଙ୍କାନାଳ, ୨୩।୬(ସମିସ): ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ ଜୁନ ୨୩ ତାରିଖ ବିଜେପି ପକ୍ଷରୁ ବଳିଦାନ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଢେଙ୍କାନାଳ ବିଜେପି ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦକ୍ଷିଣକାଳୀସ୍ଥିତ କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳନ କରାଯାଇଛି।



ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ମୁଖ୍ୟଅତିଥି, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଓ ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ମୁଖାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ଦେଶ ପ୍ରତି ତାଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ଡ. ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସତ୍ୟାନନ୍ଦ ପାତ୍ର, ପୂର୍ବତନ ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ଦୀପକ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ହୋତା, ପ୍ରଦୀପ ମଲ୍ଲିକ, ବିଭୂତି ଭୂଷଣ ଷଣ୍ଢ, ସର୍ଫରାଜ୍ ଅଲ୍ଲୀ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ, ପ୍ରତାପ ନାଏକ, ସୁଚିତ୍ର ବେହେରା, ସଚ୍ଚିଦାନନ୍ଦ ସାମଲ, ଅଭୟ ଲେଙ୍କା, ଶଙ୍କର ସାମଲ, ସମରେନ୍ଦ୍ର ପଟ୍ଟନାୟକ, ବିଘ୍ନେଶ୍ୱର ଦୋରା, ବଳରାମ ସେଠୀ, ବିଭୂତି ଭୂଷଣ ନନ୍ଦ, ରବିନାରାୟଣ ମିଶ୍ର, ରାକେଶ ସାହୁ, ଭରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୮ରୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଗଁଦିଆ, ୨୩।୬(ସମିସ)

ଓଡ଼ିଶା ଡ୍ରାଇଭର ମହାସଂଘ ନିର୍ଦ୍ଦେଶ କ୍ରମେ ଗଁଦିଆ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବି ନେଇ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରାଯାଇଛି। ଏ ନେଇ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘର ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଡ୍ରାଇଭରମାନଙ୍କର ଯେଉଁ ସମସ୍ୟା ସମ୍ପର୍କିତ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ସେଥିରୁ ମାତ୍ର ଗୋଟିଏ ଦାବି ପୂରଣ କରାଯାଇଛି। ଅନ୍ୟ ୭ଟି ଦାବି ପୂରଣ କରିବାର ନାଁ ଧରୁନାହାନ୍ତି ସରକାର। ଦାବି ପୂରଣ ନିମନ୍ତେ ମହାସଂଘ ମାର୍ଚ୍ଚ ୨୯ରୁ ୬ଦିନ ବ୍ୟାପୀ ଲୋୟାର ପିଏମଜିରେ ଧାରଣା ଦେଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ମହାସଂଘର ପ୍ରମୁଖ ୭ଦଫା



ଦାବି ମଧ୍ୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱାର୍କର ୱେଲଫେୟାର ବୋର୍ଡ଼ରେ ଅଟୋ ଡ୍ରାଇଭରମାନଙ୍କୁ ସାମିଲ କରିବା, ଜନସାଧାରଣଙ୍କ ଆକ୍ରୋସର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ଗାଡ଼ି ରହଣି ଓ ଡ୍ରାଇଭରଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ରାଜ୍ୟରେ ଥିବା ଖଣିଖାଦାନ ଓ କାରଖାନାଗୁଡ଼ିକରେ ୭୦% ରାଜ୍ୟ ଡ୍ରାଇଭରଙ୍କୁ କାର୍ଯ୍ୟ କରିବା ପାଇଁ ଅଗ୍ରାଧିକାର ପ୍ରଦାନ, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ଘୋଷଣା ଓ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କ୍ଷମତା ପୁଲିସଠାରୁ ପ୍ରତ୍ୟାହାର ଆଦି ରହିଛି। ଏ ନେଇ ସଂଘ ସଭାପତି ବୈରାଗୀ ମଲିକ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ଉପଦେଷ୍ଟା ଭୀମସେନ ଦାସଙ୍କ ନେତୃତ୍ୱରେ ସଂଘ ସଭ୍ୟମାନେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ର, ବିଡିଓ ପବିତ୍ର କୁମାର ବେହେରା ଓ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ପୂରଣ ନ କଲେ ଜୁଲାଇ ୮ରୁ ସମସ୍ତ ଡ୍ରାଇଭର ଷ୍ଟିୟରିଂ ଛାଡ଼ି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଚାଷଜମିରୁ ଜଳ ନିଷ୍କାସନରେ ଜାତୀୟ ରାଜପଥ କାମ ବାଧକ

# ଡେରାବିଶ ବ୍ଲକ୍‌ର ୪ ହଜାର ହେକ୍ଟର ଜମିରେ ହେବନି ଧାନ ଫସଲ

ଡେରାବିଶ,୨୩।୬(ସମିସ):



ଡେରାବିଶ ବ୍ଲକ୍ ଅଞ୍ଚଳର ଚାଷଜମିରୁ ଚଳିତ ବର୍ଷ ବର୍ଷାଜଳ ଓ ଉଦ୍‌ବୃତ୍ତ କେନାଲ ପାଣି ନିଷ୍କାସନ ହେବା ନେଇ ସନ୍ଦେହ ଦେଖାଦେଇଛି। ଡେରାବିଶ ବ୍ଲକ୍ ଦେଇ ବହିଯାଇଥିବା ୧୭, ୧୮, ୧୯ ଓ ୨୦ନଂ ଡ୍ରେନେଜ କଟ୍‌କୁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ରାଜପଥ ନିର୍ମାଣ ଆଳରେ ପୋତି ପକାଇଛି। ଫଳରେ ଡେରାବିଶ ବ୍ଲକ୍ ଅନ୍ତର୍ଗତ ୨୬ଟି ପଞ୍ଚାୟତର ୪ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ଚଳିତବର୍ଷ ଧାନ ଫସଲ ନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ସାମାନ୍ୟ ବର୍ଷାରେ ବହୁ ଚାଷଜମିରେ ୨ରୁ ୩ ଫୁଟ ପାଣି ଜମି ରହିଛି। ଏବେ ତଳି ପକାଇବାର ସମୟ। ଚାଷୀ ବିଲରେ ହଳ କରି ଧାନ ବିହନ ପକାଇବ। ତା' ପୂର୍ବରୁ ପାଣି ନିଷ୍କାସନ ଚିନ୍ତା ଘାରିଛି।

- ଏବେ ଲଘୁଚାପ ବର୍ଷାରେ ଚାଷଜମିରେ ୨ରୁ ୩ ଫୁଟ ପାଣି
- ତଳି ଘେରାର ସୁରକ୍ଷା ନେଇ ଚାଷୀ ଚିନ୍ତିତ

ଚଳିତ ବର୍ଷ କୌଣସି ଡ୍ରେନେଜ କଟ୍ ଆଦୌ ସଫା କରାଯାଇ ନ ଥିବାବେଳେ ଏଥିରେ ଦଳ ଭର୍ତ୍ତି ହୋଇରହିଛି। କଟକ ଜିଲ୍ଲା ମାହାଙ୍ଗାରୁ ବାହାରିଥିବା ୧୭ ଓ ୧୮ ନଂ ଡ୍ରେନେଜ କଟ୍‌ର ଉଦ୍‌ବୃତ୍ତ ଜଳ ନରସିଂହପୁର ପଞ୍ଚାୟତର ମୁଣ୍ଡିଲୋଠାରେ ଜମା ହୋଇ ରହିବ। କାରଣ ନରସିଂହପୁରଠାରୁ ଜାତୀୟ ରାଜପଥର ବଳଭଦ୍ରପୁର ଛକ ପର୍ଯ୍ୟନ୍ତ ଆଦୌ ସଫା କରାଯାଇନାହିଁ। ଏହି ଦୁଇଟି ଡ୍ରେନେଜ କଟ୍‌ର ଉପର ମୁଣ୍ଡରୁ ଆସୁଥିବା ବର୍ଷା ଜଳ ଓ ଉଦବୃତ୍ତ ଜଳ ନରସିଂହପୁର, ଏଣ୍ଡର, ବାଲିଆ, ଗୋଲରାହାଟ, ଲକ୍ଷ୍ମୀନାରାୟଣପୁର, କାଉପଡ଼ା ପଞ୍ଚାୟତର ପ୍ରାୟ ୩୦ଟି ଗ୍ରାମର ଚାଷଜମିକୁ ଜଳାର୍ଣ୍ଣବ କରି ରଖିବ। ପୂର୍ବ ବର୍ଷ ଚାଷୀ ଦୁଇଥର ଓ ତିନିଥର ଧାନ ରୋଇବା ପାଇଁ ପ୍ରସ୍ତୁତ ନ ଥିବାରୁ ଚଳିତ ବର୍ଷ ଧାନ ନ ରୋଇବାକୁ ନିଷ୍ପତ୍ତି ନେଇଛନ୍ତି।

ସେହିପରି ୧୯ ନଂ ପାଟନାଳୀ ଜାତୀୟ ରାଜପଥର ଓଲଡ଼ି ଛକରେ ୧୭ନଂ ପାଟନାଳୀଟି ଅଁଳାବାଙ୍କ ଛକ ନିକଟରେ ଜାତୀୟ ରାଜପଥ ପାସ୍ କରିଛି। ଏହି ସ୍ଥାନରେ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାଦାର ରାସ୍ତା ନିର୍ମାଣ କରୁଛି। ଫଳରେ ପାଟନାଳୀ ମୁହଁକୁ ସମ୍ପୂର୍ଣ୍ଣ ପୋତିଦେଇଛି। ଏଥିସହିତ ଜାତୀୟ ରାଜପଥରୁ ନିର୍ମାଣରେ ବ୍ୟବହୃତ ମାଟି ଓ ବାଲି ବର୍ଷାରେ ଧୋଇ ଯାଇ ପାଟନାଳୀର ୫୦୦ ମିଟର ପର୍ଯ୍ୟନ୍ତ ପୋତି ପକାଇଛି। ଜୁଲାଇ ୧୫ ତାରିଖରେ କେନାଲରେ ପାଣି ଆସିବ। ଏହା ପୂର୍ବରୁ ଲଘୁଚାପଜନିତ ବର୍ଷାରେ ଚାଷଜମି ଜଳାର୍ଣ୍ଣବ ହେବ। ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାଦାର ଜୁଲାଇ ୧୫ ତାରିଖରେ ରାଜପଥର ପାଟନାଳୀ ଉପର ପୋଲ କାର୍ଯ୍ୟ ଓ ଏହା ମଧ୍ୟରେ ଭର୍ତ୍ତି ହୋଇଥିବା ବାଲି ମାଟି ଯଦି ସଫେଇ ନ କରନ୍ତି, ତେବେ ପାଣି ନିଷ୍କାସନ ସମ୍ଭବ ହେବନାହିଁ। ଏହି ଆଶଙ୍କାରେ ଏବେ ଡେରାବିଶ ବ୍ଲକ୍‌ର ଚାଷୀ ବିଲରେ ଧାନତଳି ପକାଇବାକୁ ଭୟ କଲେଣି। ଯଦି ତଳି ପକାଇବା ପରେ ଲଘୁଚାପ ବର୍ଷା ହୁଏ, ତେବେ ବିଲରୁ ପାଣି ନିଷ୍କାସନ ହୋଇ ନ ପାରି ପାଣିରେ ବୁଡ଼ି ଗଜା ମରୁଡ଼ି ହୋଇଯିବ।

ଜଳ ନିକାସ ବିଭାଗ ପକ୍ଷରୁ ପାଟନାଳୀ ସଫେଇ ଜୁନ୍ କିମ୍ବା ଜୁଲାଇ ମାସ ପୂର୍ବରୁ କରିବା କଥା। ଗତବର୍ଷ ଜଳ ନିଷ୍କାସନ ନ ହେବାରୁ ସରକାରଙ୍କ ଉପରେ ଚାପ ପଡ଼ିବା ପରେ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ସେପ୍ଟେମ୍ବର ମାସରେ ସଫେଇ କରିଥିଲା। ଚଳିତ ବର୍ଷ ପାଟନାଳୀ ସଫେଇ ହୋଇ ନ ଥିବାରୁ ସମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ତେଣୁ ଚାଷୀଙ୍କ ସମସ୍ତ କ୍ଷତିକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭରଣା କରନ୍ତୁ ବୋଲି ନିଖିଳ ଉତ୍କଳ ଗ୍ରାମୀଣ ଚାଷୀମୂଲିଆ ସଂଘ ସମ୍ପାଦକ ବିଧୁଭୂଷଣ ମହାପାତ୍ର ଦାବି କରନ୍ତି। ଗତବର୍ଷର ଅସୁବିଧାକୁ ଏ ବର୍ଷ ନ ଦୋହରାଇବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ପାଟନାଳୀ ସଫେଇ ଉପରେ ଗୁରୁତ୍ୱ ଦିଅନ୍ତୁ। ତେଣୁ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ଭାବେ ବିଚାର କରି ଯୁଦ୍ଧକାଳୀନ ଭିତ୍ତିରେ ସମୀକ୍ଷା କରିବା ସହିତ ଜାତୀୟ ରାଜପଥ ନିର୍ମାଣ କରୁଥିବା ସଂସ୍ଥାକୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଡେରାବିଶ ବ୍ଲକ୍‌ର ଚାଷୀ ଦାବି କରିଛନ୍ତି। ଏଥିସହିତ ପୂର୍ବ ଦୁଇବର୍ଷର କ୍ଷତିପୂରଣ ଓ ଚଳିତ ବର୍ଷର କ୍ଷତିପୂରଣ ସହ ଖଜଣା, ଜଳକର ଛାଡ଼ କରିବା ପାଇଁ ଚାଷୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଚାଷୀଙ୍କ ଅସନ୍ତୋଷ ଏକ ବିରାଟ ଜନଆନ୍ଦୋଳନ ସୃଷ୍ଟି କରିବ। ଯେଉଁଥି ପାଇଁ ସରକାର ଦାୟୀ ରହିବେ।

## ରାଜନଗରରେ ବଢୁଛି ଝାଡ଼ାବାନ୍ତି

**ରାଜନଗର, ୨୩।୬(ସମିସ):** ରାଜନଗର ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ପ୍ରତିଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଈଶ୍ୱରପୁର, ତାଳଚୁଆ, ଡାଙ୍ଗମାଳ, ଗୁପ୍ତି, ଜଗନ୍ନାଥପୁର ଶାସନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣ ଭିତରେ ଥିଲେ ମଧ୍ୟ ପ୍ରତିଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡାବାନ୍ତି ରୋଗୀ ଆସୁଥିବାରୁ ଚିନ୍ତା ବଢିଛି। ଗତବର୍ଷ ରାଜନଗରରେ ଝାଡ଼ାବାନ୍ତିରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଖରୀ ପାଣିରେ ଜୀବାଣୁ ଠାବ ହୋଇଥିଲା। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଢୋଲମରାର ଶରତ ଚନ୍ଦ୍ର ଦାସ, ଗଜରାଜପୁର ଗାଁର ମନିକା ମଲ୍ଲିକ, ବଳଭଦ୍ରପୁରର ସରସ୍ୱତୀ ମହାକୁଡ, ଡାଗୁଆର ସୁମିତ୍ରା ଦାସ, ଈଶ୍ୱରପୁରର ସନ୍ଦୀପ ସାହୁ, ଧାନଦିଆର ମାଲତୀ ସ୍ୱାଇଁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ରୋଗୀ ଝାଡାବାନ୍ତି ପାଇଁ ମେଡିସିନ ନେଇ ଯାଉଥିବା ଜଣାପଡିଛି। ପାଗ ପରିବର୍ତ୍ତନ ସାଙ୍ଗକୁ ଭୋଜି ଓ ଆମ୍ବ, ପଣସ ପାଇଁ ଝାଡାବାନ୍ତି ବ୍ୟାପୁଥିବା କୁହାଯାଉଛି। ରାଜନଗର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଗାଁରେ ଆଶା କର୍ମୀ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଟିମ ବିଭିନ୍ନ ହୋଟେଲ ଓ ବାହାରେ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋକାନ ନିୟମିତ ଯାଞ୍ଚ କରୁଥିଲେ ମଧ୍ୟ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢିବା ଚିନ୍ତା ବଢାଇଛି।

## ବାଗୋଇରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ

**କୁଜଙ୍ଗ,୨୩।୬(ସମିସ):** କୁଜଙ୍ଗ ବ୍ଲକ୍ ବାଗୋଇ ପଞ୍ଚାୟତରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବାଗୋଇ ବଟ ମହାପୁରୁଷ ପୀଠରେ ନୂତନ ଭାଗବତ ଟୁଙ୍ଗୀ ନିର୍ମାଣ, ଚରଦିଆ ମା' ବାରୁଣେଇ ପୀଠରେ ନୂତନ ଭାଗବତ ଟୁଙ୍ଗୀ ନିର୍ମାଣ, ଘୁଷୁରିଆ ପୋଲ ପାଖ ନୂତନ ଗାଧୁଆ ତୁଠ ଓ ବସ୍ତ୍ର ବଦଳାଇବା ଘର ନିର୍ମାଣ, ବଜ୍ରସୁନା ମନ୍ଦିରର ନୂତନ ରୋଷ ଘର ଓ ଭୋଗମଣ୍ଡପ ନିର୍ମାଣ ସହିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବାଗୋଇ ବଟ ମହାପୁରୁଷ ପୀଠର ନବୀକରଣ ନିମନ୍ତେ ଶିଳାନ୍ୟାସ ହୋଇଛି। ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସରକାରଙ୍କ ଏକବର୍ଷ କାର୍ଯ୍ୟକ୍ରମର ଜନକଲ୍ୟାଣକାରୀ ଯୋଜନା ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଗତିମୂଳକ ବିକାଶ ସହିତ ପାରାଦୀପ ଅଞ୍ଚଳରେ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ବନ୍ଧରେ ନିଜ ମନ୍ତବ୍ୟ ରଖିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ରାସନ କାର୍ଡ଼ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ବିଡିଓ ଦୀପକ ପ୍ରକାଶ ସ୍ୱାଇଁ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ସମିତି ସଭ୍ୟା ସତ୍ୟରାଣୀ ବେହେରା, ବିଜେପିର ବରିଷ୍ଠ ନେତା ବୀରେନ୍ଦ୍ର ବିଶ୍ୱାଳ, ଶତ୍ରୁଘ୍ନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସମାରୋହ



**ଡେରାବିଶ, ୨୩।୬(ସମିସ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟ ସଭାକକ୍ଷରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିବା ସୁଦର୍ଶନ ପଣ୍ଡା ଓ ଶୁଭଙ୍କର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ତ୍ରୈମାସିକ ଓଡ଼ିଆ ଗୀତି କବିତା ପତ୍ରିକା 'ଗୀତି ଗଙ୍ଗୋତ୍ରୀ'ର ସମ୍ପାଦକ ତଥା ଗୀତି ଭାରତୀ ଟ୍ରଷ୍ଟର ମୁଖ୍ୟ ନ୍ୟାସୀ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତିଙ୍କ ପକ୍ଷରୁ ଦ୍ୱିତୀୟ ବର୍ଷର ଏହି ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ମୃତ୍ୟୁଞ୍ଜୟ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ପ୍ରତିଯୋଗିତାରେ ସଫଳତା ହାସଲ କରିବାର ମହାମନ୍ତ୍ର ଦେବା ସହ ଚଳିତ ବର୍ଷର କୃତୀ ଛାତ୍ର ସୁଦର୍ଶନ ପଣ୍ଡା ଓ ଶୁଭଙ୍କର ମନ୍ତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର, ସ୍ମାରକୀ ପ୍ଲେଟ ଓ ନଗଦ ୨୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଇଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ ଯାଇ ଆସନ୍ତା ବର୍ଷଠାରୁ ଏହି ବିଦ୍ୟାଳୟର ଯଦି କୌଣସି ଛାତ୍ର ସର୍ବୋଚ୍ଚ ନମ୍ବର ରଖି ବ୍ଲକ ଟପ୍ପର ହୁଅନ୍ତି ୨୦୦୦ ଟଙ୍କା, ଜିଲ୍ଲା ଟପ୍ପର ହେଲେ ୫୦୦୦ ଟଙ୍କା ଓ ରାଜ୍ୟ ଟପ୍ପର ହେଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। 'ଗୀତି ଗଙ୍ଗୋତ୍ରୀ'ର ସମ୍ପାଦକ ପ୍ରାଧ୍ୟାପକ ଶ୍ରୀ ମହାନ୍ତି ଏହି ବିଦ୍ୟାଳୟର ୧୯୭୦ ବ୍ୟାଚର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କ ବ୍ୟାଚର ଛାତ୍ର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରଥଦାଣ୍ଡ ଆଲୋକୀକରଣ ଓ ସଫେଇ ଦାବି

**ରାଜନଗର,୨୩।୬(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ୨୭ ତାରିଖ ଦିନ ଅନୁଷ୍ଠିତ ହେବ। ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ ଚାଲିଛି। ମାତ୍ର ରାଜନଗର ରଥଦାଣ୍ଡ ଆଜି ଯାଏଁ ସଫେଇ ହୋଇ ନ ଥିବାବେଳେ ଅଧିକାଂଶ ଖୁଣ୍ଟରେ ଉଜ୍ଜ୍ୱଳ ଆଲୋକ ଜଳୁନି। ରଥଦାଣ୍ଡ ସଫେଇ ଓ ଆଲୋକୀକରଣ କାର୍ଯ୍ୟ ପାଇଁ ରାଜନଗର ସଦର ବଡ଼ଦାଣ୍ଡ ଗାଁ କମିଟି ସଦସ୍ୟ ସରପଞ୍ଚ ସଂଗୀତ ମିଶ୍ର ଓ ସମିତିସଭ୍ୟା ସୁମିତ୍ରା ସେଠୀଙ୍କୁ ଅଭିଯୋଗ କରିଛନ୍ତି। ରାଜନଗର ବଡ଼ଦାଣ୍ଡ କମିଟି ସଭାପତି ସର୍ବେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ବିଷୟ ହେଉଛି ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ରାଜନଗର ବଡ଼ଦାଣ୍ଡର ପରମ ଆରାଧ୍ୟ ଦେବତା ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରଠାରୁ ଲାଞ୍ଜୁଡାମୁଣ୍ଡ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ, ଏଲଇଡି ଲାଇଟ ସଂଯୋଗ ସହିତ ବଡ଼ଦାଣ୍ଡର ସମସ୍ତ ନଳକୂପ ମରାମତି ଓ ସ୍ୱଚ୍ଛ ଭାରତ ଅଭିଯାନରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରିବା ପାଇଁ ଗ୍ରାମ କମିଟି ସଦସ୍ୟ ଦାବି କରିଛନ୍ତି। ରାଜନଗରର ଅଧିକାଂଶ ସ୍ଥାନ ଅନ୍ଧାର ଥିବାବେଳେ ଦାଣ୍ଡ ଅଳିଆ ଆବର୍ଜନରେ ଭରିଛି।

## ବେଲେଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଡେରାବିଶ, ୨୩।୬(ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆସ୍ଥ ବେଲେଙ୍କେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆଜି ପ୍ରତ୍ୟୁଷରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ନିକଟସ୍ଥ ଲୁଣାନଦୀର ଖଳାରେଶ୍ୱର ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ପ୍ରଭୁଙ୍କ ରୁଦ୍ରାଭିଷେକ କରାଯାଇଥିଲା। ଆୟୋଜିତ ଯଜ୍ଞରେ ଗୋ-ପୂଜା,



ସୂର୍ଯ୍ୟପୂଜା କରାଯାଇ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୂଜା ଓ ଯଜ୍ଞ କାର୍ଯ୍ୟରେ ବିଶ୍ୱରଞ୍ଜନ ମିଶ୍ର ଓ ତାଙ୍କ ପତ୍ନୀ ଜୟଶ୍ରୀ ମିଶ୍ର କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଏହି ଉପଲକ୍ଷେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ ପ୍ରଧାନ, ପ୍ରଦୀପ୍ତ ରାଉତ, କୁଞ୍ଜ ବିହାରୀ ତ୍ରିପାଠୀ, ଜ୍ଞାନରଞ୍ଜନ ରାଉତ, ଦେବାଶିଷ ବେହେରା, ଜ୍ଞାନରଞ୍ଜନ ଦାସ, ଜୟନ୍ତ ଶତପଥୀ, ସୁଶାନ୍ତ ପଟ୍ଟନାୟକ, ଜୟନ୍ତ ମିଶ୍ର, ତ୍ରିଲୋଚନ ନାୟକ, ଦାମୋଦର ମିଶ୍ର, ମାନଗୋବିନ୍ଦ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ଓଚିନ୍ଦା ବିଦ୍ୟାଳୟରେ ମେଧା ସମ୍ମାନ ସମାରୋହ

**ବାଲିକୁଦା,୨୩।୬(ସମିସ):** ବାଲିକୁଦା ବ୍ଲକ୍ ମାଛଗାଁ ପଞ୍ଚାୟତର ଓଚିନ୍ଦା ସରକାରୀ ଉଚ୍ଚବିଦ୍ୟାଳୟରେ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ମନୋଜ ଦାଶ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଶିକ୍ଷକ ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଧାନସଭା ସଚିବ ତଥା ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁରାତନ ଛାତ୍ର ଦାଶରଥି ଶତପଥୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ଶିକ୍ଷକ ଭୋଳାନାଥ ମହାନ୍ତି, ଚତୁର୍ଭୁଜ ପରିଡ଼ା, ଦୁଃଖିଶ୍ୟାମ ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବ କୁମାର ମିଶ୍ର, ପୁରାତନ ଛାତ୍ର ସାରଥୀ ଶତପଥୀ, ନରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଐତିହ୍ୟ ଓ ଗାରିମା ସମ୍ପର୍କରେ ବର୍ଣ୍ଣନା କରିବା ସହ ପୂର୍ବତନ ସମ୍ପାଦକ ଡଃ ଶ୍ରୀରାମ ଦାଶ ଏହି ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ନିଜକୁ ବିଶ୍ୱରେ ପ୍ରତିଷ୍ଠିତ କରିପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ମାଟ୍ରିକ ପରୀକ୍ଷାରେ ଏ-ୱାନରେ ଉତ୍ତୀର୍ଣ୍ଣ ହୋଇଥିବା ୪ ଜଣ ଛାତ୍ରୀ ପୁଣ୍ୟପୁଷ୍ପିତା ମହାନ୍ତି, ରୁଚିକା ଫାରକ, ପ୍ରତ୍ୟାଶା ବେହେରା, କ୍ରିଷ୍ଣା ମହାନ୍ତିଙ୍କ ସହ ଓଚିନ୍ଦା ବିଦ୍ୟାଳୟର ଏ-୨ ପାଇଥିବା ୭ ଜଣ ବିଦ୍ୟାର୍ଥୀଙ୍କୁ ମାନପତ୍ର, ଉତ୍ତରୀୟ ଓ ଆର୍ଥିକ ସହାୟତା ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ, ପାଚିକା, ପୁରାତନ ଶିକ୍ଷକ ଓ ଶିକ୍ଷା କର୍ମଚାରୀ, ପରିଚାଳନା ସମିତି ସଦସ୍ୟସଦସ୍ୟା ଓ ଜିଲ୍ଲାର ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଶିକ୍ଷକ ବସନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶରତ ପରିଡା, କୈଳାସ ପାଳ, ଅକ୍ଷୟ ବାରିକ, ନଗେନ୍ଦ୍ର ଦାଶ, ସୁବାସ ଦାଶଙ୍କ ସମେତ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଭିତରକନିକାରେ ୯୦ କୁମ୍ଭୀର ବସା ଚିହ୍ନଟ



**ରାଜନଗର, ୨୩।୬(ସମିସ):** ସରୀସୃପଙ୍କ ନନ୍ଦନକାନନ ବିଶ୍ୱ ପ୍ରସିଦ୍ଧ ଭିତରକନିକ। ଜାତୀୟ ଉଦ୍ୟାନ ଅଧୀନ କନିକା ବନାଞ୍ଚଳରେ ପ୍ରବାହିତ ନଦୀନାଳରେ ଗତ ୧ ତାରିଖରୁ ମା' ବଉଳା କୁମ୍ଭୀରଙ୍କ ବସା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଗତବର୍ଷ ଭିତରକନିକାର କନିକା ରେଞ୍ଜରେ ୧୦୨ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ଇତିମଧ୍ୟରେ କନିକା ବନାଞ୍ଚଳରେ ୯୦ଟି କୁମ୍ଭୀର ବସା ଠାବ କରାଯାଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। କନିକା ରେଞ୍ଜର ଭିତରକନିକା, ରଗଡ଼ାପାଟିଆ, ଡାଙ୍ଗମାଳ, ଚିନ୍ତାମଣି ମହାନ୍ତି କ୍ରିକ୍ ଅଞ୍ଚଳରେ ଏହି କୁମ୍ଭୀର ବସା ଚିହ୍ନଟ ହୋଇଛି। ସେହିପରି ଡାଙ୍ଗମାଳ ସ୍କିମ୍ ଅଞ୍ଚଳରେ ୫ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ମେ' ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ହୋଇଥାଏ। ଏହି ସମୟରେ ମାଆ ବଉଳା କୁମ୍ଭୀର ନଦୀ କୁଆରଠାରୁ ୫ ଫୁଟ ଦୂରତାରେ ନଦୀପଠାରେ ବସା ବାନ୍ଧିଥା'ନ୍ତି। ପୁରୁଷ ବଉଳା କୁମ୍ଭୀର ହେନ୍ତାଳ, ଖରଖରି ଓ ଅନ୍ୟ ପତ୍ରକୁ ନେଇ ଦୁଇରୁ ଅଢ଼େଇ ଫୁଟ୍ ଉଚ୍ଚ ବସା ତିଆରି କରିଥା'ନ୍ତି। ଅନ୍ତଃସତ୍ତ୍ୱା ମାଆ ବଉଳା କୁମ୍ଭୀର ସେହି ବସାରେ ଅଣ୍ଡା ଦେଇଥାଏ। ମାଆ କୁମ୍ଭୀର ଅଣ୍ଡା ଦେବା ସମୟରେ ଯେପରି ବାହ୍ୟଶତ୍ରୁ ଏହାକୁ ନଷ୍ଟ କରି ନ ପାରିବେ, ସେଥିପ୍ରତି ପୁରୁଷ କୁମ୍ଭୀର ଜାଗ୍ରତ ରହିବା ସହ ଅଧିକ ହିଂସ୍ର ହୋଇଯାଏ। ଆସନ୍ତା ମାସରେ ରାଜନଗର ବନଖଣ୍ଡ ଅଧୀନରେ ଥିବା ନଦୀ, ନାଳରୁ କେତେ କୁମ୍ଭୀର ବସା କରିଛନ୍ତି, ତାହାର ରିପୋର୍ଟ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ପାଲା ମାଧ୍ୟମରେ ନିଶା ନିବାରଣ ସଚେତନତା

**ରାଜନଗର,୨୩।୬(ସମିସ):** ନିଶା ନିବାରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାଲା ମାଧ୍ୟମରେ ନିଶା ଖାଇଲେ କ'ଣ କ'ଣ ବିପଦ ରହିଛି ଓ ନିଶା ଦ୍ୱାରା କି କି ଅଘଟଣ ଘଟୁଛି, ସେ ନେଇ ପାଲା ପରିବେଷଣ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ପାଲାଗାୟକ ଭାଗବତ ବେହେରା ଓ ତାଙ୍କ ସାଥି ଆଜି ରାଜନଗରର ଦୁର୍ଗା ମଣ୍ଡପଠାରେ ଏହି ସଚେତନତା ପାଲା ପରିବେଷଣ କରିଥିଲେ।



## ପାରାଦୀପ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ




**ପାରାଦୀପ, ୨୩।୬(ସମିସ):** ପାରାଦୀପ ଏନସିସି ଅଲୁମନି ଆସୋସିଏସନର ୫୦ତମ ସ୍ୱଚ୍ଛତା ଅଭିଯାନ ପାରାଦୀପ ବେଳାଭୂମିରେ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ଏନସିସି ଅଲୁମନି କ୍ୟାଡେଟ୍, ସ୍ଥାନୀୟ ପରିବେଶବିତ ଓ ଅତିଥି ଯୋଗ ଦେଇଥିଲେ। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପ୍ରକୃତିମିତ୍ର ଅମରେଶ ନରେଶ ସାମନ୍ତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏନସିସି ଅଲୁମନି ଆସୋସିଏସନ ଉପଦେଷ୍ଟା ଏସି ମିଶ୍ର ସେମାନଙ୍କ ସମ୍ମିଳିତ ଉଦ୍ୟମକୁ ପ୍ରଶଂସା କଲେ। ଅଧ୍ୟକ୍ଷ ଅମ୍ବିକା ମହାପାତ୍ର କହିଲେ, ସମାଜ ପାଇଁ ଆମର ଛୋଟ ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିପାରେ। ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଅଛି, ସମସ୍ତେ କିଛି ସମୟ ଦେଶ ଓ ସମାଜ ପାଇଁ ଦେବା ଉଚିତ। ଏହି ସଂସ୍ଥା ପ୍ରତ୍ୟେକ ରବିବାର ସମୁଦ୍ର କୂଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଚାରା ରୋପଣ, ପ୍ଲାଷ୍ଟିକ ବିରୋଧୀ ଅଭିଯାନ, ରକ୍ତଦାନ ଶିବିର, ଯୋଗ ଓ ଡ୍ରଗ୍ସ ବିରୋଧୀ ଅଭିଯାନ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ଉପାଧ୍ୟକ୍ଷ ବିକ୍ରମ ସିଂହ ମହାରଣା, ବୋର୍ଡ ସଦସ୍ୟ ପଦ୍ମନାଭ ଦାସ, ନୀଳିମା ପ୍ରିୟଦର୍ଶିନୀ, ହୃଦାନନ୍ଦ ନାଥଶର୍ମା, ସୋମନାଥ ମହାପାତ୍ର, ରଞ୍ଜନ ମଲ୍ଲିକା, ହରପ୍ରିୟା ଦାସ, ଓ ସରୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଯସ୍ମିନ ବାରିକ, ବିଜୟା ଘଡ଼ାଇ, ପିକୁନ ସେନାପତି, ସୌଦାମିନୀ ସାହୁ, କୋମଳିକା ଦାସ, ସ୍ୱର୍ଣ୍ଣପ୍ରଭା ରାଉତ, ଶୁଭଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ବିପଦସଙ୍କୁଳ ଖାନନଗର ମାଇନର ବନ୍ଧ ରାସ୍ତା

ଡେରାବିଶ, ୨୩।୬(ସମିସ):



ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗାସ୍ଥ ତାରେଣୀ ମନ୍ଦିର ନିକଟରେ ଖାନନଗର ମାଇନର ଉପରେ ହୋଇଥିବା ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଡେରାବିଶ ବ୍ଲକ୍‌ର ଅଢ଼ଙ୍ଗାଠାରୁ ଗରଦପୁର ବ୍ଲକ୍‌ର ଭଗବାନପୁର ଗ୍ରାମ ପର୍ଯ୍ୟନ୍ତ ନିର୍ମିତ ହୋଇଥିଲା। ତାରେଣୀ ମନ୍ଦିର ନିକଟରେ ଖାନନଗର ମାଇନର ଉପରେ ଦେଇଯାଇଥିବା ଏହି ରାସ୍ତାଟି ଢଳେଇ ହୋଇଥିଲା। ସେତେବେଳେ ଖାନନଗର ମାଇନର ଉପରେ ଅଢ଼ଙ୍ଗା ନିକଟରେ ଏହି କେନାଲକୁ ଅତିକ୍ରମ କରିବା ପାଇଁ କେନାଲରେ ଶୋଠ ବସାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଉଭୟ ଡେରାବିଶ ଓ ଗରଦପୁର ବ୍ଲକ୍‌କୁ ସଂଯୋଗ କରୁଥିଲା। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଛାତ୍ରଛାତ୍ରୀ ଭଗବାନପୁର ହାଇସ୍କୁଲ ଓ ଛକନାସ୍ଥ ଶାରଦା ଏକାଡେମୀକୁ ଯାଇଥା'ନ୍ତି। ଏଥିସହିତ ଉଭୟ ବ୍ଲକ୍‌ର ଜନସାଧାରଣ ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଏହାକୁ ବ୍ୟବହାର କରିଥା'ନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ଅଧିକ ଚଉଡ଼ା କରା ନ ଯାଇ ତା ଉପରେ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ଢଳେଇକୁ ବାନ୍ଧି ରଖିବା ପାଇଁ ଉଭୟ ପଟରେ ଗାର୍ଡୱାଲ ନିର୍ମାଣ କରାଯାଇନଥିଲା। ଫଳରେ ବର୍ଷା ଓ କେନାଲ ପାଣି ମାଡ଼ରେ ଏହି ରାସ୍ତାର ଉଭୟ ପାଶ୍ୱର୍ର ବାଲିମାଟି ଧୋଇଯିବାରେ ଲାଗିଛି। ଏହି ପକ୍କା ରାସ୍ତା ତଳୁ ମାଟି ଓ ବାଲି ଖସି ଏଭଳି ବିପଦସଙ୍କୁଳ ଅବସ୍ଥାରେ ଅଛିଯେ, କେତେବେଳେ ଏହା ଭୁଶୁଡ଼ି ପଡ଼ିବ। ଏହା ଭୁଶୁଡ଼ି ପଡ଼ିଲେ ଡେରାବିଶ ଓ ଗରଦପୁର ବ୍ଲକ୍ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବ। ତୁରନ୍ତ ଏହି ରାସ୍ତାର ଦୁଇ ପାଶ୍ୱର୍ରେ ଗାର୍ଡୱାଲ ନିର୍ମାଣ କରାଯାଇ ରାସ୍ତାକୁ ସୁରକ୍ଷା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୮୬ • ପାଉଣ୍ଡ ୧୧୬.୯୫
- ୟୁରୋ ୧୦୦.୪୩ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୦୦ (ଭୁବନେଶ୍ୱର)
- ରୁପା : ୧,୧୧,୩୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୮୯୬.୦୦
- ନିଫ୍ଟି ୨୪,୯୭୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## କମୁଛି ଲାଭ

# ସଙ୍କଟରେ ଭାରତୀୟ ବ୍ୟାଙ୍କ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)




ଗତ ଆର୍ଥିକବର୍ଷର ମାର୍ଚ୍ଚ ତ୍ରୈମାସିକ ଭାରତୀୟ ବ୍ୟାଙ୍କଗୁଡ଼ିକ ପାଇଁ ବହୁତ ଭଲ ନ ଥିଲା। ଏଥର ବ୍ୟାଙ୍କଗୁଡ଼ିକର ମୋଟ ଲାଭ କେବଳ ଗୋଟିଏ ଅଙ୍କ ବୃଦ୍ଧି ପାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ଅର୍ଥାତ୍ ୧୭ ତ୍ରୈମାସିକରେ ପ୍ରଥମ ଥର ପାଇଁ ଦେଖାଯାଇଛି। ଯାହାଫଳରେ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଘୋର ସଙ୍କଟ ମଧ୍ୟକୁ ଚାଲିବା ଆଶଙ୍କା କରାଯାଉଛି। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଦୁର୍ବଳ ପ୍ରଦର୍ଶନ ଏବଂ ଦେଶର ସର୍ବବୃହତ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଲାଭରେ ହ୍ରାସ ଏହି ମାନ୍ଦାବସ୍ଥାର ପ୍ରମୁଖ କାରଣ ପାଲଟିଛି। ଅପରପକ୍ଷେ ବ୍ୟାଙ୍କଗୁଡିକର ନିଟ୍ ସୁଧ ଆୟ ମଧ୍ୟ କେବଳ ଗୋଟିଏ ପଏଣ୍ଟ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ କି ଲାଭ ଉପରେ ନିରନ୍ତର ଚାପ ରହିଥିଲା। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବରରୁ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅତିରିକ୍ତ ଲିକ୍ୟୁଡିଟି ପ୍ରବେଶ କରାଇବା ଆରମ୍ଭ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ଆଗାମୀ ସମୟରେ ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ଯଦି ଆମେ ଦେଶର ୨୯ଟି ବ୍ୟାଙ୍କର ନମୁନାକୁ ଦେଖିବା, ତେବେ ମୋଟ ନିଟ୍ ଲାଭରେ ୪.୯% ବୃଦ୍ଧି ଘଟିଛି, ଯାହା ୯୩,୮୨୮.୩ କୋଟି ଟଙ୍କା ରହିଛି। କିନ୍ତୁ ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏଥର ଲାଭ ଦୃଷ୍ଟିରୁ ପଛରେ ପଡ଼ିଯାଇଛି। ଏସ୍‌ବିଆଇର ନିଟ୍ ଲାଭରେ ୯.୯% ହ୍ରାସ ଘଟି ୧୮,୬୪୨.୬ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମିଳିତ ଭାବରେ ୧୩% ଲାଭ ବୃଦ୍ଧି ହାସଲ କରିଥିଲେ, ଯାହା ୪୮,୪୦୩.୪ କୋଟି ଟଙ୍କା ଥିଲା। କିନ୍ତୁ ଏହି ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍ ଥିଲା। ପୂର୍ବରୁ, ଜୁନ୍ ୨୦୨୨ ତ୍ରୈମାସିକରେ ୯.୨% ଅଭିବୃଦ୍ଧି ରେକର୍ଡ କରାଯାଇଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ହୁଏତ ମନ୍ଥର ପ୍ରଦର୍ଶନ କରିଥିବେ, କିନ୍ତୁ ଘରୋଇ ବ୍ୟାଙ୍କଗୁଡ଼ିକର ଅବସ୍ଥା ଆହୁରି ଖରାପ ଥିଲା। ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମୋଟ ଲାଭ ୨.୫% ହ୍ରାସ ପାଇ ୪୫,୪୨୪.୯ କୋଟି ଟଙ୍କା ହୋଇଛି। ଗତ ୧୩ ତ୍ରୈମାସିକରେ ଏହା ପ୍ରଥମ ଥର ଯେ ଘରୋଇ ବ୍ୟାଙ୍କଗୁଡ଼ିକର ଲାଭ ବାର୍ଷିକ ଆଧାରରେ ହ୍ରାସ ପାଇଛି। ଏହି ଦୁର୍ବଳ ପ୍ରଦର୍ଶନ ଘରୋଇ ବ୍ୟାଙ୍କଗୁଡ଼ିକର ଅଂଶକୁ ମଧ୍ୟ ପ୍ରଭାବିତ କରିଛି।

- ୪ ବର୍ଷ ପରେ କମିଲା ମୁନାଫା
- ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଲାଭ ଅଭିବୃଦ୍ଧି ଗତ ୧୧ ତ୍ରୈମାସିକରେ ସବୁଠାରୁ କମ୍
- ମୋଟ ସୁଧ ଆୟରେ ହ୍ରାସ

ଏହାବାଦ୍ ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମଧ୍ୟ ହ୍ରାସ ପାଇଛି। ଏହି ତ୍ରୈମାସିକରେ ନିଟ୍ ସୁଧ ଆୟ ମାତ୍ର ୩.୭% ବୃଦ୍ଧି ପାଇ ୨.୧ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ୧୪ ତ୍ରୈମାସିକରେ ସବୁଠାରୁ କମ୍ ଅଭିବୃଦ୍ଧି ଥିଲା। ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ନିଟ୍ ସୁଧ ଆୟ ମାତ୍ର ୨.୪% ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଯେତେବେଳେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୫.୩% ଅଭିବୃଦ୍ଧି ଦେଖାଇଛନ୍ତି। ଏହି ସଂଖ୍ୟାଗୁଡ଼ିକ ବ୍ୟାଙ୍କଗୁଡ଼ିକର ସମସ୍ୟାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଏହାଛଡା ବ୍ୟାଙ୍କଗୁଡିକର ନିଟ୍ ସୁଧ ମାର୍ଜିନ୍ ଅନେକ ତ୍ରୈମାସିକ ପାଇଁ ଚାପ ମଧ୍ୟରେ ରହିଛି। ଏହାର ସବୁଠାରୁ ବଡ କାରଣ ହେଉଛି ରେପୋ ହାର ହ୍ରାସ ସତ୍ତ୍ୱେ, ବ୍ୟାଙ୍କଗୁଡ଼ିକ ଜମା ହାର ହ୍ରାସ କରିବାରେ ବିଳମ୍ବ କରିଛନ୍ତି। ମାର୍ଚ୍ଚ ତ୍ରୈମାସିକର ୨୯ଟି ବ୍ୟାଙ୍କ ମଧ୍ୟରୁ ୧୯ଟି ବ୍ୟାଙ୍କ ବାର୍ଷିକ ଆଧାରରେ ସେମାନଙ୍କର ନିଟ୍ ସୁଧ ମାର୍ଜିନ୍‌ରେ ହ୍ରାସ ପଞ୍ଜୀକୃତ କରିଛି। ଏହି ପରିସ୍ଥିତି ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର ବିଷୟ ହୋଇ ରହିଛି, କାରଣ ମାର୍ଜିନ୍ ହ୍ରାସ ସିଧାସଳଖ ସେମାନଙ୍କ ଲାଭକୁ ପ୍ରଭାବିତ କରେ।

## ଯୁଦ୍ଧ, ଟାରିଫ୍, ବାଣିଜ୍ୟ ଯୁଦ୍ଧ

# ବିଶ୍ୱକୁ ମହାମାନ୍ଦାବସ୍ଥାକୁ ଠେଲିଦେଲେ ଟ୍ରମ୍ପ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଇରାନର ପରମାଣୁ ସଂସ୍ଥାନ ଉପରେ ଆମେରିକାର ବୋମାମାଡ଼ ପରେ ବିଶ୍ୱରେ ଉତ୍ତେଜନା ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଆମେରିକା-ଇରାନ-ଇସ୍ରାଏଲ୍ ବିବାଦ ଉପରେ କଡ଼ା ନଜର ରଖିଛି। ଭାରତ ସରକାର ବର୍ତ୍ତମାନ ସ୍ଥିତି ହର୍ମୁଜ୍ ପ୍ରଣାଳୀର ସମ୍ଭାବ୍ୟ ବନ୍ଦ ହେବାର ପ୍ରଭାବକୁ ମଧ୍ୟ ମୂଲ୍ୟାଙ୍କନ କରୁଛି। ଏହି ପ୍ରଣାଳୀ ପେଟ୍ରୋଲିୟମ ଉତ୍ପାଦ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ତଥାପି, ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। କିନ୍ତୁ, ଭାରତ ବର୍ତ୍ତମାନ ଏହାକୁ ନେଇ ବହୁତ ଚିନ୍ତିତ ନୁହେଁ। ସବୁଠାରୁ ବଡ଼ ଉତ୍ତେଜନା ହେଉଛି ଯେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ରୁଷ-ୟୁକ୍ରେନ ପରି ଲମ୍ବା ହେବା ଉଚିତ୍ ନୁହେଁ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।

ବିଗତ କିଛି ମାସ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଆଶାଠାରୁ କମ୍ ରହିଥିଲା। ଏବେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। କିନ୍ତୁ, ବର୍ତ୍ତମାନ ଏହାର କୌଣସି ବଡ଼ ପ୍ରଭାବ ପଡ଼ିବ ନାହିଁ। ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଭାରତ ଇରାନରୁ ସିଧାସଳଖ ତେଲ ଆମଦାନୀ କରେ ନାହିଁ। କିନ୍ତୁ, ଏହା ଏହାର ତେଲ ଆବଶ୍ୟକତାର ୮୦% ଆମଦାନୀ କରେ। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ଯେ କୌଣସି ବଡ଼ ବୃଦ୍ଧି ବାଣିଜ୍ୟ ନିଅଣ୍ଟ, ଆର୍ଥିକ ନିଅଣ୍ଟ ଏବଂ ପାଇକାରୀ ମୁଦ୍ରାସ୍ଫୀତି ହାର ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବ୍ୟାଙ୍କ ଅଫ୍ ବରୋଦାର ଏକ ରିପୋର୍ଟରେ କୁହାଯାଇଛି ଯେ ଇରାନ ତୈଳ ବଜାରରେ ଏକ ବଡ଼ ଖେଳାଳି ନୁହେଁ। ଏହାର ଅଂଶ ୪%। କିନ୍ତୁ, ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଜାହାଜଗୁଡ଼ିକୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପଡିବ। ବିଶ୍ୱର ୨୦% ରୁ ଅଧିକ ତୈଳ ପରିବହନ ଏହି ପ୍ରଣାଳୀ ଦେଇ ଗତି କରେ। ରିପୋର୍ଟରେ କୁହାଯାଇଛି, ପଶ୍ଚିମ ଏସିଆରୁ ପ୍ରଚୁର ଅଶୋଧିତ ତୈଳ ବନ୍ଦ ହୋଇପାରେ। ଏପରି ପରିସ୍ଥିତିରେ, ଯୋଗାଣ ଏବଂ ଚାହିଦାରେ ଏକ କୃତ୍ରିମ ଅସନ୍ତୁଳନ ସୃଷ୍ଟି ହୋଇପାରେ। ଏହା ମୂଲ୍ୟ ବୃଦ୍ଧି କରିପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ୧୦% ବୃଦ୍ଧି ଅର୍ଥନୀତି ଉପରେ ଅଧିକ ପ୍ରଭାବ ପକାଇବ ନାହିଁ। କାରଣ ହେଉଛି ଅର୍ଥନୀତିର ମୌଳିକ ଶକ୍ତି ଦୃଢ଼।

# ମାଲାବାରର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୨୩।୬(ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ନଏଡା ସେକ୍ଟର ୧୮୦ଠାରେ ଏହାର ୪୦୦ ତମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମାଲାବାର ଗ୍ରୁପ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ (ଭାରତ,ଅପରେସନ) ଓ ଆସେର,ଗ୍ରୁପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେପି ବୀରନ୍‌କୁଟ୍ଟୀ, ଗ୍ରୁପ ଚିଫ୍ ମାର୍କେଟିଂ ଅଫିସର ସଲିସ୍ ମ୍ୟାଥ୍ୟୁ, ହେଡ୍ ରିଟେଲ ଅପରେସନ୍ (ଅବଶିଷ୍ଟ ଭାରତ) ପିକେ ସିରାଜ୍, ରିଜିଓନାଲ ହେଡ୍ (ଉତ୍ତର) ଏନ୍‌କେ ନିଶାଦ୍ ଏବଂ ପରିଚାଳନା ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଲାବାର ଗ୍ରୁପ ପକ୍ଷରୁ ଭାରତ ଏବଂ ବିଶ୍ୱ ବଜାରରେ ରଖାଯାଇଥିବା ଆଖିଦୃଶିଆ ଅଭିବୃଦ୍ଧି ଯୋଜନାର ଅଂଶସ୍ୱରୂପ ନଏଡା ଶୋ'ରୁମ ଖୋଲାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମାଲାବାରର ୧୫ଟି ଦେଶରେ ଶୋ' ରୁମ୍ ରହିଥିବା ଜଣାପଡ଼ିଛି।

# ଆରବ ରାଷ୍ଟ୍ରରୁ ଭାରତକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଯୋଗୁ ସମ୍ପ୍ରତି ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଏହାକୁ ନେଇ ଉପସାଗରୀୟ ବିଶେଷ କରି ଆରମ୍ଭ ରାଷ୍ଟ୍ରଗୁଡିକରେ ବାଣିଜ୍ୟ କାରବାର ଧିମା ପଡିଯାଇଛି। ହେଲେ ଏହା ମଧ୍ୟରେ ଭାରତକୁ ଆରବ ରାଷ୍ଟ୍ରଗୁଡିକୁ ଅର୍ଥ ପ୍ରେରଣରେ ଅଚାନକ ବୃଦ୍ଧି ଘଟିଛି। କାରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ସାଉଦି ଆରବରୁ ଦେଶକୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ ଭାରତୀୟ। ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ମାନଙ୍କ ମଧ୍ୟରେ ଦେଶକୁ ଟଙ୍କା ପଠାଇବା ପାଇଁ ଏକ ପ୍ରତିଯୋଗିତା ଚାଲିଛି। ପ୍ରକୃତରେ, ୟୁଏଇ ଦିରହାମ୍(ଏଇଡି) ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୨୩.୫ ଟଙ୍କା ପ୍ରତି ଦିରହମ୍‌କୁ ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି, ପ୍ରବାସୀ ଭାରତୀୟମାନେ ଏହାର ସୁଯୋଗ ନେଉଛନ୍ତି ଏବଂ ଭାରତକୁ ଯଥାସମ୍ଭବ ଟଙ୍କା ପଠାଇବାକୁ ଚାହୁଁଛନ୍ତି।

ଏକ ରିପୋର୍ଟ ଅନୁସାରେ, ଯେବେଠାରୁ ଟଙ୍କା ପ୍ରାୟ ୨୩.୫ ଟଙ୍କା ପ୍ରତି ଦିରହାମ୍‌କୁ ହ୍ରାସ ପାଇଛି, ସେବେଠାରୁ ବିଦେଶରୁ ଭାରତକୁ ପଠାଯାଉଥିବା ଟଙ୍କା ପରିମାଣରେ ତୀବ୍ର ବୃଦ୍ଧି ଘଟିଛି। ଏହି କାରଣରୁ ପ୍ରବାସୀ ଭାରତୀୟମାନେ କମ୍ ଟଙ୍କାରେ ଅଧିକ ଦିରହାମ୍ ପଠାଇ ପାରୁଛନ୍ତି, ଯାହା ଫଳରେ ଭାରତରେ ଥିବା ସେମାନଙ୍କ ପରିବାର ଅଧିକ ଟଙ୍କା ପାଇବେ। ଏହି କାରଣରୁ ଉପସାଗରୀୟ ଦେଶଗୁଡ଼ିକ ବିଶେଷକରି ୟୁଏଇ ଏବଂ ସାଉଦି ଆରବରେ ରହୁଥିବା ଭାରତୀୟମାନେ ପ୍ରଚୁର ମାତ୍ରାରେ ଟଙ୍କା ଭାରତକୁ ପଠାଉଛନ୍ତି।



**ୟୁଏଇ, ସାଉଦି ଆରବରୁ ଧୁମ୍ ଟଙ୍କା ପଠାଉଛନ୍ତି ପ୍ରବାସୀ**

**ୟୁଏଇ ଦିରହାମ୍ ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଖସୁଛି**

ଉପସାଗରୀୟ ରାଷ୍ଟ୍ରଗୁଡିକର ମୁଦ୍ରା ବିନିମୟ ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଜୁନ୍ ୧୯ ପରଠାରୁ ଏଇଡି ରୁ ଭାରତୀୟ ଟଙ୍କା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ, ଯାହାଙ୍କ ପାଖରେ କିଛି ଅତିରିକ୍ତ ଟଙ୍କା ଅଛି, ସେମାନେ ତାହାକୁ ତୁରନ୍ତ ଭାରତକୁ ପଠାଉଛନ୍ତି। ୟୁଏଇର ଏକ ମୁଦ୍ରା ଏକ୍ସଚେଞ୍ଜର ଜଣେ ବରିଷ୍ଠ ଅଧିକାରୀ ଗଲ୍ଫ ନ୍ୟୁଜକୁ କହିଛନ୍ତି, ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏଇଡି-ଭାରତୀୟ ଟଙ୍କା ପଠାଣ ଦୃଷ୍ଟିରୁ ସର୍ବୋତ୍ତମ ଥିଲା। କିଛି ସମୟ ପାଇଁ ଟଙ୍କାର ମୂଲ୍ୟ ୨୩.୪୬ ଟଙ୍କାକୁ ବୃଦ୍ଧି ପାଇଥିଲେ ମଧ୍ୟ, ଅଧିକାଂଶ ଲୋକ ଟଙ୍କା ପଠାଇବା ଜାରି ରଖିଥିଲେ।

ସାଧାରଣତଃ ଜୁନ୍ ମାସରେ, ଛୁଟି ଏବଂ ଯାତ୍ରା ଖର୍ଚ୍ଚ ଯୋଗୁଁ ପ୍ରବାସୀ ଭାରତୀୟମାନେ ଭାରତକୁ କମ୍ ଟଙ୍କା ପଠାଇଥାନ୍ତି। କିନ୍ତୁ ଏଥର ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ଏହି ଧାରା ପରିବର୍ତ୍ତନ ହୋଇଛି।

ମୁଦ୍ରା ବିନିୟମ ଏଜେନ୍ସିଗୁଡ଼ିକର କହିବାନୁଯାୟୀ, ସପ୍ତାହାନ୍ତରେ ମଧ୍ୟ ଟଙ୍କା ପଠାଇବାର ଗତି ଅକ୍ଷୁର୍ଣ୍ଣ ରହିଛି ଏବଂ ଏହା ସୋମବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଜୁଲାଇରେ ଟଙ୍କାର ବିନିମୟ ମୂଲ୍ୟରେ ସମାନ ସ୍ଥିତି ରହେ କିମ୍ବା ଏହା ଆହୁରି ଦୁର୍ବଳ ହୁଏ, ତେବେ ଏହା ପ୍ରବାସୀ ଭାରତୀୟମାନଙ୍କ ପାଇଁ ଦ୍ୱିଗୁଣିତ ଲାଭ ହେବ।

# ଆଦିତ୍ୟ ଆଲୁମିନିୟମ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର



ଭୁବନେଶ୍ୱର ,୨୩।୬(ସମିସ): ଆଦିତ୍ୟ ଆଲୁମିନିୟମ୍(ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍) ଲପଙ୍ଗା ସମ୍ବଲପୁରକୁ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷ ଜାତୀୟ ପୁରସ୍କାର ୨୦୨୪ ମିଳିଛି। ପଞ୍ଚତାରକା ବର୍ଗରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଜିରୋ ଲିକ୍ୱିଡ୍ ଡିସ୍‌ଚାର୍ଜ,ଅତ୍ୟାଧୁନିକ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ, ବର୍ଜ୍ୟ ଜଳ ପରିଚାଳନା ଏବଂ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ୍‌ର ଆଖିଦୃଶିଆ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦ମ ଜାତୀୟ ପରିବେଶ,ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ କନ୍‌କ୍ଲେଭ୍ ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ୟୁନିଟ୍ ମୁଖ୍ୟ ତଥା ସଭାପତି ଜଗନ୍ନାଥ ପ୍ରସାଦ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ଆଇକ୍ୟୁଇଏମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ସଚିବ ଉମା ନାନ୍ଦୂରୀ ଏବଂ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଭାପତି ଅଶୋକ ତ୍ରିପାଠୀ ଉପସ୍ଥିତ ଥିଲେ।

## ସେନ୍‌ସେକ୍ସରେ ୫୧୧ ପଏଣ୍ଟ ହ୍ରାସ

ମୁମ୍ବାଇ,୨୩।୬(ଏଜେନ୍ସି): ଦୁର୍ବଳ ବୈଶ୍ୱିକ ସଂକେତ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୫୧୧.୩୮ ପଏଣ୍ଟ ଏବଂ ନିଫ୍ଟିରେ ୧୪୦.୫୦ ପଏଣ୍ଟ ହ୍ରାସ ଘଟିଛି।

# ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ପାଇଁ ଆକାଶ ଛାତ୍ର ଶୁଭ୍ରଜିତ୍ ପାଲ୍ ମନୋନୀତ

ଭୁବନେଶ୍ୱର,୨୩।୬(ସମିସ): ଫିଲିପାଇନ୍ସର କ୍ୱିଜନ୍ ସିଟିରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ (ଆଇବିଓ)୨୦୨୫ ପାଇଁ ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍(ଏଇଏସ୍‌ଏଲ୍)ର କଲିକତାର ଛାତ୍ର ଶୁଭ୍ରଜିତ୍ ପାଲ ମନୋନୀତ ହୋଇଛନ୍ତି। ଜୁଲାଇ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ ପାଇଁ ଶୁଭ୍ରଜିତ୍‌ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ପ୍ରାଣୀ ବିଜ୍ଞାନ ପ୍ରତି ଆଗ୍ରହ ରଖୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ହେଉଛି ଏକ ବିଶ୍ୱ ସ୍ତରୀୟ ପ୍ରତିଯୋଗିତା। ଶୁଭ୍ରଜିତ୍ ଏନ୍‌ଏସ୍‌ଇବି ଏବଂ ଆଇଏନ୍‌ବିଓ ପାଇଁ ଯୋଗ୍ୟତା ଅର୍ଜ୍ଜନ କରିବା ସହ ୨୦୨୪ରେ ଓସିଏସ୍‌ସି କ୍ୟାମ୍ପରେ ଯୋଗଦେଇଥିଲେ। ଶୁଭ୍ରଜିତ୍‌ଙ୍କ ସଫଳତା ଉପରେ ପ୍ରତିକ୍ରିୟା ରଖି ଆକାଶ ଏଜୁକେଶନାଲ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦୀପକ୍ ମେହେରୋତ୍ରା କହିଛନ୍ତି ଯେ, ଅନ୍ତର୍ଜାତୀୟ ବାୟୋଲୋଜି ଅଲିମ୍ପିଆଡ୍ ୨୦୨୫ରେ ଶୁଭ୍ରଜିତ୍‌ଙ୍କ ଅଂଶ ଗ୍ରହଣ ନେଦଇ ଆମେ ବେଶ ଆନନ୍ଦିତ। ଏଭଳି ପ୍ଲାଟଫର୍ମ ପିଲାଙ୍କୁ କିଛି ଶିଖିବା ଏବଂ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ଏଥିରେ ୭୦ରୁ ଅଧିକ ରାଷ୍ଟ୍ରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି।



# ଭାରତରେ ମକା, ସୋୟାବିନ୍ ଶସ୍ତାରେ ବିକିବାକୁ ଆମେରିକାର ଜିଦ୍

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ମଝିରେ ଫସି ରହିଛି। ବାଣିଜ୍ୟ ଚୁକ୍ତି ପାଇଁ, ଆମେରିକା ମକା ଏବଂ ସୋୟାବିନ୍ ଭଳି ତାର ଜେନେଟିକାଲ୍ ପରିବର୍ତ୍ତିତ (ଜିଏମ୍) ଖାଦ୍ୟ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି କରୁଛି। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ ଏହି ଉତ୍ପାଦଗୁଡ଼ିକ ଭାରତରେ ଶସ୍ତାରେ ବିକ୍ରି ହେଉ। ସେହି ସମୟରେ, ଭାରତ ସରକାର ଚାଷୀମାନଙ୍କୁ କ୍ଷତିରୁ ରକ୍ଷା କରିବା ପାଇଁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଚାହୁଁନାହାନ୍ତି। ଭାରତୀୟ ଅଧିକାରୀଙ୍କ ମତରେ ଯଦି ଆମେରିକାରୁ ଶସ୍ତା ଜିଏମ୍ ଖାଦ୍ୟ ଭାରତକୁ ଆସେ, ତେବେ ଭାରତୀୟ କୃଷକମାନଙ୍କ ପାଇଁ ସେମାନଙ୍କର ଫସଲ ବିକ୍ରି କରିବା କଷ୍ଟକର ହୋଇଯିବ। ଏପରି ପରିସ୍ଥିତିରେ ଚୁକ୍ତିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଜୁଲାଇ ୯ ତାରିଖ ପୂର୍ବରୁ ଏ ନେଇ ସମାଧାନ ଖୋଜିବା କଷ୍ଟକର ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ଉଭୟ ଦେଶ ପରସ୍ପରର ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ବାଣିଜ୍ୟ ବୃଦ୍ଧି କରିବାକୁ ଚାହାଁନ୍ତି। ଭାରତ ଆମେରିକାରେ ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ କିଛି ଇଞ୍ଜିନିୟରିଂ ସାମଗ୍ରୀ ଉପରେ ଶୂନ୍ୟ ଟିକସ ଚାହୁଁଛି, ଯେତେବେଳେ କି ଆମେରିକା ଏହାର କୃଷି ଏବଂ ଶିଳ୍ପ ଉତ୍ପାଦ ପାଇଁ ଭାରତରେ ଏକ ବଜାର ଚାହୁଁଛି। ଆସନ୍ତା ଜୁଲାଇ ୯ ସୁଦ୍ଧା ଏହି ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ପ୍ରୟାସ କରାଯାଉଛି। ଯଦି ଏହି ତାରିଖ ସୁଦ୍ଧା କୌଣସି ସୀମିତ ଚୁକ୍ତିନାମା ନ ହୁଏ, ତେବେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୬% ଲାଗୁ କରିବ।

ଆମେରିକା ଚାହୁଁଛି ଯେ ଭାରତ ଜିଏମ୍ ଫସଲ (ମକା, ସୋୟାବିନ୍) ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରୁ। ଏହାସହିତ, ଏହା ଚିକିତ୍ସା ଉପକରଣ ଉପରେ ଶୁଳ୍କ ଏବଂ ତଥ୍ୟ ସ୍ଥାନୀୟକରଣ ନିୟମରେ ଛାଡ଼ ଚାହୁଁଛି। ଆମେରିକା ଏହାର ଦୁଗ୍ଧ ଉତ୍ପାଦ, ଯାନବାହାନ ଏବଂ ହ୍ୱିସ୍କି ପରି ସାମଗ୍ରୀ ଉପରେ କମ ଶୁଳ୍କ ଦାବି ମଧ୍ୟ କରୁଛି। ଭାରତ ଆମେରିକାର ଦାବି ଗ୍ରହଣ କରିବାକୁ ମନା କରିଦେଇଛି, ବିଶେଷକରି କୃଷି ଏବଂ କ୍ଷୀର ବଜାର ଖୋଲିବା ଦାବି। ଭାରତ କହିଛି ଯେ ଏହା ଲକ୍ଷ ଲକ୍ଷ ଗରିବ ଚାଷୀଙ୍କ କ୍ଷତି କରିବ। ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ଉତ୍ପାଦ ସହିତ ପ୍ରତିଯୋଗିତା କରିପାରିବେ ନାହିଁ। ଭାରତ କହିଛି ଯେ ଯଦି ଆମେରିକା ଇସ୍ପାତ ଏବଂ ଅଟୋମୋବାଇଲ୍ ଉପରେ ଶୁଳ୍କ ଲାଗୁ କରେ, ତେବେ ଆମେ ମଧ୍ୟ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବୁ। ଭାରତ ଚାହୁଁଛି ଯେ ଆମେରିକା ଏହାର ବୟନଶିଳ୍ପ, ଚମଡା, ଔଷଧ ଏବଂ ଅଟୋ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଉ କିମ୍ବା ହ୍ରାସ କରୁ। ଭାରତ ପ୍ରଥମେ ଶୂନ୍ୟ ଶୁଳ୍କ ଦାବି କରିଥିଲା, କିନ୍ତୁ ବର୍ତ୍ତମାନ ଏହା ଅତି କମରେ ୧୦% ମୂଳ ଶୁଳ୍କ ଉପରେ ସହମତ ହେବ ବୋଲି ଆଶା କରାଯାଉଛି, ଯାହାକୁ ଆମେରିକା ସମସ୍ତ ଦେଶ ପାଇଁ ଲାଗୁ କରୁଛି।

**ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଦାବି**

**ଜୁଲାଇ ୯ରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା**

**କ୍ଷତି ସହିବେ ଭାରତୀୟ ଚାଷୀ**

**ଆଶଙ୍କାରେ ଦ୍ୱିପାକ୍ଷିକ ବାଣିଜ୍ୟ**

ଯଦି ଜୁଲାଇ ୯ ସୁଦ୍ଧା କୌଣସି ଚୁକ୍ତି ନ ହୁଏ, ତେବେ ଆମେରିକା ବୟନ ଶିଳ୍ପ, ଔଷଧ ଏବଂ ଅଟୋ ଯଶ ସମେତ ଭାରତୀୟ ସାମଗ୍ରୀ ଉପରେ ୨୬% ଶୁଳ୍କ ଲାଗୁ କରିପାରେ। ଏହା ଭାରତୀୟ ରପ୍ତାନିକାରୀଙ୍କୁ କ୍ଷତି ପହଞ୍ଚାଇବ। ଜବାବରେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିପାରେ, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି କରିପାରେ। ଆଲୋଚନା ଏବେ ବି ଚାଲିଛି। ଜୁନରେ ଦିଲ୍ଲୀରେ ଅନୁଷ୍ଠିତ ଆଲୋଚନାରେ ଡିଜିଟାଲ୍ ବାଣିଜ୍ୟ ଏବଂ ସୀମା ଶୁଳ୍କ ସୁବିଧା ଭଳି ପ୍ରସଙ୍ଗରେ ସହମତି ହୋଇଥିଲା। ଯଦି ଆମେରିକା ଭାରତୀୟ ସାମଗ୍ରୀ ଯେପରିକି କପଡ଼ା ଏବଂ ଜୋତା ଉପରେ ୧୦% ଶୁଳ୍କ ପ୍ରଦାନ କରେ ତେବେ ଭାରତ କିଛି କୃଷି ଉତ୍ପାଦ ଏବଂ ଯାନବାହାନ ଉପରେ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛି, କିନ୍ତୁ ଜିଏମ୍ ଖାଦ୍ୟ ଏବଂ କ୍ଷୀର ପରି ପ୍ରସଙ୍ଗଗୁଡ଼ିକ ଏକ ଅଚଳାବସ୍ଥା ରହିଛି। ଅପରପକ୍ଷେ ଭାରତ ଏବଂ ଆମେରିକା ଉଭୟ ଏହି ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ କରିବାକୁ ଚାହାଁନ୍ତି, କିନ୍ତୁ ଭାରତ ଏହାର ଚାଷୀ ଏବଂ ସ୍ଥାନୀୟ ଶିଳ୍ପକୁ ସୁରକ୍ଷା ଦେବାକୁ ପ୍ରାଥମିକତା ଦେଉଛି। ଯଦି ଚୁକ୍ତି ହୁଏ ନାହିଁ, ତେବେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ରେ ଆମେରିକାର ଇସ୍ପାତ ଏବଂ ଆଲୁମିନିୟମ ଶୁଳ୍କ ବିରୁଦ୍ଧରେ ଅଭିଯୋଗ କରିପାରିବ। ଦୁଇ ଦେଶ ସମ୍ଭବତଃ ତିନୋଟି ପର୍ଯ୍ୟାୟରେ ଚୁକ୍ତି ସମାପ୍ତ କରିବାକୁ ଚେଷ୍ଟା କରିବେ। ପ୍ରଥମ ପର୍ଯ୍ୟାୟ ଜୁଲାଇ ସୁଦ୍ଧା, ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର-ନଭେମ୍ବର ସୁଦ୍ଧା ଏବଂ ତୃତୀୟ ପର୍ଯ୍ୟାୟ ପରବର୍ତ୍ତୀ ବର୍ଷ ପାଇଁ ଧାର୍ଯ୍ୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।


**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୫୬୪- ରାଣୀ ଦୁର୍ଗାବତୀଙ୍କ ବିୟୋଗ ।
- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା ।
- ୧୯୧୮ - କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା ।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା ।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି ।

## ଆଜି ବାହୁଡ଼ିଥିଲେ

### ଜନନାୟକ ନବକୃଷ୍ଣ ଚୌଧୁରୀ



ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ମୁଖ୍ୟମନ୍ତ୍ରୀ ବାଦ୍ ତାଙ୍କର ଏକ ବ୍ୟାପକ ପରିଚୟ ଥିଲା । ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଏବଂ ସର୍ବୋଦୟ ନେତା । ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ । ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ । ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ । ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ । ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ । ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା । ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ । ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ । କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ । ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ । ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଥିଲେ । ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହୋଇଥିଲେ । ଶେଷରେ ୧୯୫୦ରେ ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ । ଏହି ସମୟ ଭିତରେ ସେ ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ । ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ଆଜୀବନ ଶୋଷିତ ଶ୍ରେଣୀର ସପକ୍ଷରେ କାର୍ଯ୍ୟ କରିଥିବା ଏହି ଜନନେତା ୧୯୮୪ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

### ନୃତ୍ୟ ପ୍ରବୀଣା ସଂଯୁକ୍ତା



ସ୍ୱାଧୀନତୋତ୍ତର ଓଡ଼ିଶାରେ ଯେଉଁ ନୃତ୍ୟାଙ୍ଗନାମାନେ ଓଡ଼ିଶୀକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ସଂଯୁକ୍ତା ପାଣିଗ୍ରାହୀ ଅନ୍ୟତମ । ନିଜର କଠୋର ସାଧନା ଓ ଅଧ୍ୟବସାୟ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡ଼ିଶୀ ନୃତ୍ୟର ଜଣେ ସଫଳତମ ନୃତ୍ୟଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ଓଡ଼ିଶୀକୁ ଭାରତ ସମେତ ସମଗ୍ର ବିଶ୍ୱରେ ଆଦୃତ କରାଇବା ପାଇଁ ସେ ଆମେରିକା, ଫିଲିପାଇନ୍ସ, ୟୁକେ, ଇସ୍ରାଇଲ, ଗ୍ରୀସ୍ ଆଦି ଦେଶଗୁଡ଼ିକ ଭ୍ରମଣ କରିଥିଲେ । ତାଙ୍କ ନୃତ୍ୟ ପ୍ରତିଭା ଓ ନୃତ୍ୟ କଳା ପ୍ରତି ଅବଦାନ ସ୍ୱରୂପ ତାଙ୍କୁ ୧୯୭୫ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା । ୧୯୭୬ରେ ମଧ୍ୟ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ସଂଯୁକ୍ତାଙ୍କର ଜନ୍ମ ୨୪ ଅଗଷ୍ଟ, ୧୯୪୪ ମସିହାରେ ବ୍ରହ୍ମପୁରର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଅଭିରାମ ମିଶ୍ର ଓ ମାତାଙ୍କ ନାମ ଶକୁନ୍ତଳା ମିଶ୍ର । ବାଲ୍ୟ ସମୟରୁ ତାଙ୍କ ଭିତରେ ନୃତ୍ୟ ପ୍ରତିଭା ବିକଶିତ ହୋଇଥିଲା । ମାତ୍ର ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ମା' ତାଙ୍କୁ ନୃତ୍ୟ ପାଇଁ ପ୍ରୋତ୍ସାହିତ କରିଥିଲେ । ମା'ଙ୍କ ପ୍ରେରଣା ବଳରେ ସଂଯୁକ୍ତା ଚାରି ବର୍ଷ ବୟସରେ ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ । ୧୯୫୦-୧୯୫୩ ମସିହା ମଧ୍ୟରେ ତାଙ୍କୁ ତିନି ତିନି ଥର ସର୍ବଶ୍ରେଷ୍ଠ ଶିଶୁ କଳାକାର ଭାବେ ଅଭିହୀତ କରାଯାଇଥିଲା । ୧୯୫୨ ମସିହାରେ ସେ ଅନ୍ତରାଷ୍ଟ୍ରୀୟ ଶିଶୁ ଚଳଚ୍ଚିତ୍ର ସମାରୋହରେ ପ୍ରଥମ ପୁରସ୍କାର ଜିତିଥିଲେ । ନୃତ୍ୟରେ ଭଲ ପ୍ରଶିକ୍ଷଣ ପାଇଁ ତାଙ୍କ ମା' ତାଙ୍କୁ ଚେନ୍ନାଇରେ କଳାକ୍ଷେତ୍ରକୁ ପଠାଇଥିଲେ । ସେଠାରେ ସେ ୬ବର୍ଷ ପର୍ଯ୍ୟନ୍ତ ଭାରତନାଟ୍ୟମ୍ ଓ କଥକ ଶିକ୍ଷା ଲାଭ କରିଥିଲେ । ୧୪ବର୍ଷ ବୟସରେ ସେ ଓଡ଼ିଶା ଫେରି ଆସି ଓଡ଼ିଶୀ ନୃତ୍ୟର ବିକାଶ ଦିଗରେ ଧ୍ୟାନ ଦେଇଥିଲେ । ୧୯୬୦ ମସିହାରେ ୧୬ବର୍ଷ ବୟସରେ ସଙ୍ଗୀତଜ୍ଞ ରଘୁନାଥ ପାଣିଗ୍ରାହୀଙ୍କୁ ବିବାହ କରିଥିଲେ । ରଘୁନାଥଙ୍କ ସହିତ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଯଶ ଓ ଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ସଂଯୁକ୍ତା ପହଞ୍ଚି ପାରିଥିଲେ । ନିଜର ଚେଷ୍ଟା ବଳରେ ସେ ଓଡ଼ିଶୀ ନୃତ୍ୟକୁ ବିଶ୍ୱସ୍ତରରେ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବାରେ ସଫଳ ହୋଇଥିଲେ । ୧୯୯୭ ମସିହା ଆଜିର ଦିନରେ ଏହି ମହାନ୍ ନୃତ୍ୟଶିଳ୍ପୀଙ୍କ ମୃତ୍ୟୁ ହୋଇଥିଲା ।

## ଘୁଞ୍ଚିପାରେ 'ପରମସୁନ୍ଦରୀ' ରିଲିଜ୍ ଡେଟ୍



ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର୍-୨' ଆସନ୍ତା ଜୁଲାଇ ୨୫ ତାରିଖରେ ରିଲିଜ୍ ହେବ । ଏହି ଦିନ ଜାହ୍ନବୀ କପୁର ଓ ସିଦ୍ଧାର୍ଥ ମଲହୋତ୍ରାଙ୍କ ଫିଲ୍ମ 'ପରମସୁନ୍ଦରୀ' ମଧ୍ୟ ମୁକ୍ତିଲାଭ କରିବ । ଇତିମଧ୍ୟରେ 'ପରମସୁନ୍ଦରୀ'ର ନିର୍ମାତା ଅଜୟଙ୍କ ଷ୍ଟାରଡମ୍ ଓ 'ସନ୍ ଅଫ୍ ସର୍ଦ୍ଦାର'ର ସଫଳତାକୁ ଦେଖି ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅଜୟଙ୍କ ଯୋଗୁଁ ତାଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିପାରେ ବୋଲି ଏହାର ନିର୍ମାତା ଭାବୁଛନ୍ତି । ପ୍ରଯୋଜକ ଦିନେଶ ବିଜାନ ଫିଲ୍ମର ସଫଳତା ନେଇ ବେଶ୍ ଆଶାବାଦୀ ଅଛନ୍ତି । ଅପରପକ୍ଷରେ ଜୁଲାଇ ମାସରେ ଅନେକଗୁଡ଼ିଏ ରୋମାଣ୍ଟିକ୍ କମେଡି ଫିଲ୍ମ ରିଲିଜ୍ ହେଉଥିବାରୁ ଏହା 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ ବୋଲି ଦିନେଶ ଭାବୁଛନ୍ତି । ତେବେ ଦିନେଶ ଏହାକୁ ଅଗଷ୍ଟରେ ରିଲିଜ୍ କରିବା ପାଇଁ ଯୋଜନା କରୁଛନ୍ତି । ଅପରପକ୍ଷରେ 'ୱାର୍-୨', 'ଧଡକ-୨' ମଧ୍ୟ ଅଗଷ୍ଟ ମାସରେ ରିଲିଜ୍ ହେବ । ଏଦୁଇଟି ଫିଲ୍ମ ମଧ୍ୟ 'ପରମସୁନ୍ଦରୀ'ର ବିଜିନେସ୍‌କୁ ପ୍ରଭାବିତ କରିପାରେ । କିନ୍ତୁ ଏଯାଏଁ ଏହି ଫିଲ୍ମ କେବେ ମୁକ୍ତିଲାଭ କରିବ ସେନେଇ ଦିନେଶ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି । କିଛି ଦିନ ପୂର୍ବରୁ ଫିଲ୍ମର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଥିଲା । ଉଭୟ ଜାହ୍ନବୀ ଓ ସିଦ୍ଧାର୍ଥ ଦକ୍ଷିଣ ଭାରତୀୟ ପୋଷାକ ପରିପାଟୀରେ ବେଶ୍ ଭଲ ଦେଖାଯାଉଛନ୍ତି । ସବୁଠୁ ବଡ଼ କଥା ହେଲା ସିଦ୍ଧାର୍ଥ ଓ ଜାହ୍ନବୀଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି ।



## ସୁବର୍ଣ୍ଣା

### ସଠିକ୍ ଖାଦ୍ୟ ସଂରକ୍ଷଣରୁ ରୋଗମୁକ୍ତ ରହିବେ ପ୍ରାଣୀ

**ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ରହିଥାଏ । ଏହି ଦିନରେ ଅତ୍ୟଧିକ ଆର୍ଦ୍ରତା ଓ ଚାରିଆଡେ ପାଣି ଜମି ରହୁଥିବାରୁ ପ୍ରାଣୀଙ୍କ ଖାଦ୍ୟକୁ କବକ ଓ ଜୀବାଣୁ ଆଦି ଶୀଘ୍ର ସଂକ୍ରମିତ କରିଥାନ୍ତି । ଉକ୍ତ ପଚା ସଢ଼ା ଖାଦ୍ୟ ଖାଇ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ତେଣୁ ଅନ୍ୟଦିନ ତୁଳନାରେ ବର୍ଷାଦିନେ ପ୍ରାଣୀଙ୍କ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଏହିଦିନେ ସଠିକ୍ ଉପାୟରେ ଚାଷୀଭାଇମାନେ ଖାଦ୍ୟ ସଂରକ୍ଷଣ କରିପାରିବେ ।**

ଅଧିକାଂଶ ପ୍ରାଣୀଙ୍କ ଖାଦ୍ୟକୁ ନ ଶୁଖାଇ ଏହାକୁ ସଂରକ୍ଷଣ କରି ଦିଅନ୍ତି । ସେହିପରି ଖୋଲା ଓଦାଳିଆ ସ୍ଥାନରେ ଖାଦ୍ୟ ରଖିବା, ଓଦା ଖାଦ୍ୟରେ କବକ ତଥା ପୋକ ସଂକ୍ରମଣ ହେବା, ଖାଦ୍ୟକୁ ସଫା ଓ ସ୍ୱଚ୍ଛ ସ୍ଥାନରେ ନ ରଖିବା କାରଣରୁ ଏହା ନଷ୍ଟ ହୋଇଥାଏ । ଏହି ବିଷାକ୍ତ ତଥା ଦୂଷିତ ଖାଦ୍ୟ ଖାଇବା ଯୋଗୁ ଗାଇଗୋରୁଙ୍କଠାରେ ପତଳା ଝାଡ଼ା ହେବା, ଶରୀରରୁ ଜଳୀୟଅଂଶ କମିଯିବା, ଦୁର୍ବଳ ଅନୁଭବ କରି ଖାଇବା ପିଇବା କମାଇ ଦେବା, ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ । ବିଶେଷ କଥା ହେଉଛି, ସଢ଼ା ବା ପଚା ଖାଦ୍ୟରେ ଅଫ୍ଲାଟକ୍ସିନ, ମାୟକୋଟକ୍ସିନ ପରି ହାନିକାରକ କବକ ଉତ୍ପନ୍ନ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ପ୍ରାଣୀଙ୍କର ପେଟଜନିତ ସମସ୍ୟା ହେବାର ଭୟ ଅଧିକ ରହିଥାଏ ।

ତେଣୁ ପ୍ରାଣୀଙ୍କ ଖାଦ୍ୟ ସାଇତିବା ପାଇଁ ସର୍ବଦା ଉଚ୍ଚ, ଶୁଖିଲା ଓ ବାୟୁଚଳାଚଳ ହୋଇପାରୁଥିବା ସ୍ଥାନ ଚୟନ କରନ୍ତୁ । ବାଉଁଶ, କାଠ କିମ୍ବା ଇଟା ସାହାଯ୍ୟରେ ଥାକ କରି ସେଥିରେ ଖାଦ୍ୟ ରଖିବା ସବୁଠୁ ଭଲ ବିକଳ୍ପ । ଖାଦ୍ୟ ସାଇତିବା ପରେ ଏହା ଉପରେ ପ୍ଲାଷ୍ଟିକ୍ ସିଟ୍ କିମ୍ବା ପାଲ ଘୋଡାଇବା ନିହାତି ଆବଶ୍ୟକ । ଖାଦ୍ୟର ଯାଞ୍ଚ କରି ଏହାକୁ ମଝିରେ ମଝିରେ ଶୁଖାଇ ପାରିବେ । ଖାଦ୍ୟ ସାଇତା ଯାଉଥିବା ସ୍ଥାନରେ ନିମ୍ବପତ୍ର ପୁଟୁଳା କିମ୍ବା ଶୁଖିଲା ପତ୍ରକୁ ଖାଦ୍ୟରେ ମିଶାଇ ରଖିବା ଦ୍ୱାରା ସଂକ୍ରମଣରୁ ରକ୍ଷା କରାଯାଇପାରେ । ସେହିପରି ଘାସ କାଟିବା ପରେ ୩ରୁ ୫ଦିନ ଖରାରେ ଶୁଖାଇବା ଜରୁରି । ଶୁଖିଲା ଘାସକୁ ସଠିକ୍ ଢଙ୍ଗରେ ରଖିବା ଦ୍ୱାରା ଏହା ଦୀର୍ଘ ସମୟ ଭଲ ରୁହେ । ଏନେଇ ପ୍ରତି ୧୫ରୁ ୨୦ ଦିନରେ ଚାରାର ସ୍ଥିତି ଯାଞ୍ଚ କରି ପାରିବେ । ବର୍ଷାଦିନେ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ଏବଂ ଗୁଣବତ୍ତା ଦୁଇଟିକୁ ଗୁରୁତ୍ୱ ଦେବା ଆବଶ୍ୟକ ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ସମୟରେ ଫସଲରେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ ।
- ତଳିଘେରା ପାଇଁ ବଛା ଯାଇଥିବା ଜମିକୁ ୩ରୁ ୪ଥର ହଳ କରି ଘାସ ବାଛି ଦିଅନ୍ତୁ । ବୁଣାଧାନ ପାଇଁ ଶେଷ ଓଡ଼ ଚାଷ ସମୟେ ଏକର ପ୍ରତି ୮ କୁଇଣ୍ଟାଲ ଖତ ପ୍ରୟୋଗ କରନ୍ତୁ ।
- ସଆଳ କିମ୍ବା ମଧ୍ୟମ ଋତୁରେ ଦେଖାଯାଉଥିବା ମରୁଡ଼ିକୁ ଏଡ଼ାଇବା ପାଇଁ ବର୍ଷା ଜଳ ସଂଗ୍ରହ ପ୍ରକଳ୍ପଗୁଡ଼ିକୁ ମରାମତି କରନ୍ତୁ ।
- ବିହନ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ ।
- ବାଇଗଣ ତଳିଘେରାରେ ଘରାକଟା ରୋଗ ହେଲେ, ଶୁଖିଲା ପାଗ ଦେଖି ୧୦ଲିଟର ପାଣିରେ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବ ମିଶାଇ ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ ।
- ଭେଣ୍ଡି ବିହନ ଲଗାଇବା ସମୟରେ ଏକର ପ୍ରତି ୭୦ କିଗ୍ରା ଡିଏପି, ୧୧ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୪୫ ସେମି ଏବଂ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ ।

## ଗଛର ଯତ୍ନ ନେବ ଆପ୍



**ସମ୍ପ୍ରତି ବାଲ୍‌କୋନି, ଛାତ, ଘର ଅଗଣାରେ ଅଧିକାଂଶ ବ୍ୟକ୍ତି କଣ୍ଟେନର ଗାର୍ଡେନିଂ କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ବିଶେଷ ଦେଖାଶୁଣା କରିବାକୁ ପଡ଼େ । ହେଲେ ଯେତେବେଳେ କାମ ବା ଛୁଟି ବିତାଇବାକୁ ଜଣେ ଦୀର୍ଘ ସମୟ ବାହାରକୁ ଯାଆନ୍ତି, ଗଛର ଦେଖାରଖା ଓ ପାଣି ଦେବାକୁ ନେଇ ଚିନ୍ତିତ ରହିଥାନ୍ତି । ହେଲେ ଏବେ ଏହି ସମସ୍ୟାକୁ ଦୂର କରିବାକୁ ବିଭିନ୍ନ ପ୍ରକାର ସ୍ମାର୍ଟ ଆପ୍ ଉପଲବ୍ଧ ରହିଛି ।**

**ପ୍ଲାଣ୍ଟସ୍ନାପ:** ଗଛ ଚିହ୍ନଟ କରିବାକୁ ପ୍ଲାଣ୍ଟସ୍ନାପ ଆପ୍ ବହୁତ ଉପଯୋଗୀ । ଫୋନ୍ କ୍ୟାମେରାରେ ଗଛର ଫଟୋ ନେଇ ଏହାର ନାଁ ଏବଂ ଦେଖାରଖା ବିଷୟରେ ଏହି ଆପ୍ ସୂଚନା ଦେଇଥାଏ । ତେଣୁ ଜଣେ ବାହାରେ ଥିଲେ ବି ଏହି ଆପ୍ ବ୍ୟବହାର କରି ଗଛର କିପରି ଯତ୍ନ ନିଆଯାଇ ପାରିବ ତଥା ଗଛକୁ କେଉଁ ସମୟରେ ପାଣି ଆବଶ୍ୟକ ସେ ବିଷୟରେ ଜାଣି ପାରିବେ ।

**ୱାଟରବଟ:** ୱାଟରବଟ୍ ଆପ୍‌ଟି ଗଛରେ ପାଣି ଦେବାକୁ ରିମାଇଣ୍ଡର ସେଟ୍ କରିଥାଏ । ତେଣୁ ଜଣେ ଗଛର ପ୍ରଜାତି ଏବଂ ଏହାର ଆବଶ୍ୟକ ଅନୁସାରେ ଜଳସିଞ୍ଚନର କାର୍ଯ୍ୟସୂଚୀ ବନାଇ ପାରିବେ । ଆପ୍‌ରେ ନୋଟିଫିକେସନ ପଠାଇବାର ସୁବିଧା ଥିବାରୁ ଜଣେ ବାହାରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଗଛକୁ ପାଣି ଦେଇପାରିବେ ।

**ଗାର୍ଡେନାଇଜ୍:** ଗାର୍ଡେନାଇଜ୍ ଆପ୍ ସମସ୍ତ ଗଛର ସୂଚନାକୁ ପଞ୍ଜିକରଣ କରିଥାଏ । ଏହାର ଦେଖାରଖା ପାଇଁ ରେକର୍ଡ କରି ମଧ୍ୟ ରଖିଥାଏ । ଏହି ଆପ୍ ମଧ୍ୟ ଗଛର ବୃଦ୍ଧି, ପାଣି ଦେବାର ସମୟ, ଖତ ପ୍ରୟୋଗ ଆଦି ବିଷୟରେ ମନେ ପକାଇଥାଏ । ତେଣୁ ଜଣେ ଦୂରରେ ଥାଇ ବି ଘରର ଅନ୍ୟ ସଦସ୍ୟଙ୍କୁ ଯୋଗାଯୋଗ କରି ଗଛର ସଠିକ ଯତ୍ନ ନେଇପାରିବେ ।

**ଫ୍ଲୋରିଶ୍:** ଫ୍ଲୋରିଶ୍ ସ୍ମାର୍ଟ ଆପ୍‌ଟି ଜଳବାୟୁ ଅନୁସାରେ ଗଛର ଯତ୍ନ ନେବାକୁ ସୂଚନା ଦେଇଥାଏ । ଏହା ପାଣିପାଗ ପରିବର୍ତ୍ତନ ଅନୁସାରେ କେଉଁ ଗଛକୁ କେତେ ପାଣି ଆବଶ୍ୟକ, କେଉଁ ଦିନ ଖତ ପ୍ରୟୋଗ କରିବା ତଥା ରୋଗପୋକର ସମ୍ଭାବନା ବିଷୟରେ ପରାମର୍ଶ ଦିଏ । ଏହି ଆପ୍‌ଟି ବଗିଚା ଥିବା ସ୍ଥାନର ପାଣିପାଗକୁ ଟ୍ରାକ୍ କରି ଫୋନ୍‌କୁ ମେସେଜ୍ ପଠାଇଥାଏ । ଏହାଦ୍ୱାରା ଜଣେ ଦୂରରୁ ଥାଇ ବି ଗଛର ଯତ୍ନ ନେଇ ପାରନ୍ତି । ଆବଶ୍ୟକ ମୁତାବକ ଗଛକୁ ଜଳ ଯୋଗାଣ କରିହୁଏ ।

**ସ୍ମାର୍ଟ ପ୍ଲାଣ୍ଟ କେୟାର:** ସ୍ମାର୍ଟ ପ୍ଲାଣ୍ଟ କେୟାର ଆପ୍‌ଟି ଗଛରେ ରୋଗ ଏବଂ ପୋକକୁ ଚିହ୍ନଟ କରି ଏହାର ନିରାକରଣ ପାଇଁ ସୂଚନା ଦେଇଥାଏ । ଏହି ଆପ୍‌ରେ ଜଳ ସିଞ୍ଚନ ଏବଂ ଖତ ପ୍ରୟୋଗ ପାଇଁ ରିମାଇଣ୍ଡର ସୁବିଧା ରହିଛି । ତେଣୁ ଆପ୍ ମାଧ୍ୟମରେ ସମସ୍ତ ଗଛର ଦେଖାରଖା ସହଜ ହୁଏ ।

## ଗ୍ରୋବ୍ୟାଗ୍‌ରେ ଆଭାକାଡୋ





**ଆଭାକାଡୋ ଏକ ବିଦେଶୀ ଫଳ । ଏହିଫଳରେ ପ୍ରୋଟିନ୍, ଫାଇବର, ପୋଷକତତ୍ତ୍ୱ ଭରପୁର ମାତ୍ରାର ମିଳିଥାଏ । କୁଣ୍ଡରେ ଆଭାକାଡୋ ଲଗାଇବା ତ ସମସ୍ତେ ଜାଣନ୍ତି, ଗ୍ରୋବ୍ୟାଗ୍‌ରେ ଏହି ଫଳ ଗଛ ଲଗାଇବାର ଟ୍ରେଣ୍ଡ ଏବେ ବଢ଼ୁଛି ।**

ଗ୍ରୋ ବ୍ୟାଗ୍ ମଜବୁତ୍, ସମ୍ପ୍ରସାରଣ ଏବଂ ହାଲୁକା ହୋଇଥାଏ । ଏଥିରେ ମାଟି ଭର୍ତ୍ତି କରି ବାଲ୍‌କୋନି, ଛାତ, ଅଗଣା, ଝରକା କୋଣ ପାଖେ ରଖାଯାଇପାରିବ । ଗ୍ରୋ ବ୍ୟାଗ୍‌ରେ ଗଛ ଲଗାଇଲେ ଜଳ ନିଷ୍କାସନ ଭଲ ହୁଏ । ମୂଳ ମଜବୁତ୍ ହୋଇଥାଏ । ଏହା ପରିବେଶ ଅନୁକୂଳ । ତେଣୁ ୧୮×୧୮ ଇଞ୍ଚ ମଜବୁତ୍ ଗ୍ରୋ ବ୍ୟାଗ୍‌ରେ ୫୦% ମାଟି, ୩୦ % ଗୋବର ଖତ ଏବଂ ୨୦% ବାଲି ମିଶାଇ ଆଭାକାଡୋ ଚାରା କିମ୍ବା ବିହନକୁ ଅଙ୍କୁରିତ କରି ଲଗାଯାଇଥାଏ । ଆଭାକାଡୋକୁ ନିୟମିତ ୫ରୁ ୬ ଘଣ୍ଟା ଖରା ଏବଂ ପାଣିର ଆବଶ୍ୟକ ହୋଇଥାଏ । ସେଥିପାଇଁ ପ୍ରତି ମାସରେ ଖତ କିମ୍ବା ଜିଆଖତ ପ୍ରୟୋଗ କରାଯାଇପାରିବ । ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ବତେଲ ସିଞ୍ଚନ ଉତ୍ତମ ବିକଳ୍ପ । ଗଛ ଲଗାଇବାର ୩ ରୁ ୪ ବର୍ଷ ପରେ ଗଛ ଫଳ ଦେବା ଆରମ୍ଭ କରେ ।

● ମହିଳା ଏସିଆ କପ୍‌ରେ ପ୍ୟାରୀଙ୍କ ୫ ଗୋଲ

## ମଙ୍ଗୋଲିଆକୁ ୧୩-୦ରେ ହରାଇଲା ଭାରତ



ବ୍ୟାଙ୍କକ୍, ୨୩।୬ (ଏଜେନ୍ସି): ମଙ୍ଗୋଲିଆକୁ ୧୩-୦ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆ କପ କ୍ୱାଲିଫାୟର୍ସରେ ବୃହତ୍ ବିଜୟ ହାସଲ କରିଛି। ସୋମବାର ଦଳ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ପ୍ୟାରୀ ଖାଖା ଷ୍ଟାର ବନିଥିଲେ। ସେ ଏକାକୀ ୫ଟି ଗୋଲ ଦେଇଥିଲେ। ଚିଆଙ୍ଗ ମାଇ ଷ୍ଟାଡିୟମ୍‌ର ୭୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଟୁର୍ଣ୍ଣାମେଣ୍ଟ ଧୂମଧାମରେ ଖେଳାଯାଇଛି। ଭାରତର ତାହା ଦ୍ୱିତୀୟ ମ୍ୟାଚ୍ ୬ ଦିନ ପରେ ତିମୋର ଲେଷ୍ଟେ ସହ ଖେଳିବ। ଏହି ଗ୍ରୁପ୍‌ରେ ସାମିଲ ହୋଇଥିବା ଅନ୍ୟ ଦଳଗୁଡିକ ହେଲେ, ଇରାକ ଓ ଥାଇଲାଣ୍ଡ। ଗ୍ରୁପ୍‌ରେ ଚାମ୍ପିଅନ ଦଳ ଏସିଆ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ଟିଓପିଏସ୍‌ରେ ସାମିଲ ହେଲେ ଶ୍ରାବଣୀ, ଅନିମେଶ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ଓ ଧାବିକା ଶ୍ରାବଣୀ ନନ୍ଦ କେନ୍ଦ୍ର କ୍ରୀଡ଼ା ବିଭାଗର ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟିଓପିଏସ୍)ର ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସାମିଲ କରାଯାଇଛି। ୨୨ ବର୍ଷୀୟ ଅନିମେଶ ଗତ ମାସ ପ୍ରାରମ୍ଭରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ୨୦୦ ମିଟର ରେସ୍‌କୁ ୨୦.୩୨ ସେକେଣ୍ଡରେ ଶେଷ କରି ନୂଆ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା ଭାରତୀୟ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌ରେ ଶ୍ରାବଣୀ ରହିଛନ୍ତି। ଶ୍ରାବଣୀଙ୍କ ବ୍ୟତୀତ ଅଭିନ୍ୟା ରାଜରଜନ, ସ୍ନେହା ଶାନୁଭାଲ୍ଲି ଓ ନତ୍ୟା ଗାନ୍ଧେ ରିଲେ ଦଳର ସଦସ୍ୟା ରହିଛନ୍ତି। ଟପ୍ସ ଡେଭଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ପଦକ ଆଶାୟୀ ଭାବେ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ମାସିକ ୨୫ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ। ଜିମ୍ନାଷ୍ଟ ପ୍ରଣତୀଙ୍କ ସମେତ ତ୍ରିପୁରାର ପ୍ରତିଷ୍ଠା ସାମନ୍ତା ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସ୍ଥାନ ପାଇଛନ୍ତି।



ଗୋଟିଏ ଟେଷ୍ଟରେ ୫ ଶତକ; ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ୍

# ରାହୁଲ, ପନ୍ତଙ୍କ ଦମ୍‌ଦାର୍ ଶତକ



ଲିଡ୍ସ, ୨୩।୬ (ଏଜେନ୍ସି)

ଲୋକେଶ ରାହୁଲ (୧୩୭) ଓ ଋଷଭ ପନ୍ତ (୧୧୮)ଙ୍କ ଶତକ ସହାୟତାରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୧ ରନ୍‌ର ଟାର୍ଗେଟ ଦେଇଛି। ଏହି ଟାର୍ଗେଟକୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଖେଳ ଶେଷବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୨୧ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍ ଜିତିବାକୁ ଇଂଲଣ୍ଡ ୯୦ ଓଭରରେ ୩୫୦ ରନ୍ ଓ ଏହା ମଧ୍ୟରେ ଭାରତକୁ ସମସ୍ତ ୧୦ଟି ୱିକେଟ ଆବଶ୍ୟକ ହେଉଛି। ସୋମବାର ମ୍ୟାଚ୍‌ର ଚତୁର୍ଥ ଦିନରେ ରାହୁଲ ଓ ପନ୍ତ ୪ର୍ଥ ୱିକେଟ ଯୋଡିରୁ ୧୯୫ ରନ୍ ଉଠାଇବା ଫଳରେ ଦ୍ୱିତୀୟ ଇନିଂସରେ ଭାରତ ୩୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପ୍ରଥମ ଇନିଂସରେ ୬ ରନ୍‌ରେ ଆଗୁଆ ରହିଥିଲା। ଏହି ମ୍ୟାଚ୍‌ରେ ଭାରତର ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ୨ଟିକୁ ମିଶାଇ ମୋଟ ୫ଟି ଶତକ ସଂଗୃହୀତ ହୋଇଛି। ଯାହାକି ଭାରତର ଟେଷ୍ଟ ଇତିହାସରେ ପ୍ରଥମଥର ଦେଖିବାକୁ ମିଳିଛି। ସେହିପରି ପନ୍ତ ଭାରତର ପ୍ରଥମ ତଥା ଜିମ୍ବାୱେର ଆଣ୍ଡି ଫ୍ଲାୱାରଙ୍କ ପରେ ବିଶ୍ୱର ଦ୍ୱିତୀୟ ୱିକେଟରକ୍ଷକ ଭାବେ ଗୋଟିଏ ଟେଷ୍ଟରେ ୨ଟି ଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ଭାରତର ୭ମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଅନ୍ୟମାନେ ହେଲେ ବିଜୟ ହଜାରେ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ୍, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା। ଏମାନଙ୍କ ମଧ୍ୟରୁ ଗାଭାସ୍କର ୩ଥର ଓ ଦ୍ରାବିଡ୍ ୨ଥର ଏଭଳି ସଫଳତା ପାଇଛନ୍ତି।

**୩୧ ରନ୍‌ରେ ୬ଟି ୱିକେଟ୍**: ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୯୦ ରନ୍‌ରୁ ସତର୍କତାର ସହ ଖେଳି ଆରମ୍ଭ କରିଥିଲା। କିନ୍ତୁ ଅଧିନାୟକ ଗିଲ୍ ୮ ରନ୍‌ରେ ଶୀଘ୍ର ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲ ଓ ପନ୍ତ ଭାରତର ସ୍କୋରକୁ ୨୮୭ ରନ୍‌ରେ ପହଞ୍ଚାଇବା ପରେ ଯୋଡି ଭାଙ୍ଗିଥିଲା। ୧୧୮ ରନ୍ କରି ପନ୍ତ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ତାଙ୍କ ବ୍ୟାଟ୍‌ରୁ ୧୩୪ ରନ୍ ମିଳିଥିଲା। ପନ୍ତଙ୍କ ଆଉଟ ହେବାର ୪୬ ରନ୍ ପରେ ୫ମ ଖେଳାଳି ଭାବେ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସର ପରିସମାପ୍ତି ଘଟିଥିଲା। ରାହୁଲ ୨୪୭ ବଲ୍ ଖେଳି ୧୮ ଚୌକା ସହ ଗିଲ୍‌ଙ୍କ ପରି ପ୍ଲେଡ୍ ଅନ୍ ହୋଇଥିଲେ। ଏହା ଫଳରେ ତାଙ୍କ ୱିକେଟ ସହ ଭାରତ ତାହାର ଶେଷ ୬ଟି ୱିକେଟ ୩୧ ରନ୍ ମଧ୍ୟରେ ହରାଇଥିଲା। ପ୍ରଥମ ଇନିଂସରେ ମଧ୍ୟ ଭାରତ ୪୧ ରନ୍‌ରେ ଶେଷ ୭ଟି ୱିକେଟ ହରାଇଥିଲା। ରବୀନ୍ଦ୍ର ଜାଡେଜା ଅପରାଜିତ ୨୫ ରନ୍ କରିଥିଲାବେଳେ ୨୦ ରନ୍ କରି କରୁନ ନାୟାର ଦ୍ୱିତୀୟ ସୁଯୋଗ ହାତଛଡ଼ା କରିଛନ୍ତି। ଶାର୍ଦ୍ଦୁଳ ୪ ରନ୍ କରିଥିଲାବେଳେ ଅନ୍ୟ ୩ ପେସର ଖାତା ଖୋଲି ପାରି ନାହାନ୍ତି। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ୍ କାର୍ସ, ଜୋଶ ଟଙ୍ଗ ୩ଟି ଲେଖାଏଁ ୱିକେଟ ପାଇଛନ୍ତି।



### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୬୫ (ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍ରା-୫/୮୩, କ୍ରିଷ୍ଣା- ୩/୧୨୮)।
**ଭାରତ ଦ୍ୱିତୀୟ ଇନିଂସ**: ୩୬୪ (ରାହୁଲ-୧୩୭, ପନ୍ତ-୧୧୮, ଟଙ୍ଗ୍-୩/୭୨, କାର୍ସ-୩/୮୦)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**: ୨୧/୦ (ବେନ୍ ଡକେଟ- ଅପରାଜିତ ୯, ଜ୍ୟାକ୍ କ୍ରଲି- ଅପରାଜିତ ୧୨)।

### ଗୋଟିଏ ଟେଷ୍ଟରେ ୨ଟି ଶତକ: ପନ୍ତ ୭ମ ଭାରତୀୟ

| ଖେଳାଳି | ପ୍ରଥମ | ଦ୍ୱିତୀୟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ମାସ ଓ ବର୍ଷ |
|---|---|---|---|---|---|
| ବିଜୟ ହଜାରେ | ୧୧୬ | ୧୪୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଜାନୁଆରୀ,୧୯୪୮ |
| ସୁନୀଲ ଗାଭାସ୍କର | ୧୨୪ | ୨୨୦ | ୱେଷ୍ଟଇଣ୍ଡିଜ୍ | ପୋର୍ଟ-ଅଫ୍-ସ୍ପେନ୍ | ଏପ୍ରିଲ,୧୯୭୧ |
| ସୁନୀଲ ଗାଭାସ୍କର | ୧୧୧ | ୧୩୭ | ପାକିସ୍ତାନ | କରାଚି | ନଭେମ୍ବର,୧୯୭୮ |
| ସୁନୀଲ ଗାଭାସ୍କର | ୧୦୭ | ୧୮୨* | ୱେଷ୍ଟଇଣ୍ଡିଜ୍ | କୋଲକାତା | ଡିସେମ୍ବର,୧୯୭୮ |
| ରାହୁଲ ଦ୍ରାବିଡ୍ | ୧୯୦ | ୧୦୩* | ନ୍ୟୁଜିଲାଣ୍ଡ | ହାମିଲଟନ | ଜାନୁଆରୀ,୧୯୯୯ |
| ରାହୁଲ ଦ୍ରାବିଡ୍ | ୧୧୦ | ୧୩୫ | ପାକିସ୍ତାନ | କୋଲକାତା | ମାର୍ଚ୍ଚ, ୨୦୦୫ |
| ବିରାଟ କୋହଲି | ୧୧୫ | ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ଡିସେମ୍ବର, ୨୦୧୪ |
| ଆଜିଙ୍କ୍ୟ ରାହାଣେ | ୧୨୭ | ୧୦୦* | ଦକ୍ଷିଣ ଆଫ୍ରିକା | ଦିଲ୍ଲୀ | ଡିସେମ୍ବର ୨୦୧୫ |
| ରୋହିତ ଶର୍ମା | ୧୭୬ | ୧୨୭ | ଦକ୍ଷିଣ ଆଫ୍ରିକା | ବିଶାଖାପାଟଣା | ଅକ୍ଟୋବର, ୨୦୧୯ |
| ଋଷଭ ପନ୍ତ | ୧୩୪ | ୧୧୮ | ଇଂଲଣ୍ଡ | ହେଡିଂଲେ | ଜୁନ୍, ୨୦୨୫ |

## ମାଷ୍ଟର୍ସ କପ୍ ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୩।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଅଧିନାୟକ ଲାଜରୁସ ବାର୍ଲା ଓ ଅନିଲ କୁଲ୍ଲୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅପରପକ୍ଷରେ ମାଷ୍ଟର୍ସ କପ୍‌ର ମହିଳା ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ସୋମବାର ପୁଲ୍-ବି'ରେ ଓଡ଼ିଶା ଏହାର ଶେଷ ମ୍ୟାଚରେ ୩-୨ ଗୋଲ୍‌ରେ ହରିୟାଣାକୁ ମାତ୍ ଦେଇଥିଲା। ଓଡ଼ିଶା ପାଇଁ ରଞ୍ଜିତା ବେଗ୍ ୨ଟି ଓ ସରିତା ରୋଶନ ମିଞ୍ଜ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି।

## ଓଡ଼ିଶା ବାଳିକା ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ ପଦକ

ପୁରୀ,୨୩।୬(ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ୩୦ତମ ଜାତୀୟ ସବ୍ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗୌରାବାନ୍ୱିତ କରିଛି। କ୍ୱାର୍ଟରଫାଇନାଲରେ ତାମିଲନାଡୁକୁ ହରାଇଥିବା ବେଳେ ସେମିରେ ଆୟୋଜକ ମହାରାଷ୍ଟ୍ରଠାରୁ ୧-୨ ସେଟ୍‌ରେ ପରାସ୍ତ ହୋଇଥିଲା। ଏହାପରେ ବ୍ରୋଞ୍ଜ ପଦକ ଲଢେଇରେ କେରଳକୁ ୨-୧ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ଓଡ଼ିଶା ବାଳିକା ଦଳ। ସେହିପରି ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ଚାରିଥରର ବିଜେତା ଦିଲ୍ଲୀଠାରୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୨-୧ ସେଟ୍‌ରେ ପରାସ୍ତ ହୋଇଥିଲା। ଓଡ଼ିଶା ବାଳିକା ଦଳର ବ୍ରୋଞ୍ଜ ପଦକ ବିଜୟ ଉପଲକ୍ଷେ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଧୀରଜ କୁମାର ପଟ୍ଟନାୟକ (ଓଏସ୍‌ଡି), ଓଡ଼ିଶା ଥ୍ରୋ ବଲ୍ ସଭାପତି ଭୂପିନ୍ଦର ସିଂ ବାଳିକା ଦଳର ଖେଳାଳୀ ଏବଂ କୋଚ୍ ସୁଧାସିନ୍ଧୁ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଶକ୍ତିସ୍ୱରୂପ ଏଏସସିଏ ଲେଭଲ୍-୧ କୋଚ୍

କଟକ,୨୩।୬(ସମିସ): ଓଡ଼ିଶାର ଦ୍ୱିତୀୟ ପ୍ରଶିକ୍ଷକ ଭାବେ ଶକ୍ତିସ୍ୱରୂପ ଦାଶ ଅଷ୍ଟ୍ରେଲିଆନ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ଆସୋସିଏସନ(ଏଏସ୍‌ସିଏ) ଲେଭଲ-୧ କୋଚ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ଏହି ଅନୁବନ୍ଧିତ କୋର୍ସ ଆୟୋଜନ କରାଯାଇଥିଲା। ଶକ୍ତିସ୍ୱରୂପଙ୍କ ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ରାଜ୍ୟର ପ୍ରଥମ ପ୍ରଶିକ୍ଷକ ଭାବେ ଏହି ସଫଳତା ହାସଲ କରିଥିଲେ। ଏଏସ୍‌ସିଏ ଲେଭଲ-୧ କୋର୍ସ ଖେଳାଳିଙ୍କ କ୍ଷେତ୍ରରେ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂର ମୌଳିକ ଶିକ୍ଷା ପ୍ରଦାନ କରିଥାଏ। ପୁରୀରେ ଜନ୍ମିତ ଶକ୍ତିସ୍ୱରୂପ ଗତ ସିଜନରେ ଓଡ଼ିଶା ୧୬ବର୍ଷରୁ କମ୍ ଦଳର ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ରହିଥିଲେ। ଏଏସ୍‌ସିଏ ଲେଭଲ-୧ ସଫଳତା ସହିତ ସେ ବିସିସିଆଇ ସିଓଇ କ୍ରିକେଟ ସ୍ପେସିଫିକ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଶକ୍ତିସ୍ୱରୂପଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ମିନି ଗଲ୍ଫ

## ବିକାଶ, ସୌମ୍ୟାଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ




ଭୁବନେଶ୍ୱର, ୨୩।୬ (ସମିସ): ଜାତୀୟ ବରିଷ୍ଠ ମିନି ଗଲ୍ଫର ୧୦ମ ସଂସ୍କରଣ ଚଳିତ ମାସ ୨୫ରୁ ନାଗପୁରରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୧୦ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଦଳର ଅଧିନାୟକ ରହିଥିବାବେଳେ ସେ ମଧ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ପୁରୁଷ ଦଳରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ରହିଛନ୍ତି। ସେହିଭଳି ସୌମ୍ୟାଶ୍ରୀ ରଥଙ୍କୁ ଓଡ଼ିଶା ମହିଳା ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଅନିକା ପଟ୍ଟନାୟକ, ଆଦିତି ପାଟିଲ, ରେଶମା ମାଝୀ ଓ ଆଇଶା ଘଟୁଆଳ ସ୍ଥାନ ପାଇଛନ୍ତି। ଅଭିପ୍ସା ପଣ୍ଡା ପ୍ରଶିକ୍ଷକ ଓ ଲତା ସମର୍ଥା ମ୍ୟାନେଜର ଭାବେ ମହିଳା ଦଳ ସହ ଗସ୍ତ କରିଛନ୍ତି। ଓଡ଼ିଶା ଦଳ ସୋମବାର ନାଗପୁର ଯାତ୍ରା କରିଛି। ଦଳର ସଫଳତା କାମନା କରି ଓଡ଼ିଶା ମିନି ଗଲ୍ଫ ସଂଘ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

# ହକିକୁ ଲଳିତ୍‌ଙ୍କ ଅଲ୍‌ବିଦା




ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଭାରତୀୟ ହକି ଦଳର ଭେଟେରାନ ଫରୱାର୍ଡ ଲଳିତ ଉପାଧ୍ୟାୟ ଶେଷରେ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲଳିତ ଅଗ୍ରଭାଗରେ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଥିଲେ। ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ କାଂସ୍ୟ ପଦକ ବିଜୟୀ କରାଇବାରେ ଲଳିତ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଲଳିତ ତାଙ୍କ ଅବସର ବାର୍ତ୍ତାରେ ଲେଖିଛନ୍ତି, 'ଏହି ଯାତ୍ରା ଏକ ଛୋଟିଆ ଗାଁରୁ ଆରମ୍ଭ ହୋଇଥିଲା। ଦୁଇ ଦୁଇଥର ଅଲିମ୍ପିକ ପୋଡିୟମରେ ଠିଆ ହେବା ଅବିସ୍ମରଣୀୟ ରହିଥିଲା। ୨୬ ବର୍ଷ ପରେ ମୋ ସହର ବାରଣାସୀରୁ ଅଲିମ୍ପିଆନ ହେବା ମୋ ପାଇଁ ବେଶ୍ ସମ୍ମାନଜନକ ଥିଲା'।

ବାରଣାସୀରେ ଜନ୍ମିତ ଲଳିତ ୨୦୧୪ ବିଶ୍ୱକପ୍‌ରେ ଖେଳି ଅନ୍ତର୍ଜାତୀୟ ହକିରେ ପାଦ ଥାପିଥିଲେ। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜୁନ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩୧ ବର୍ଷୀୟ ଲଳିତ ତାଙ୍କ ୧୧ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ଭାରତୀୟ ହକିର ଏକାଧିକ ସ୍ମରଣୀୟ ମୁହୂର୍ତ୍ତରେ ସାମିଲ ରହିଥିଲେ। ସେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ଟି ଗୋଲ୍ ସ୍କୋର କରିଛନ୍ତି। ଦୁଇଟି ଅଲିମ୍ପିକ୍ସ ପଦକ ବ୍ୟତୀତ ଲଳିତ ୨୦୧୬ ଏସିଆନ ଚାମ୍ପିଅନ୍ସ ଟ୍ରଫି ଓ ୨୦୧୭ ଏସିଆ କପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଭୁବନେଶ୍ୱରରେ ୨୦୧୭ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳରେ ସେ ଥିଲେ। ୨୦୨୧ରେ ତାଙ୍କୁ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲଳିତ ବର୍ତ୍ତମାନ ଉତ୍ତର ପ୍ରଦେଶ ପୁଲିସରେ ଡେପୁଟୀ ଏସ୍‌ପି ଭାବେ କାର୍ଯ୍ୟରତ ରହିଛନ୍ତି। ଲଳିତଙ୍କ ଅବସରକୁ ନେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, 'ଲଳିତ ଆମ ପିଢିର ସବୁଠୁ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରୁ ଅନ୍ୟତମ। ଅଲିମ୍ପିକ୍ ହେଉକି କୌଣସି ଲିଗ୍ ମ୍ୟାଚ୍ ହେଉ ସେ ସର୍ବଦା ଗର୍ବର ସହିତ ଭାରତୀୟ ଜର୍ସି ପରିଧାନ କରିଥାନ୍ତି।'

## ଖୋର୍ଦ୍ଧା ଜିଲ୍ଲା ଚେସ୍ ଶନିବାର

ଭୁବନେଶ୍ୱର, ୨୩।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ଜିଲ୍ଲା ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇଦିନ ଧରି ଘାଟିକିଆ ସ୍ଥିତ ଏପିଜେ ସ୍କୁଲ ପରିସରରେ ଖେଳାଯିବ। ଏଥିରେ ୩୨ଟି ଟ୍ରଫି ଓ ୪୦ଟି ଚେସ୍ ବହି ପ୍ରଦାନ କରାଯିବ ବୋଲି ଆୟୋଜକ ସଂଘର ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ଏଣ୍ଟ୍ରି ଫି ୫୦୦ ଟଙ୍କା ସହ ସ୍ୱୟଂଶୁ ସତ୍ୟକାମଙ୍କୁ ମୋବାଇଲ ନଂ- ୯୯୩୭୦-୦୭୯୪୫ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ନିଶାନ୍ତ ବିଶ୍ୱାଳ ଚାମ୍ପିଅନ




ଭୁବନେଶ୍ୱର,୨୩।୬ (ସମିସ): ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳ ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର-୨୦୨୫ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲରେ ନିଶାନ୍ତ ୬-୪ ଫ୍ରେମ୍‌ରେ ଟାଇଟଲ ଫେବରାଇଟ୍ ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ଜିତିନେଇଥିଲେ। କ୍ୟାରିୟରର ୭ମ ଟାଇଟଲ ଜିତିଥିବା ଏହି ଚାମ୍ପିଅନଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ଆଶୁତୋଷଙ୍କୁ ରନର ଅପ୍ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ମିଳିଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୨ ଫ୍ରେମ୍‌ରେ ଚିରାଗ ଅରୋରାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ନିଶାନ୍ତ ମଧ୍ୟ ୫-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରି ଦ୍ୱିତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ଶେଷରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ବିଏସ୍‌ଏଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଗୋବିନ୍ଦ ଶର୍ମା, ଭିଣ୍ଟେଜ୍ କ୍ଲବ୍‌ର ଦୁଇ ମାଲିକ ତଥା ଖେଳାଳି ଅମିୟ ରଞ୍ଜନ ନାୟକ ଓ ସତ୍ୟଦୀପ ଦାସ୍ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଓ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସାଭପତି ତାରାରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ସମିର ଅଲି ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS